୫୬
ଧରିତ୍ରୀ
DHARITRI
ରାୟଗଡ଼ା, ବୁଧବାର, ନଭେମ୍ବର ୨୭ /୨୦୧୯ (୧୬+୪ ପୃଷ୍ଠା) (ସାହିତ୍ୟାୟନ ସହ) Rayagada, Wednesday, November 27 / 2019 ★
୯ମ ଭାଗ ୨୮୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



## କପିଳ ଦେବ ସ୍ୱତନ୍ତ୍ର ଅତିଥି

ବାରବାଟୀ ଷ୍ଟାଡିୟମରେ ହେବାକୁଥିବା ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ କିମ୍ବଦନ୍ତୀ ଖେଳାଳି କପିଳ ଦେବ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେବେ। ୧୪

୧୦

## ପୁଣି ହାର୍ଦ୍ଦିକ୍-ଉର୍ବଶୀ ଲିଙ୍କଅପ୍

ବଲିଉଡ୍ ନାୟିକା ଉର୍ବଶୀ ରୌଟେଲା ନିଜର ଏକ ଫଟୋ ଅଫିସିଆଲ୍ ଇନ୍ଷ୍ଟାଗ୍ରାମରେ ଶେୟାର କରିଥିଲେ। ହାର୍ଦ୍ଦିକଙ୍କ ପୋଜ୍ ଭଳି ଏହା ହୋଇଥିବାରୁ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।



# ଖେଳ ଆରମ୍ଭ ହେଲା

ସବୁ ଭାବୁଥିଲେ ଯେ, ମୋଦି-ଶାହ ମେଣ୍ଟ ଏ ଦେଶରେ ସବୁଠାରୁ ଚତୁର ଏବଂ ଦକ୍ଷ। କୁହାଯାଉଥିଲା ଯେ ଅସମ୍ଭବକୁ ସମ୍ଭବ କରିପାରୁଛନ୍ତି ଅମିତ୍ ଶାହ, କାରଣ ହାରିଯିବା ପରେ ମଧ୍ୟ ଗୋଆ, କର୍ନାଟକ ଆଦି ରାଜ୍ୟରେ କିଣାବିକା କରି ସରକାର ଗଠନ କରିବାରେ କରିତ୍କର୍ମା ଭାବେ ଦେଖାଯାଉଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ଉତ୍ତରପ୍ରଦେଶର ଦାୟିତ୍ୱ ବହନ କରିଥିବା ଅମିତ୍ ଶାହଙ୍କ ଉପରେ ଅନେକ ବହି ମଧ୍ୟ ଲେଖାଯାଇଥିଲା। କିଛିଲୋକ ଅତି ବେଶି ଆଗୁଆ ହୋଇ ତାଙ୍କୁ ଆଧୁନିକ ଚାଣକ୍ୟ ଆଖ୍ୟା ଦେଇଥିଲେ। କିନ୍ତୁ ମହାରାଷ୍ଟ୍ର ରାଜନୀତିରେ ଫଡ଼ନବିସଙ୍କ ସମେତ ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ବାସ୍ତବ ଦକ୍ଷତାର ପ୍ରମାଣ ମିଳିଗଲା। କ୍ଷମତାର ଅପବ୍ୟବହାର କରି ଜୋରଜବରଦସ୍ତ କରାଇ ନେବାର ଆଭିମୁଖ୍ୟ ଭାରତ ଭଳି ଏକ ଗଣତାନ୍ତ୍ରିକ ଦେଶରେ ସର୍ବଦା ସଫଳ ହୁଏ ନାହିଁ। ଇନ୍ଦିରା ଗାନ୍ଧୀଙ୍କ ରାଜନୀତିକୁ କଠୋର ଭାଷାରେ ସମାଲୋଚନା କରିଆସୁଥିବା ଭାଜପା ଏବେ ସେହି ନୀତି ଆପଣାଇ ଭାରତର ସମଗ୍ର ରାଜନୈତିକ ଖେଳପଡିଆକୁ ମାଡିବସିବାର ଚେଷ୍ଟା ଏକ ବିରାଟ ବିଫଳତାର ସମ୍ମୁଖୀନ ହୋଇଛି। ଏବେ ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ବା ମହାବିକାଶ ଅଘାଡି ମେଣ୍ଟର ଯଦି ସରକାର ହୁଏ, ତେବେ ତାହା କେତେଦିନ ତିଷ୍ଠିବ କହିବା ଅତ୍ୟନ୍ତ କଷ୍ଟକର। ସମ୍ଭବତଃ ୬ ମାସରୁ ବର୍ଷକ ମଧ୍ୟରେ ସେହି ମେଣ୍ଟ ଭାଙ୍ଗିଯାଇପାରେ। ଅନ୍ୟପଟେ ଶରଦ ପାୱାରଙ୍କ ଖେଳ ଦେଖି ମନେହେଉଛି ଯେ, ଏହି ମେଣ୍ଟ ସମ୍ପୂର୍ଣ୍ଣ ୫ ବର୍ଷ ପୂରଣ କରିବାର ଶକ୍ତି ରଖିଥାଇପାରେ। ସେ ବିଷୟରେ ଏବେ କହିବା ଅସମ୍ଭବ। କିନ୍ତୁ ଗୋଟିଏ କଥା ପ୍ରମାଣିତ ହେଉଛି ଯେ, ସମ୍ପୂର୍ଣ୍ଣ ଖେଳ ପାୱାର ପରିବାରର 'ପାୱାରପ୍ଲେ'ରେ ହୋଇଗଲା। ଏହା ବିଶେଷ ଭାବରେ କୌତୂହଳ ସୃଷ୍ଟିକରୁଛି, କାରଣ ଦେବେନ୍ଦ୍ର ଫଡ଼ନବିସ ତାଙ୍କ ନିଜର ଶକ୍ତି ଜାଣିପାରିବା ପୂର୍ବରୁ ତାଙ୍କ ଦ୍ୱାରା ନିଯୁକ୍ତ ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର ନିଜର ଇସ୍ତଫା ୨୬ ନଭେମ୍ବରରେ ପ୍ରଦାନ କରିଦେଲେ। ପରିସ୍ଥିତି ଏଭଳି ହେଲା ଯେ, ଦୁଇଦିନ ପୂର୍ବରୁ ଶପଥ ନେଇଥିବା ଫଡ଼ନବିସ ପଛରେ ପଡିଗଲେ ଏବଂ ଅଜିତ୍‌ଙ୍କ ଇସ୍ତଫା ପରେ ନିଜେ ଇସ୍ତଫା ଦେଲେ। ଏହା ସ୍ପଷ୍ଟ ପ୍ରମାଣ କରିଦେଲା ଯେ, ଭାଜପା ତା'ର ବୁଦ୍ଧି ହରାଇବସିଛି।

**ତଥାଗତ ସତପଥୀ**

ପାୱାର ପରିବାରର ନାଟକରେ ଅଜିତ୍‌ଙ୍କ ସ୍ପଷ୍ଟ ଲାଭ ହେଲା। ଜଳସେଚନ ମନ୍ତ୍ରୀ ଥିବାବେଳେ ୭୦ ହଜାର କୋଟି ଟଙ୍କାର ଦୁର୍ନୀତି ସହ ସମ୍ପୃକ୍ତ ଥିବା ଅଜିତ୍ ନିଜ ବିରୋଧରେ ଥିବା ୯ଟି ମାମଲାରୁ ତତ୍‌କ୍ଷଣାତ୍ ମୁକ୍ତି ପାଇଗଲେ। ଅନ୍ୟପଟେ ସେହି ନାଟକର ମଧ୍ୟାନ୍ତରରେ ଶରଦ ପାୱାରଙ୍କ ସହଧର୍ମିଣୀ ପ୍ରତିଭା ପାୱାର ଆଗେଇ ଆସିଲେ ଅଜିତ୍‌ଙ୍କୁ ପୁନର୍ବାର ପରିବାର ଭିତରକୁ ଡାକିନେବାକୁ। ଭାଜପା କେବଳ ଯେ ବଦନାମ ହେଲା ତା' ନୁହେଁ, ବୁଦ୍ଧିର ଅଭାବ ସହିତ ଅତ୍ୟଧିକ କ୍ଷମତାଲୋଭ ତାହାକୁ ସାଧାରଣରେ ନିନ୍ଦିତ କଲା। ଅଜିତ୍‌ଙ୍କ ବିରୋଧରେ ସଙ୍ଗିନ ମାମଲା ପ୍ରତ୍ୟାହୃତ କରି ଭାଜପା ତା'ର ନୈତିକତା ସମ୍ପର୍କରେ ଦେଇ ଆସୁଥିବା ସବୁ ଭାଷଣକୁ ମିଥ୍ୟା ପ୍ରମାଣିତ କଲା। ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ସଂଖ୍ୟା ଜଣାପଡିଥିବା ସତ୍ତ୍ୱେ ଅର୍ଥଲୋଭ ଦେଖାଇ ବିଧାୟକ ଆଣିବାର ବିଫଳ ପ୍ରଚେଷ୍ଟା ଭାଜପାର କଳାଧନବିରୋଧୀ ଆଭିମୁଖ୍ୟକୁ ଅସତ୍ୟ ପ୍ରମାଣିତ କରିଛି। ମୋଟାମୋଟି ଦେଖିଲେ ଏହି ନାଟକରେ ସବୁଠାରୁ ଲାଭ ହେଲା ଅଜିତ୍ ଓ ପାୱାର ପରିବାରର । ମହାରାଷ୍ଟ୍ରରେ ସରକାର ଯଦି ଗଢି ତାହାକୁ କିଛିବର୍ଷ ପାଇଁ ରଖିପାରିଲେ ସମ୍ପୃକ୍ତ ୩ ଅଣ-ଭାଜପା ଦଳର ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଲକ୍ଷ୍ମୀଭଣ୍ଡାରର ଅଭାବ ରହିବ ନାହିଁ। ଏହି ଭଣ୍ଡାର ପାଇଁ ବ୍ୟାକୁଳତା ପଦାରେ ପକାଇଦେଇଥିବା ଭାଜପା ଅନେକ ପରିମାଣରେ କ୍ଷତି ସହିବ।

ସବୁଠାରୁ ବୃହତ୍ ଓ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଏହି ନାଟକରେ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହିବାର ୨ଟି ସାମ୍ବିଧାନିକ ପଦବୀର ମର୍ଯ୍ୟାଦା ଧୂଳିସାତ୍ ହୋଇଯାଇଛି। ଦେଶର ରାଷ୍ଟ୍ରପତି ହେଉଛନ୍ତି ସମ୍ବିଧାନର ମୁଖ୍ୟ ରକ୍ଷକ। ସେହି ବହି ବଳରେ ବଳୀୟାନ୍ ଦେଶର ରାଷ୍ଟ୍ରପତି ଓ ରାଜ୍ୟର ରାଜ୍ୟପାଳ ଉଭୟେ ଖୋଲାଖୋଲି ପକ୍ଷପାତିତା କରିଥିବାରୁ ଏକ ବିରାଟକାୟ ସାମ୍ବିଧାନିକ ଝଡ଼ ସୃଷ୍ଟି ହୋଇଛି। କରଦାତାଙ୍କ ଅର୍ଥରୁ ବଡ଼ ଆଡ଼ମ୍ବରରେ ରହି ପ୍ରବଳ ମାତ୍ରାରେ ଦରମା ନେଉଥିବା ଏହି ପଦବୀର ଏବକାର ଅଧିକାରୀ କୋବିନ୍ଦ ଓ କୋଶିୟାରୀ ରାତିଅଧିଆ ରାଷ୍ଟ୍ରପତି ଶାସନ ଜାରି, ବଡିଭୋରରୁ ପ୍ରତ୍ୟାହାର ଏବଂ ସକାଳ ୮ଟାରେ ରାଜ୍ୟପାଳଙ୍କ ଦ୍ୱାରା ଶପଥ ଦିଆଇବା ଭାରତୀୟ ସମ୍ବିଧାନ ସମ୍ପର୍କରେ କେତେକ ମୌଳିକ ପ୍ରଶ୍ନ ସୃଷ୍ଟି କରୁଛି। ଇନ୍ଦିରା ଗାନ୍ଧୀ ଅବିକଳ ଏହିଭଳି କାର୍ଯ୍ୟ କରୁଥିଲେ ବୋଲି ଏବେ ଭାଜପା ସମାଲୋଚନା କରୁଛି। କିନ୍ତୁ ନିଜେ ବିନା କ୍ୟାବିନେଟ ବୈଠକରେ ଜଣିକିଆ ନିଷ୍ପତ୍ତିକୁ ରାଷ୍ଟ୍ରପତି ମାନିନେଇ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି ଓ ତାହାକୁ ପ୍ରତ୍ୟାହାର କରିବା ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କଲା। କୌଣସି ସାମ୍ବିଧାନିକ ପରାମର୍ଶ ଲୋଡିବାକୁ ତାଙ୍କର ମନେ ପଡ଼ିଲା ନାହିଁ। ଏଠାରେ ତାଙ୍କର ଯୋଗ୍ୟତା ସମ୍ପର୍କରେ ପ୍ରଶ୍ନ ଉଠିପାରେ। ଅନୁରୂପଭାବେ କୋଶିୟାରୀଙ୍କ ଶପଥ ଦିଆଇବା ପୂର୍ବରୁ ବିଧାୟକଙ୍କ ସଂଖ୍ୟା ଗଣତି କରିବା ବିଷୟ ମନେ ପଡିଲା ନାହିଁ। ହୁଏତ ବୟସର ପ୍ରଭାବରେ ଏ ଦୁହେଁ ସ୍ମୃତିଶକ୍ତି ସମ୍ପୂର୍ଣ୍ଣ ଭାବେ ହରାଇ ବସିଛନ୍ତି।

ଏଭଳି ସ୍ଥଳେ ଆମେରିକା ଭଳି ଦେଶରେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଇମ୍ପିଚ୍‌ମେଣ୍ଟ ବା ମହାଭିଯୋଗ ନିଶ୍ଚିତ ଆରମ୍ଭ ହୋଇଯାଇ ଥାଆନ୍ତା। ଏକ ଉଡ଼ା ଖବର ଯୋଗୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ମହାଭିଯୋଗ ଅଣାଯାଇଛି। ତେବେ ଭାରତରେ ୫ ବର୍ଷ ପାଇଁ ରାଜନୈତିକ କ୍ଷମତା ହାସଲ କରିପାରିଥିବା ବ୍ୟକ୍ତିଙ୍କର ନୈତିକତାକୁ ସେହି ସମୟ ଭିତରେ ପ୍ରଶ୍ନ କରିବେ ନାହିଁ।

■ ମହାରାଷ୍ଟ୍ରରେ ଭାଜପା ଖେଳ ଶେଷ

# ପରାଜୟ ପୂର୍ବରୁ ପଳାୟନ

**ବାଟ ବତାଇଲେ ସୁପ୍ରିମକୋର୍ଟ**

- ଆଜି ସନ୍ଧ୍ୟା ୫ଟା ସୁଦ୍ଧା ଆସ୍ଥାଭୋଟ ନିର୍ଦ୍ଦେଶ ଦେଇଥିଲେ ସର୍ବୋଚ୍ଚ ଅଦାଲତ
- ଅଜିତ ପାୱାରଙ୍କ ପରେ ଦେବେନ୍ଦ୍ର ଫଡ଼ନବିସଙ୍କ ଇସ୍ତଫା
- ମୁଖ୍ୟମନ୍ତ୍ରୀ ହେବେ ଉଦ୍ଧବ ଠାକ୍‌ରେ
- ଆସନ୍ତା ୨୮ ତାରିଖରେ ଶିବାଜୀ ପାର୍କରେ ଶପଥଗ୍ରହଣ
- ଏନ୍‌ସିପିରୁ ଜୟନ୍ତ, କଂଗ୍ରେସରୁ ବାଲାସାହେବ ଉପମୁଖ୍ୟମନ୍ତ୍ରୀ
- ଭାଜପାର କାଳିଦାସ କୋଲମ୍ବକର ପ୍ରୋଟେମ୍ ସ୍ପିକର ନିଯୁକ୍ତ

**୭୯ ଘଣ୍ଟାର କ୍ଷମତା**

୨୩.୧୧.୨୦୧୯




୨୬.୧୧.୨୦୧୯




ନୂଆଦିଲ୍ଲୀ/ମୁମ୍ବାଇ,୨୬।୧୧

ମହାରାଷ୍ଟ୍ରରେ କ୍ଷମତା ଦଖଲ ପାଇଁ ଚାଲିଥିବା ଭାଜପାର ସଂଖ୍ୟାଖେଳ ଶେଷ ହୋଇଯାଇଛି। ବୁଧବାର ସନ୍ଧ୍ୟା ୫ଟା ସୁଦ୍ଧା ଆସ୍ଥାଭୋଟର ସମ୍ମୁଖୀନ ହୋଇ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ପାଇଁ ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବାରୁ ପ୍ରଥମେ ଉପମୁଖ୍ୟମନ୍ତ୍ରୀ ପଦରୁ ଅଜିତ ପାୱାର ଓ ପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଇସ୍ତଫା ଦେଇଛନ୍ତି। ଶକ୍ତିପରୀକ୍ଷାରେ ପରାଜୟ ସୁନିଶ୍ଚିତ ଜାଣି ଅପଦସ୍ତ ହେବା ଭୟରେ ଉଭୟେ ନିଜ ନିଜ ପଦ ଛାଡ଼ିଦେଇଥିବା କୁହାଯାଉଛି। ଶିବସେନା ନେତୃତ୍ୱରେ ତଥା ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଓ କଂଗ୍ରେସକୁ ନେଇ ଗଠିତ ମହାବିକାଶ ଅଘାଡ଼ି ସରକାର ଗଠନ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଘଟଣାକ୍ରମ ପଥ ପରିଷ୍କାର କରିଛି। ଡିସେମ୍ବର ୧ରେ ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବେ। ଏନ୍‌ସିପିର ଜୟନ୍ତ ପାଟିଲ ଓ କଂଗ୍ରେସର ବାଲାସାହେବ ଥୋରାଟ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ବୋଲି ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ରାୟ ମୁତାବକ ଆସ୍ଥାଭୋଟ କରାଇବା ପାଇଁ ରାଜ୍ୟପାଳ ଭଗତ ସିଂ କୋଶିୟାରୀ ବରିଷ୍ଠ ଭାଜପା ବିଧାୟକ କାଳିଦାସ କୋଲମ୍ବକରଙ୍କୁ ପ୍ରୋଟେମ୍ ସ୍ପିକର(କାମଚଳା ବାଚସ୍ପତି) ଭାବେ ନିଯୁକ୍ତ କରିଛନ୍ତି। କାଳିଦାସ ଅବଶିଷ୍ଟ ୨୮୭ ବିଧାୟକଙ୍କୁ ଶପଥପାଠ କରାଇବା ପରେ ଦେବେନ୍ଦ୍ରଙ୍କ ପରିବର୍ତ୍ତେ ଉଦ୍ଧବ ☞ ପୃଷ୍ଠା-୪

**ଆଜିର ମନ୍ତବ୍ୟ**

" ସାମ୍ବିଧାନିକ ନୈତିକତାକୁ ସମସ୍ତେ ମାନି ଚଳିବା ଉଚିତ।
-ରାମନାଥ କୋବିନ୍ଦ, ରାଷ୍ଟ୍ରପତି

**କିଛି ତଥ୍ୟ**

ଚଳିତ ବର୍ଷ ସେପ୍ଟେମ୍ବରରେ ୧୨.୨୩ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଛି।
- ଇଏସ୍ଆଇସି ପେରୋଲ ଡାଟା




Vencobb Fresh Chicken — Taste the difference!
26.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 85 | 139 | 149 |
| CTC | 84 | 137 | 147 |
| DKL | 85 | 139 | 149 |
| BDK | 83 | 136 | 146 |
| BLS | 84 | 137 | 147 |
| ANG | 85 | 139 | 149 |
| BHM | 81 | 133 | 143 |

Issued in the Interest of Consumers
*Conditions Apply

# 'ରତ୍ନଭଣ୍ଡାର ଖୋଲିବା ପାଇଁ ପ୍ରସ୍ତାବ ନାହିଁ'

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଶେଷଥର ପାଇଁ ୧୯୮୫ ଜୁଲାଇ ୧୪ରେ ଖୋଲାଯାଇଥିଲା। ସେହି ସମୟର ଗଣନାନୁଯାୟୀ, ଭଣ୍ଡାର ଘରେ ୪୫୪ ଗୋଟି ସୁନା ଅଳଙ୍କାର ଓ ଅନ୍ୟାନ୍ୟ ଜିନିଷ ୧୨,୮୩୪ ଭରି ୧୩/୪ ଅଣା(ମୂଲ୍ୟବାନ ପଥର ସହିତ) ରହିଛି। ଆଇନ ମନ୍ତ୍ରୀ ପ୍ରତାପ ଜେନା ମଙ୍ଗଳବାର ବିଧାନସଭାରେ ଉପରୋକ୍ତ ତଥ୍ୟ ରଖିଛନ୍ତି। ଜଟଣୀ ବିଧାୟକ ସୁରେଶ ରାଉତରାୟଙ୍କ ଏକ ଅଣତାରକା ପ୍ରଶ୍ନ ନଂ-୧୮୧୦ର ଲିଖିତ ଉତ୍ତର ରଖି ସେ ଏହା କହିଛନ୍ତି। ସେହିପରି ଭଣ୍ଡାର ଘରେ ୨୩୬ ଗୋଟି ରୁପା ଅଳଙ୍କାର ଓ ଅନ୍ୟାନ୍ୟ ଜିନିଷ ବାବଦରେ ୧୮,୮୧୫ଟି ଓ ୬ ଅଣା ଭରି(ମୂଲ୍ୟବାନ ପଥର ସହ) ରହିଛି। ଉପରୋକ୍ତ ସାମଗ୍ରୀ ମଧ୍ୟରୁ ୮ ଗୋଟି ସୁନା ମୂର୍ତ୍ତି, ୬ ରୁପା ବାସନ/ମୂର୍ତ୍ତି ବିଭିନ୍ନ କାରଣରୁ ଓଜନ ହୋଇ ପାରି ନ ଥିବାରୁ ଏହାର ପରିମାଣ ଆକଳନ କରାଯାଇନାହିଁ। ତଥ୍ୟ ରଖାଯାଇଥିବା ସାମଗ୍ରୀ ଓଜନ ମଧ୍ୟରେ ଏହି ଅଳଙ୍କାରଗୁଡିକର ଓଜନ ଅନ୍ତର୍ଭୁକ୍ତ କରାଯାଇନାହିଁ। ବର୍ତ୍ତମାନ ଅଳଙ୍କାରଗୁଡିକର ତନଖି ପାଇଁ ରତ୍ନଭଣ୍ଡାର ଖୋଲିବା ପାଇଁ କୌଣସି ପ୍ରସ୍ତାବ ନ ଥିବା ମନ୍ତ୍ରୀ ଲିଖିତ ଉତ୍ତରରେ ସ୍ପଷ୍ଟ କରିଛନ୍ତି। ୧୯୭୮ ମେ ୧୩ରୁ ସେହି ବର୍ଷ ଜୁଲାଇ ୨୩ ମଧ୍ୟରେ ତାଲିକା କରାଯାଇଥିବା ସୁନା, ରୁପା ସାମଗ୍ରୀ ଇତ୍ୟାଦି ସୁରକ୍ଷିତ ଥିବା କୁହାଯାଉଛି। ନିକଟ ଅତୀତରେ ସୁପ୍ରିମକୋର୍ଟ ଶ୍ରୀଜଗନ୍ନାଥ ମନ୍ଦିରର ସ୍ଥାବର ଅସ୍ଥାବର ସମ୍ପତ୍ତି ସମ୍ପର୍କିତ ତଥ୍ୟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ମନ୍ତ୍ରୀଙ୍କ ଉତ୍ତରରେ ଗଣାଯିବା ନେଇ କୌଣସି ସୂଚନା ନାହିଁ। ଏହାକୁ ନେଇ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଛନ୍ତି ଯେ, ଦୀର୍ଘବର୍ଷ ପୂର୍ବେ ଅଳଙ୍କାର ଗଣତି କରାଯାଇଥିଲା। ତେଣୁ ବର୍ତ୍ତମାନ ସମୟରେ ଗଣତି କରାଯିବାର ଆବଶ୍ୟକତା ରହିଛି। ଗଣନା ଅନୁଯାୟୀ ସାମଗ୍ରୀ ଅଛି ନା ନାହିଁ, ତାହା ଜାଣିବା ଦରକାର ବୋଲି ପ୍ରଦୀପ୍ତ କହିଛନ୍ତି।

# ଅକାମୀ ହେବନି ୧୫ ବର୍ଷର ପୁରୁଣା ଗାଡ଼ି

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)

୧୫ ବର୍ଷିଆ ପୁରୁଣା ଗାଡି ଅକାମୀ ହୋଇଯିବ। ସେସବୁ ଗାଡିକୁ ରାସ୍ତାରୁ ହଟାଇ ଦିଆଯିବା ନେଇ ଯେଉଁ ଚର୍ଚ୍ଚା ହେଉଥିଲା ସେଥିରେ ବିରାମ ଲାଗିଛି। ବର୍ତ୍ତମାନ ସୁଦ୍ଧା ଏ ନେଇ କୌଣସି ନିୟମ ହୋଇ ନାହିଁ। ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ଟୁଇଟ୍ ଯୋଗେ ସ୍ପଷ୍ଟ କରାଯାଇଛି। ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ଘରୋଇ ଯାନବାହନ(ଅଣଯାତ୍ରୀ ପରିବହନ)ଗୁଡିକର ରେଜିଷ୍ଟ୍ରେଶନ ସାର୍ଟିଫିକେଟ(ଆରସି)କୁ ନବୀକରଣ କରାଯାଇ ପାରିବ। ତେବେ ଯାତ୍ରୀବାହୀ/ମାଲ ପରିବହନ ଯାନବାହନଗୁଡିକର ଫିଟ୍‌ନେସ ସାର୍ଟିଫିକେଟ ଯେ ପର୍ଯ୍ୟନ୍ତ ବୈଧ ରହିଛି ସେ ଯାଏ ଗାଡିର ପଞ୍ଜୀକରଣ ବଳବତ୍ତର ରହିବ ବୋଲି ଏସ୍‌ଟିଏ ପକ୍ଷରୁ କୁହାଯାଇଛି।

ପିଏମ୍‌ଜିଏସ୍‌ୱାଇକୁ ନେଇ ଗୃହରେ ଉଦ୍‌ବେଗ

# ଠକ ଠିକାଦାର ହେବେ କଳାତାଲିକାଭୁକ୍ତ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ରାସ୍ତା ନିର୍ମାଣକୁ ନେଇ ମଙ୍ଗଳବାର ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଛି। ରାଜସ୍ୱ ଗ୍ରାମକୁ ହିସାବକୁ ନିଆଯାଇଥିବାରୁ ଉକ୍ତ ଯୋଜନାରେ ଅନେକ ବଡ଼ ବଡ଼ ଗ୍ରାମକୁ ମଧ୍ୟ ରାସ୍ତା ନିର୍ମାଣ ହୋଇପାରୁନାହିଁ। ଜନସାଧାରଣ ଯିବା ଆସିବା କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ସରକାର ପିଏମ୍‌ଜିଏସ୍‌ୱାଇ ଗାଇଡ୍‌ଲାଇନରେ ପରିବର୍ତ୍ତନ କରିବା ପାଇଁ କେନ୍ଦ୍ରକୁ ଅନୁରୋଧ କରନ୍ତୁ। ନଚେତ୍ ସେହି ସବୁ ଗ୍ରାମଗୁଡିକର ରାସ୍ତା ସଂଯୋଗ କରିବା ପାଇଁ ବ୍ୟବସ୍ଥା କରନ୍ତୁ। ଉଭୟ ବିରୋଧୀ ଏବଂ ଶାସକ ଦଳର ସଭ୍ୟମାନେ ମଙ୍ଗଳବାର ପ୍ରଶ୍ନୋତ୍ତର ବେଳେ ହଲାପଟା କରିଥିଲେ। ବିଜେଡି ସଭ୍ୟ ଅନନ୍ତ ଦାସ ମୂଳ ପ୍ରଶ୍ନରେ ପଚାରିଥିଲେ ଯେ, ପିଏମ୍‌ଜିଏସ୍‌ୱାଇରେ ରାସ୍ତା ନିର୍ମାଣ ପାଇଁ ଗାଇଡଲାଇନ୍ ହୋଇଥିଲେ ମଧ୍ୟ ରାଜ୍ୟରେ ଅନେକ ବଡ଼ ବଡ଼ ଗ୍ରାମରେ ଏକାଧିକ ପଡା ଗ୍ରାମ ଓ ହାମଲେଟ୍ ପାଇଁ ରାସ୍ତା ନିର୍ମାଣ କରାଯାଇପାରୁନାହିଁ। ସରକାର ଏ ଦିଗରେ କ'ଣ ପଦକ୍ଷେପ ନେଇଛନ୍ତି ଗୃହକୁ ଜଣାନ୍ତୁ ବୋଲି ସେ କହିଥିଲେ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ କହିଥିଲେ ପିଏମ୍‌ଜିଏସ୍‌ୱାଇ ନିୟମ ଅନୁଯାୟୀ, ☞ ପୃଷ୍ଠା-୪



**ସଂକ୍ଷେପରେ**

## ଧାନମଣ୍ଡି ପାଇଁ ପ୍ରଚାର ରଥ ଶୁଭାରମ୍ଭ

**ନବରଙ୍ଗପୁର,୨୬।୧୧(ବି.ପ୍ର.)-** ନବରଙ୍ଗପୁର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଧାନମଣ୍ଡି ପାଇଁ ଦୁଇଟି ପ୍ରଚାର ରଥକୁ ଜିଲାପାଳ ଅଜିତ କୁମାର ମିଶ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଜିଲାର ସମସ୍ତ ଚାଷୀ ଯେପରି ଉଚିତ ମୂଲ୍ୟରେ ଧାନ ବିକ୍ରି କରିପାରିବେ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଥିବା କହିଥିଲେ । ଚାଷୀ ମାନଙ୍କ କୌଣସି ଅସୁବିଧା ହେଲେ ତୁରନ୍ତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କହିଥିଲେ । ଏହି ପ୍ରଚାର ରଥ ଜିଲାର ୧୩ଟି ଲ୍ୟାମ୍ପସ ଅଧିନ ୫୪ଟି ମଣ୍ଡି ଅଧୀନରେ ପ୍ରଚାର କରିବ । ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଭାସ୍କର ରଇତୋ, ଆରଏମସି ସମ୍ପାଦକ ଅବକାଶ ବେହେରା, ମିଲର୍ସ ସଂଘ ସଭାପତି ତାପସ ତ୍ରିପାଠୀ, ଆରଏମସି ଉପସଭାପତି ଆଶିଷ ରଞ୍ଜନ ପଟ୍ଟନାୟକ, ଜିଲା ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ବେବର୍ତ୍ତା ପ୍ରମୂଖ ଉପସ୍ଥିତ ଥିଲେ ।

## ମଣ୍ଡେଇରେ ହେବ ମଞ୍ଚ ନାଟକ

**ନବରଙ୍ଗପୁର,୨୬।୧୧(ବି.ପ୍ର)-** ଲୋକ ମହୋତ୍ସବ ମଣ୍ଡେଇରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ମଣ୍ଡେଇ ନାଟକ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଜିଲାପାଳ କହିଛନ୍ତି । ଏହାର କାର୍ଯ୍ୟ ତ୍ୱରାନିତ୍ୱ କରିବା ଉପରେ କଳାକାରମାନଙ୍କୁ ପରାମର୍ଶ ଦେଇଛନ୍ତି । ସେହିପରି ମଣ୍ଡେଇ କବିକା ପୋଠସ୍ବବ ପାଇଁ କବିମାନେ ୨୦ ଟଙ୍କା ଦେବା ପାଇଁ ହୋଇଥିବା ନିଷ୍ପତ୍ତିରେ ମଧ ପରିବର୍ତ୍ତନ କରାଯାଇଛି । ଯେକୌଣସି କବି ଆସି କବିତା ପାଠ କରି ପାରିବେ । କବି ଓ କଳାକାରଙ୍କ ଦାବି ପ୍ରକାରେ ମଞ୍ଚ ନାଟକ କରାଯିବା ସହ କବି ସମ୍ମିଳନୀ ଦେୟ ମୁକ୍ତ କରାଯାଇଛି । ଆସନ୍ତା ଡିସେମ୍ବର ୧୦ ତାରିଖରେ ଲଳିତାଦେଇପୁର ଶାସନ ଶିବ ମନ୍ଦିରରୁ ମଣ୍ଡେଇ ଆରମ୍ଭ ହେବ । ସେହିଦିନ ନୂତନ ମଣ୍ଡେଇ ମଞ୍ଚରେ ନବରଙ୍ଗପୁର ବ୍ଲକ ସ୍ତରୀୟ ମଣ୍ଡେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

■ ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଘାଟିତ

# ଦେଶର ବିକାଶରେ ଯୁବସମାଜର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା

**ନବରଙ୍ଗପୁର,୨୬।୧୧(ବି.ପ୍ର.)**

କ୍ରୀଡା ଓ ଯୁବସେବା ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ସାଇ କଲ୍ୟାଣ ମଣ୍ଡପଠାରେ ଦୁଇଦିନିଆ ଜିଲାସ୍ତରୀୟ ଯୁବ ଉତ୍ସବ ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲାପାଳ ଅଜିତ କୁମାର ମିଶ୍ର ଯୋଗଦେଇ ଦେଶର ବିକାଶରେ ଯୁବ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ । ଯିବପିଢୀଙ୍କ ରାଷ୍ଟ୍ରନିର୍ମାଣରେ ମହତ ଅଧିକ ରହିଛି । ମୁଖ୍ୟମନ୍ତ୍ରୀ ଯୁବସମାଜର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ବିକାଶ ପାଇ ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି । ଯୁବକମାନେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟନେଇ ଆଗେଇବାକୁ ସେ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଖଣ୍ଡୀୟ ବନ ଅଧିକାରୀ ରଂଜିତ କୁମାର ମଲ୍ଲିକ ଯୋଗଦେଇ ଯୁବ ସମାଜ ବହୁତ ସ୍ୱପ୍ନ ଦେଖନ୍ତି । ନିଜକୁ ଭଲ ଭାବେ ପ୍ରତିଷ୍ଠିତ କରିବାକୁ ସେ କହିଥିଲେ । ଅନ୍ୟତମ ଅତିଥୀ ଜିଲା ସମାଜିକ ସୁରକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଡିକା ଯୋଗଦେଇ ଯୁବତୀଯୁବକମାନେ ନିଜର ବ୍ୟକ୍ତିତ୍ୱ ବିକାଶ କରିବା ସହ ଦେଶ ଗଠନରେ ସହାୟକ ହେବାକୁ ଆହ୍ୱାନ କରିଥିଲେ । ଜିଲା କ୍ରୀଡା ଅଧିକାରୀ ମହେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ କହିଥିଲେ । ପ୍ରଭାତ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ଜିଲା ସମସ୍ତ ୧୦ଟି ବ୍ଲକ ଓ ୨ଟି ପୌରାଞ୍ଚଳକୁ ୨୦୦ରୁ ଅଧିକ ଯୁବତୀ ଯୁବକ ଭାଗ ନେଇଛନ୍ତି ।

# ସମ୍ବିଧାନ ଦିବସ ପାଳିତ



ଡାବୁଗାଁଠାରେ ସମ୍ବିଧାନ ଦିବସରେ ଶପଥ ପାଠ କରାଯାଉଛି ।

**ନବରଙ୍ଗପୁର/ଡାବୁଗାଁ/କୋଡିଙ୍ଗା, ୨୬।୧୧(ବି.ପ୍ର./ଡି.ଏନ.ଏ)**

ଜିଲା ଆଇନସେବା ପ୍ରାଧିକରଣ ଏବଂ ଆଇନଜୀବୀ ସଂଘ ପକ୍ଷରୁ ମିଳିତ ଭାବେ ସ୍ଥାନୀୟ ଅଦାଲତ ପରିସର ସଂଘର ସମ୍ମିଳନୀ ଗୃହରେ ସମ୍ବିଧାନ ଦିବସ ଓ ଆଇନ ଦିବସ ପାଳିତ ହୋଇ ଯାଇଛି । ଜିଲା ଜଜ୍ ଅଶୋକ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ । ପ୍ରାଧିକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ । ସମସ୍ତ ବିଚାରପତି, ଆଇନଜୀବୀ, କୋର୍ଟ କର୍ମଚାରୀ ସମ୍ବିଧାନର ପ୍ରସ୍ତାବନାକୁ ପାଠକରି ମୌଳିକ ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧରେ ଶପଥ ପାଠ କରିଥିଲେ । ପ୍ରାଧ୍ୟାପକ ଡଃ. ବିଜୟ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସମ୍ବିଧାନ ଦିବସ ପାଳନର ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ଆଇନଜୀବୀ ପ୍ରକାଶ ଚନ୍ଦ୍ର ମିଶ୍ର, ସଲମା ବାନୋ ପ୍ରମୂଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲା ଆଇନଜୀବୀ ସଂଘର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ । ଅତିରିକ୍ତ ଜିଲାଜଜ୍ ପ୍ରଣୟ କୁମାର ଦାଶ, ରେଜିଷ୍ଟ୍ରାର ମନରଂଜନ ଦାଶ, ସବ ଜଜ୍ ଏସ. ଶୁଭଲକ୍ଷ୍ମୀ, ଏସଡିଜେଏମ ଅମିତ କୁମାର ବାରିକ, ପ୍ରଥମ ଶ୍ରେଣୀ ବିଚାର ପତି ବନୋଜା ମହାନ୍ତି, ସଂଘର ଉପସଭାପତି ହରିନାରାୟଣ ବେହେରା, ଯୁଗ୍ମ ସମ୍ପାଦକ ଦାମୋଦର ତ୍ରିପାଠୀ ଉପସ୍ଥିତ ଥିଲେ । ସେହିପରି ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷଠାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏଥିରେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଭାରତୀୟ ସମ୍ବିଧାନରେ ଥିବା ୧୧ଟି ମୌଳିକ କର୍ତ୍ତବ୍ୟ ବିଷୟରେ ଶପଥ ନେଇଥିଲେ । ବିଡିଓ ପଦ୍ମନାଭ ତ୍ରିପାଠୀ ସମ୍ବିଧାନର ଉଦ୍ଦେଶ୍ୟ ଉପରେ ବୁଝାଇଥିଲେ । ସହକାରୀ ଯନ୍ତ୍ରୀ ବିଜୟ କୁମାର ସିଂ, ସିଡିପିଓ ଯମୁନା ଭତ୍ରା, ମୁଖ୍ୟ କିରାଣୀ ପଞ୍ଚାନନ କର, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହେଶ୍ୱର ପ୍ରଧାନ ଉପସ୍ଥିତ ଥିଲେ । ସେହିପରି କୋଡିଙ୍ଗାସ୍ଥିତ ରାଜ ଚାଉଁରିଆ ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ଦ୍ୱାରା ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଗ୍ରାମ ପରିକ୍ରମା କରାଯାଇଥିଲା । ସମ୍ବିଧାନକୁ ସମ୍ମାନ ଜଣାଇ ଜୀବନଯାପନ କରିବୁ ବୋଲି ଉପସ୍ଥିତ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଶପଥ ପାଠ କରିଥିଲେ । ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷା ଅମିତା ରାୟ, ମୁଖ୍ୟବକ୍ତା ବିବେକ କୁମାର ମହାଲିକ, ପଞ୍ଚାନନ ଦୁରିଆ, ଦାମୋଦର ସାହୁ ଉପସ୍ଥିତ ଥିଲେ । ସେବା ଯୋଜନା ପ୍ରୋଗାମ ଅଧିକାରୀ ରବି ନାରାୟଣ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ନିଯୁକ୍ତି ମେଳା ପାଇଁ ପ୍ରସ୍ତୁତି ବୈଠକ

**ଡାବୁଗାଁ,୨୬।୧୧ (ଡି.ଏନ.ଏ.)**

ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ନିଯୁକ୍ତି ମେଳା ପାଇଁ ପ୍ରସ୍ତୁତି ବୈଠକ ବିଡିଓ ପଦ୍ମନାଭ ତ୍ରିପାଠୀଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସ ୨୮ ତାରିଖରେ ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ଏଥିରେ ବିଭିନ୍ନ ତାଲିମ ଅନୁଷ୍ଠାନ, ବିଭିନ୍ନ ଶିଳ୍ପାନୁଷ୍ଠାନରୁ କର୍ମକର୍ତ୍ତାମାନେ ଯୋଗଦେଇ ବ୍ଲକରୁ ଆସିଥିବା ଶିକ୍ଷିତ ଯୁବତୀ ଯୁବକ ମାନଙ୍କୁ କାଉନସିଲିଂ କରି ନିଜ ଅନୁଷ୍ଠାନରେ ନିଯୁକ୍ତି ଦେବା ନେଇ କାର୍ଯ୍ୟକ୍ରମ ରହିଛି । ଯୁବତୀ ଯୁବକମାନେ ଏହି ମେଳାରେ ଯୋଗଦେବେ ସେନେଇ ଆଲୋଚନା କରାଯାଇଥିଲା । ଏଥିରେ ସିଡିପିଓ ଯମୁନା ଭତ୍ରା, ମୁଖ୍ୟ କିରାଣୀ ପଞ୍ଚାନନ କର, ସହକାରୀ ଯନ୍ତ୍ରୀ ବିଜୟ କୁମାର ସିଂ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହେଶ୍ୱର ପଧାନ, ଅଙ୍ଗନୱାଡି ସୁପରଭାଇଜର ମିନତୀ ଦାଶ, ପ୍ରଣମିତା ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ଦାଶ, କୁନମୁନ ସେନାପତି, ରୋଜାଲିନୀ ପ୍ରଧାନ, ବିମଳା କୁମାରୀ ନାୟକ, ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ଅର୍ଜୁନ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇନ ଦିବସ ପାଳିତ

**ଚନ୍ଦାହାଣ୍ଡି,୨୬।୧୧ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିସ୍ଥିତ ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତ ତଥା ତାଲୁକ ଆଇନ ସେବା ପ୍ରାଧିକରଣ କମିଟି ଆନୁକୂଲ୍ୟରେ ଜାତୀୟ ଆଇନ ଦିବସ ବା ସମ୍ବିଧାନିକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଚନ୍ଦାହାଣ୍ଡି ଜେଏମଏଫସି ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ସୌଭାଗ୍ୟରଞ୍ଜନ ପ୍ରଧାନ ପୌରହିତ୍ୟ କରି କିଭଳି ନାଗରିକ ଆଇନସେବା ପାଇପାରିବେ ଏବଂ କିଭଳି ଭାବରେ ଭାରତର ସମ୍ବିଧାନ ତଥା ଭାରତୀୟ ଆଇନ ବ୍ୟବସ୍ଥା ସୁରକ୍ଷିତ ରହିପାରିବ ସେ ନେଇ ଆଲୋଚନା କରିବା ସହ ଆଇନର ଉପାଦେୟତା ସମ୍ପର୍କରେ ଅଭିଭାଷଣ ଦେଇଥିଲେ । ଆଇନଜୀବୀ ମହମ୍ମଦ ହୁସେଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ତଥା ଆଇନସେବା ପ୍ରାଧିକରଣ କମିଟିର ସଦସ୍ୟ ସୁମନ୍ତ କୁମାର କୁଣ୍ଡୁ, ଆଇନଜୀବୀ ମନୋଜ କୁମାର ବାରିକ ଯୋଗ ଦେଇଥିଲେ । ଆଇନଜୀବୀ କ୍ଷେମରାଜ ବାଘ ସ୍ୱାଗତ ଭାଷଣ ଦେଇଥିଲେ । ଜୟଦେବ ଖମାରୀ, ହୁମେଶ୍ୱର ହଂସ, ଭିଷ୍ମ ସୁନାନି, ସୀମାଞ୍ଚଳ ପଣ୍ଡା, ବଂଶୀଧର ନାୟକ, ରମେଶ ଚନ୍ଦ୍ର ଖୁଣ୍ଟିଆ, କେଶରୀ ମନହିରା, କେଦାର ପାଣ୍ଡିଆ, ସରୋଜ ପତି, ସୁପେରିୟା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ପାନାବେଡା ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ କୁମାର ମାଝିଙ୍କ ଅଧକ୍ଷତାରେ ଆଇନ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଭଜନଲାଲ ମାଝି ଯୋଗ ଦେଇଥିବାବେଳେ ଶିକ୍ଷକ ବାବୁଧର ସାହୁ, ଘନଶ୍ୟାମ ସାହୁ, ଦୈତାରୀ ସାହୁ, ଦେବବ୍ରତ ବିଶ୍ୱାଳ, ମହନସୁନ୍ଦର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

■ ୨୮ ରେ ବିଜେଡିର ବନ୍ଦ ଡାକରାକୁ ଭାଜପାର ନିନ୍ଦା

# ଜିଲାର ଅନ୍ୟ ସମସ୍ୟା ଭୁଲିଯାଉଛି ବିଜେଡି: ବଳଭଦ୍ର


ଖବରଦାତା ସମ୍ମିଳନୀରେ ପୂର୍ବତନ ଏମପି ବଳଭଦ୍ର ମାଝି ଓ ଅନ୍ୟମାନେ ।

**ଉମରକୋଟ,୨୬।୧୧(ଡି.ଏନ.ଏ)**

ଉମରକୋଟ ଭାଜପା କାର୍ଯ୍ୟାଳୟରେ ଭାଜପା ତରଫରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ସଭାପତି ଗୋବିନ୍ଦ ଜୈନ, ପୂର୍ବତନ ଏମପି ଇଂ ବଳଭଦ୍ର ମାଝି, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ଉମରକୋଟ ଟାଉନ ଭାଜପା ସମ୍ପାଦକ ସୁରେଶ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ । ଆସନ୍ତା ୨୮ ତାରିଖରେ ବିଜେଡି ତରଫରୁ ୪ ଘଣ୍ଟିଆ ବନ୍ଦ ଡାକରାକୁ ଭାଜପା ନିନ୍ଦା କରିଛି । ପୂର୍ବତନ ଏମପି ବଳଭଦ୍ର ମାଝି କହିଥିଲେ ଯେ ନବରଙ୍ଗପୁର ଜିଲା ପାପଡାହାଣ୍ଡିରୁ ରାଇଘର ଖିଲଲି ଭାୟା ଛତିଶଗଡ ରାସ୍ତା ଧମତେରି ପର୍ଯ୍ୟନ୍ତ ଜାତୀୟ ରାଜପଥ ଘୋଷଣା ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାମ ନ ହେବାକୁ ନେଇ ବିଜେଡି ଯେଉଁ ବନ୍ଦ ଡାକରା ଦେଇଛି ତାହା ହାସ୍ୟପଦ । ନବରଙ୍ଗପୁର ଜିଲାରେ କଣ ଆଉ କିଛି ସମସ୍ୟା ନାହିଁ କି ବୋଲି ପ୍ରଶ୍ନ କରିଥିଲେ । ପୂର୍ବରୁ ରାଜ୍ୟ ରାଜପଥ ଉମରକୋଟ ଠାରୁ ଖିଲଲି ପର୍ଯ୍ୟନ୍ତ ହୋଇଥିବା ରାସ୍ତା କାମ ଅତି ନିମ୍ନମାନର ବୋଲି ବିଜେଡି ଯେଉଁ ଅଭିଯୋଗ ଆଣିଛି ତାହା ସ୍ୱାଗତଯୋଗ୍ୟ । ତେବେ ଜିଲା ସାରା ଯେଉଁ ରାସ୍ତା କାମ ହେଉଛି ତାହା ମଧ ନିମ୍ନମାନର ହେଉଛି । ସେହିପରି ଉମରକୋଟରେ ବ୍ଲଡବ୍ୟାଙ୍କ, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା, ଉମରକୋଟକୁ ସବଡିଭିଜନ ମାନ୍ୟତା ପାଇଁ ଘୋଷଣା ହୋଇଥିଲେ ମଧ ଏହା ତ୍ୱରାନ୍ୱିତ କରିବା ନିମନ୍ତେ ଉଦ୍ୟମ ନ କରି ନିର୍ଦ୍ଦିଷ୍ଟ ରାସ୍ତା ନିମନ୍ତେ ବିଜେଡି ବନ୍ଦ ଡାକରା ଦେବା କେତେ ଦୂର ଯୁକ୍ତି ଯୁକ୍ତ ବୋଲି ବଳଭଦ୍ର କହିଥିଲେ ।



## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଦେବାଶ୍ରୀତା ପଣ୍ଡା


ପିଙ୍କୁ ଥାଟି

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ଟ୍ରାକ୍ଟର ଓଲଟି ୩୩ ଆହତ

- ଆହତଙ୍କ ମଧ୍ୟରେ ଅଛନ୍ତି ୩ ନାବାଳିକା, ୩୦ ମହିଳା
- ୯ ମହିଳାଙ୍କ ଅବସ୍ଥା ଗୁରୁତର

**ଝରିଗାଁ, ୨୬।୧୧(ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ଫୁଫୁଗାଁ ଗ୍ରାମ ନିକଟରେ ମଙ୍ଗଳବାର ପୂର୍ବାହ୍ଣ ୯ଟାରେ ଏକ ଟ୍ରାକ୍ଟର ଓଲଟି ପଡିବାରୁ ୩୩ ଜଣ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରେ ୩ ନାବାଳିକା ଓ ୩୦ ମହିଳା ରହିଛନ୍ତି। ସେମାନଙ୍କ ମଧ୍ୟରୁ ୯ ମହିଳାଙ୍କ ଅବସ୍ଥା ଗୁରୁତର ରହିଛି। ଆହତମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଫୁଫୁଗାଁ ପଞ୍ଚାୟତ ପୂର୍ଣ୍ଣଗୁଡା ଗ୍ରାମର ମହିଳାମାନେ ମକା ଭାଙ୍ଗିବା ପାଇଁ ଏକ ଟ୍ରାକ୍ଟର ଟ୍ରଲିରେ ବସି ସାରିଆପଡା ଗ୍ରାମକୁ ଯାଉଥିଲେ। ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଫୁଫୁଗାଁ ଗ୍ରାମ ନିକଟ ରାସ୍ତା କଡରେ ଓଲଟି ପଡିଥିଲା। ଟ୍ରାକ୍ଟରରେ ବସିଥିବା ୩ ନାବାଳିକାଙ୍କ ସହ ୩୦ ମହିଳା ଆହତ ହୋଇଛନ୍ତି। ଆହତମାନେ ହେଲେ ୩ ନାବାଳିକା ବନିତା ଭତ୍ରା(୧୩), ଡାଳିମ୍ବ ଭତ୍ରା(୧୬), ସାବିତ୍ରୀ ଭତ୍ରା(୧୬) ଏବଂ ମହିଳାମାନେ ହେଲେ ହେମ ଭତ୍ରା(୩୨), ଯମୁନା ଭତ୍ରା(୩୫), ବିମଳା ଭତ୍ରା(୨୬), ନେପୁରା ଭତ୍ରା(୧୮), ରାଇମତୀ ଭତ୍ରା(୩୩), ମୋଙ୍ଗରୀ ଭତ୍ରା(୬୦), ବଇଦି ଭତ୍ରା(୨୫), ଜୟନ୍ତି ଭତ୍ରା(୨୨), ସତାଇ ଭତ୍ରା(୪୫), ସୋନି ଭତ୍ରା(୫୦), ପଦମିନି ଭତ୍ରା(୨୫), ମିଥିଳା ଭତ୍ରା(୩୫), ଲକ୍ଷ୍ମୀ ଭତ୍ରା(୨୮), ଜଗତୀ ଭତ୍ରା(୨୧), ପୂର୍ବା ଭତ୍ରା(୨୦), ସୁମିତ୍ରା ଭତ୍ରା(୩୮), ରାଧିକା ଭତ୍ରା(୩୦), ପ୍ରଭାତୀ ଭତ୍ରା(୩୦), ଗୌରୀ ଭତ୍ରା(୫୦), କୁମାରୀମଣି ଭତ୍ରା(୬୦), ଦଇମତୀ ଭତ୍ରା(୪୦)। ସେହିପରି ପଦମା ଭତ୍ରା(୨୨), ନବିନା ଭତ୍ରା(୪୫), ସୁମିତ୍ରା ଭତ୍ରା(୨୦), ମୁକ୍ତା ଭତ୍ରା(୫୦), ଗଙ୍ଗେଇ ଭତ୍ରା(୩୦), ନୀଲେନ୍ଦ୍ରୀ ଭତ୍ରା(୩୦), ଦଇମତୀ ଭାତ୍ରା(୨୫), ତିଲୋତ୍ତମା ଭତ୍ରା(୨୦), ପୁରବା ଭତ୍ରା(୩୦)ଙ୍କ ଅବସ୍ଥା ଗୁରୁତର ରହିଛି। ଖବରପାଇ ଘଟଣାସ୍ଥଳେ ଥାନା ଅଧିକାରୀ ନରେଶ କୁମାର ପ୍ରଧାନ, ଏସଆଇ ଶଙ୍କର କୁମାର ମାଝୀ, ଏଏସଆଇ ମନ୍ମଥ କୁମାର ଦେଉରୀ ପ୍ରମୁଖ ପହଞ୍ଚି ଆହତମାନଙ୍କୁ ପିକ୍‌ଅପ୍ , ଅଟୋ, ୧୦୮ ଆମ୍ବୁଲାନ୍ସ ଏବଂ ପୋଲିସ ଗାଡିରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ସୋମା ଦାଶ, ଡାକ୍ତର ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଆହତ ଓ ଗୁରୁତରମାନଙ୍କୁ ଚିକିତ୍ସା କରିଥିଲେ। ଟ୍ରାକ୍ଟର ଜବତ କରାଯିବା ସହ ଗାଡି ମାଲିକ ଥାନାରେ ଅଟକ ରହିଥିବା ନେଇ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## 'ଅକଳରେ ଅର୍ଥନୀତି'

ଧରିତ୍ରୀର ୪୬ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଇଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ 'ଅକଳରେ ଅର୍ଥନୀତି'। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି- ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍‌କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସ୍ପେସ୍‌ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।




ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ ହେବ

**ମୂଲ୍ୟ: ଟ ୮୦/-**

**ଯୋଗାଯୋଗ: ରାୟଗଡ଼ା:** ଶୀତେନ୍ଦ୍ର ପତଙ୍ଗ (୯୩୩୭୨୧୬୫୬୨,୯୪୩୭୩୯୧୧୯୨)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

- ଆଗୁଆ ବିଧାନସଭା ବନ୍ଦ ଆଶଙ୍କା

# ସରକାରଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିଲେ ବିରୋଧୀ ଦଳ ନେତା

**ଭୁବନେଶ୍ୱର,୨୬।୧୧(ବ୍ୟୁରୋ)**

ନଭେମ୍ବର ୧୩ ତାରିଖରୁ ଷୋଡଶ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହୋଇଛି। ଇତିମଧ୍ୟରେ ଗୃହରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ୍ ମଧ୍ୟ ଗୃହୀତ ହୋଇ ସାରିଛି। ବିଶେଷ କିଛି କାର୍ଯ୍ୟକ୍ରମ ନ ଥିବାରୁ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଚଳିତ ଅଧିବେଶନକୁ ସରକାର ବନ୍ଦ କରିଦେବେ ବୋଲି କୁହାଯାଉଛି। ଏଭଳି ଆଶଙ୍କା କରି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ମଙ୍ଗଳବାର ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ ବିଧାନସଭା ଅଧିବେଶନ ନଭେମ୍ବର ୧୩ରୁ ଆରମ୍ଭ ହୋଇ ଡିସେମ୍ବର ୧୯ ପର୍ଯ୍ୟନ୍ତ ଚାଲିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। କାର୍ଯ୍ୟ ଅବଧି ଶେଷ ହୋଇ ନ ଥିବାବେଳେ ଗୃହକୁ ବନ୍ଦ କରିଦେବା ଲାଗି ମନ୍ତ୍ରଣା ଚାଲିଛି। ଗୃହ ଚାଲିବା ପାଇଁ ସରକାରଙ୍କ ପାଖରେ ଆଉ କୌଣସି ବିଜ୍‌ନେସ ନାହିଁ ବୋଲି କୁହାଯାଉଛି। ସରକାରଙ୍କ ପାଖରେ କେତେ ବିଜ୍‌ନେସ ଅଛି ଓ ଅଧିବେଶନ କେତେଦିନ ଚାଲିବ ଏ କଥା କ'ଣ ସରକାର ବିଜ୍ଞପ୍ତି ପୂର୍ବରୁ ଜାଣି ନ ଥିଲେ କି। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କ'ଣ ଗୃହର ବ୍ୟବସାୟ ନୁହେଁ। ଆହୁରି ହଜାର ହଜାର ସଂଖ୍ୟାରେ ପ୍ରଶ୍ନର ଉତ୍ତର ଦେବାକୁ ରହିଛି। ସରକାର ଏତେ ଶୀଘ୍ର ଆଲୋଚନାକୁ କାହିଁକି ଡରୁଛନ୍ତି ବୋଲି ବିରୋଧୀ ଦଳ ନେତା ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ବିଧାନସଭାରେ ଆଲୋଚନା ଓ ଜନସାଧାରଣଙ୍କ ସମସ୍ୟା ଉପରେ ସରକାରଙ୍କ ପ୍ରତିକ୍ରିୟା ହେଉଛି ଗଣତାନ୍ତ୍ରିକ ବ୍ୟବସ୍ଥା। ଏହାକୁ ଚକ୍ରାନ୍ତ କରି ବ୍ୟବସାୟୀକରଣ କରାଯାଉଛି। ଶାସକ ଦଳର ସଂଖ୍ୟାଗରିଷ୍ଠତା ନା ଆଇନରେ ଥିବା ବିଧିବ୍ୟବସ୍ଥା କିଏ ସରକାରଙ୍କୁ ପରିଚାଳନା କରିବ। ଏକଥା ଗୃହରେ ସ୍ପଷ୍ଟ ହେବା ଦରକାର ବୋଲି ପ୍ରଦୀପ୍ତ କହିଛନ୍ତି। ନୂଆ ସରକାର ଆସିବାର ଗୋଟିଏ ବର୍ଷ ମଧ୍ୟ ପୂରି ନାହିଁ। ହେଲେ ରାଜ୍ୟରେ ଏତେ ଆନ୍ଦୋଳନ କାହିଁକି ମୁଣ୍ଡ ଟେକୁଛି। ଲୋୟର ପିଏମ୍‌ଜିରେ ଧାରଣା ଦେଇଥିବା ଲୋକଙ୍କୁ ଗଣିଦେଲେ ଜଣାପଡିଯିବ ଯେ ଲୋକଙ୍କ ମଧ୍ୟରେ କେତେ ଅସନ୍ତୋଷ । ଏ ସବୁ ଉପରେ ଆଲୋଚନା ନ କରିବାକୁ ସରକାର ପଛଘୁଞ୍ଚା ଦେଉଛନ୍ତି ବୋଲି ପ୍ରଦୀପ୍ତ କହିଛନ୍ତି।

# ୫କୁଇଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ

**କୋରୁକୋଣ୍ଡା, ୨୬।୧୧(ଡି.ଏନ.ଏ.)**

ଚୋରା ଗଞ୍ଜେଇ ଚାଲାଣ ହେଉଥିବା ଏକ ପିକ୍‌ଅପ୍ ଭ୍ୟାନକୁ ମାଲକାନଗିରି ଜିଲା ଓରକେଲ ପୋଲିସ ଜବତ କରିଛି। ସେଥିରୁ ମିଳିଥିବା ୫୦୩ କିଲୋ ୮୦୦ ଗ୍ରାମ ଗଞ୍ଜେଇକୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ ବିଶ୍ୱଜିତ ମଣ୍ଡଳ(୩୩)। ସେ ଏମ୍‌ଭି-୭୯ ଥାନା ଅନ୍ତର୍ଗତ ଏମପି ଭି-୪୯ ଗ୍ରାମର ବାସିନ୍ଦା ବୋଲି ଜଣାପଡିଛି। ଓର୍କେଲ ପୋଲିସ ଗଞ୍ଜେଇ ଚୋରାଚାଲାଣ ସମ୍ପର୍କରେ ସୋମବାର ଖବର ପାଇଥିଲା। ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏସଆଇ କୃତିବାସ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ସୋରଲୁକୋଣ୍ଡା ହାଟପଦା ନିକଟରେ ଗାଡିମୋଟର ଯାଞ୍ଚ କରାଯାଇଥିଲା। ଏହି ସମୟରେ ଏକ ପିକ୍‌ଅପ୍ ଭ୍ୟାନ (ଓଡି ୩୦ ବି- ୫୨୪୯) ଦ୍ରୁତ ଗତିରେ ଆସୁଥିବା ଦେଖି ପୋଲିସ ଅଟକାଇଥିଲା। ଗାଡି ଯାଞ୍ଚ ସମୟରେ ସେଥିରୁ ଗଞ୍ଜେଇ ମିଳିଥିଲା। ୧୧ଟି ପ୍ୟାକେଟରେ ୫୦୩ କିଲୋ ୮୦୦ ଗ୍ରାମ ଗଞ୍ଜେଇ ଥିଲା। ଗିରଫ ବିଶ୍ୱଜିତ ଏହି ଗଞ୍ଜେଇକୁ ଛତିଶଗଡ଼କୁ ଚାଲାଣ କରୁଥିଲେ ବୋଲି ପଚରାଉଚରା ବେଳେ କହିଥିବା ତଦନ୍ତକାରୀ ଅଧିକାରୀ କୃଷ୍ଣା କୁମାରୀ ପ୍ରଧାନ ପ୍ରକାଶ କରିଛନ୍ତି। ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ମଙ୍ଗଳବାର କେସ୍ ନଂ. ୨୦୫/୧୯।



## ଜିଲା ଚିଠି
### କେନ୍ଦୁଝର



# ବିଳମ୍ବିତ ପ୍ରକଳ୍ପ

ଜଳସେଚନ ବ୍ୟବସ୍ଥାର ପ୍ରସାର ଲାଗି ସରକାର ଗୁରୁତ୍ୱ ଦେଉଥିବା ବେଳେ କେନ୍ଦୁଝର ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ୩୯ ବର୍ଷ ତଳେ ଜିଲାର ଯୋଡ଼ା, ଚମ୍ପୁଆ, ଝୁମ୍ପୁରା, ପାଟଣା ଓ କେନ୍ଦୁଝର ସଦର ଆଦି ୫ଟି ବ୍ଲକର ୨୪୪ ପଞ୍ଚାୟତର ୭୩,୦୮୮ଏକର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ଲାଗି ବୈତରଣୀ ନଦୀରେ ଯୋଡ଼ା ବ୍ଲକ ବାସୁଦେବପୁର ନିକଟରେ ବୃହତ୍ କାନପୁର ଜଳସେଚନ ଯୋଜନା ନିର୍ମାଣ ପରିକଳ୍ପନା କରାଯାଇଥିଲା। ୧୯୮୦ ମସିହାର କଥା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହି ପ୍ରକଳ୍ପ ନିର୍ମାଣ ଲାଗି ଶିଳାନ୍ୟାସ କରିଥିଲେ। କାମ ନ ହେବାରୁ ୧୯୯୫ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପୁନଶ୍ଚ ଏହାର ଶିଳାନ୍ୟାସ କରିଥିଲେ। ଏହାସତ୍ତ୍ୱେ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରି ନ ଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୪ରେ ଆଉ ଥରେ ଶିଳାନ୍ୟାସ କରିବାରୁ କାର୍ଯ୍ୟାରମ୍ଭ ହୋଇଥିଲା। ସେତେବେଳେ ୨୦୦୯ ସୁଦ୍ଧା ନିର୍ମାଣ ଶେଷ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଏହାମଧ୍ୟରେ ଧାର୍ଯ୍ୟ ସମୟସୀମା ଅତିକ୍ରମ କରି ପ୍ରାୟ ଏକ ଦଶନ୍ଧି ବିତିଲାଣି। ଜମି ଅଧିଗ୍ରହଣ, ବିସ୍ଥାପନ ଓ ଥଇଥାନ ଭଳି କାର୍ଯ୍ୟ ସମେତ ଜଙ୍ଗଲ କିସମ ଜମିର ପରିବର୍ତ୍ତନ ହୋଇପାରୁ ନ ଥିବାରୁ ନିର୍ମାଣ କାମ ଆଗେଇ ପାରୁନାହିଁ।

ଉଲ୍ଲେଖନୀୟ ଯେ, ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଚାଷ ଜମିକୁ କେନାଲ ପାଣି ମାଡିବ ଓ ଦୋଫସଲି ଚାଷ ହେବ ବୋଲି ସମ୍ପୃକ୍ତ ଅଞ୍ଚଳର ଚାଷୀ ଯେଉଁ ଆଶା ବାନ୍ଧିଥିଲେ, ତାହା ଆଜି ବି ଅଧୁରା ହୋଇରହିଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ପ୍ରକଳ୍ପ ଲାଗି ପାଖାପାଖି ୨୨୦୦ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ନିର୍ମାଣ କାର୍ଯ୍ୟରେ ଅଯଥା ବିଳମ୍ବ ଘଟୁଥିବାରୁ ପ୍ରକଳ୍ପ ଶେଷହେବା ବେଳକୁ ଏହାର ବ୍ୟୟ ଅଟକଳ ୩ ହଜାର କୋଟି ଟପିଯିବ ବୋଲି ଆଶଙ୍କା କରାଯାଉଛି। ୨୦୦୪ରେ ଏହି ପ୍ରକଳ୍ପ ଲାଗି ବ୍ୟୟ ଅଟକଳ ଥିଲା ମାତ୍ର ୪୩୧ କୋଟି ଟଙ୍କା। ୨୦୧୧ ବେଳକୁ ବ୍ୟୟ ଅଟକଳ ବୃଦ୍ଧି ପାଇ ୪୫୦ କୋଟି ଟଙ୍କାରେ ପହଞ୍ଚିଥିଲା। ୨୦୧୩-୧୪ ରେ ପୁନଶ୍ଚ ଅଟକଳ ବୃଦ୍ଧି ପାଇ ୧୦୬୭ କୋଟି ଟଙ୍କା ହୋଇଥିଲା। ସରକାରଙ୍କ ବିସ୍ଥାପନ ଓ ଥଇଥାନ ନୀତି ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଇ ଅନେକ ସମୟରେ ଆନ୍ଦୋଳନ ହେଉଥିବାରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା କୁହାଯାଉଛି। ବୃହତ୍ କାନପୁର ଜଳସେଚନ ଯୋଜନା ଦ୍ୱାରା ୩,୫୪୯ ପରିବାର ବିସ୍ଥାପିତ ହେବାକୁ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏମାନଙ୍କ ମଧ୍ୟରୁ ୧, ୭୬୯ଟି ପରିବାରଙ୍କୁ ଥଇଥାନ କରାଯାଇପାରିଛି। ଅବଶିଷ୍ଟ ୧,୮୨୫ ପରିବାର ବାଦ୍ ପଡ଼ିଥିବା ଅଭିଯୋଗ ହେଉଛି। ପ୍ରକଳ୍ପର ଅଗ୍ରଗତି ନେଇ ବିଭିନ୍ନ ସମୟରେ ବୈଠକ ଓ ଆଲୋଚନା ହେଉଥିଲେ ବି କୌଣସି ସମାଧାନ ହେଉନାହିଁ କି କାର୍ଯ୍ୟ ଶେଷ ହୋଇ ପାରୁନାହିଁ। ଅନ୍ୟପକ୍ଷେ ନିର୍ମାଣ କାର୍ଯ୍ୟରେ ତ୍ରୁଟି ଥିବା ନେଇ କେନ୍ଦୁଝର ନାଗରିକ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇ ଆସୁଛି।

– ନରେଶ ଚନ୍ଦ୍ର ପଟ୍ଟନାୟକ




# ଗାଡ଼ିମୋଟର ଯାଞ୍ଚ କୋହଳ ହେବନି

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ରାଜ୍ୟ ସରକାର ଦେଇଥିବା ୩ ମାସର ଡେଡ୍ ଲାଇନ୍ ଆଉ ୪ଦିନରେ ସରୁଛି। ନୂଆ ମୋଟର ଯାନ ଆଇନକୁ କଡାକଡ଼ି ପାଳନ କରିବାକୁ ଟ୍ରାଫିକ ପୋଲିସ ଓ ଆର୍‌ଟିଓ ପୂରା ପ୍ରସ୍ତୁତ ହୋଇ ରହିଛି। ହେଲେ ଏବେବି ବହୁ ଗାଡ଼ି ଚାଳକ ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ିର ବିଭିନ୍ନ କାଗଜପତ୍ର ଠିକ୍ କରିପାରି ନାହାନ୍ତି। ଯାଞ୍ଚ ଓ ୧୦ଗୁଣା ଅଧିକ ଜରିମାନାରୁ ମୁକୁଳିବା ପାଇଁ ଆର୍‌ଟିଓ ଅଫିସକୁ ଦୌଡୁଛନ୍ତି। ଆରମ୍ଭରୁ ସଜାଗ ନ ହୋଇ ଏବେ ଶେଷ ବେଳକୁ ହଠାତ୍ ବହୁ ସଂଖ୍ୟାରେ ଲୋକେ ପହଞ୍ଚୁଥିବାରୁ ଆର୍‌ଟିଓ ଅଫିସରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳୁଛି। ଆଉ ୧ ମାସ ସମୟ ଦେବାକୁ ଲୋକେ ନିବେଦନ କରିଛନ୍ତି। ତେବେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି, ଡିସେମ୍ବର ୧ରୁ ନୂଆ ମୋଟର ଆଇନକୁ କଡାକଡି ଲାଗୁ କରାଯିବ। ଯାଞ୍ଚ ବି କଡ଼ାକଡ଼ି ହେବ। ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ ଓ କାର୍ଯ୍ୟାନୁଷ୍ଠାନ ହେବ। ଲୋକଙ୍କୁ ପୂର୍ବରୁ ସଚେତନ କରାଯିବା ସହ ଯଥେଷ୍ଟ ସମୟ ଦିଆଯାଇଥିଲା। ଆଉ କୋହଳ କରାଯିବାର ପ୍ରଶ୍ନ ଉଠୁନି ବୋଲି ସେ କହିଛନ୍ତି। ଭୁବନେଶ୍ୱର ଆର୍‌ଟିଓ-୧ ପ୍ରଦୀପ ମହାନ୍ତି କହିଛନ୍ତି, ସରକାର ୩ମାସ ସମୟ ଦେଇଥିଲେ। ଏହା ମଧ୍ୟରେ ଅନେକ ଲୋକେ ଲାଇସେନ୍ସ କଲେ ନାହିଁ। କିନ୍ତୁ ଶେଷ ବେଳକୁ ହଠାତ ଆସିଯିବାରୁ ସମସ୍ୟା ହେଉଛି। ଆଉ ସ୍ଲଟ୍ ମଧ୍ୟ ଫାଙ୍କା ନ ଥିବାରୁ ଲୋକଙ୍କୁ କିଭଳି ଲର୍ନିଂ ଲାଇସେନ୍ସ ଦେଇହେବ ସେନେଇ ବ୍ୟବସ୍ଥା କରାଯାଉଛି। ଟ୍ରାଫିକ ଡିସିପି ସାଗରିକା ନାଥ କହିଛନ୍ତି, ଯେଉଁମାନେ ନିୟମ ପାଳନ କରିବେ ନାହିଁ ନୂଆ ମୋଟର ଆଇନ ଅନୁସାରେ ଫାଇନ୍ ଗଣିବେ। ବାକି ୪ଦିନ ଭିତରେ ଗାଡିର କାଗଜପତ୍ର ଠିକ୍ କରିଦେବାକୁ ସେ ଲୋକଙ୍କୁ ନିବେଦନ କରିଛନ୍ତି।




■ ଦେବ ଦୀପାବଳି ଉତ୍ସବ

# କୌଶଲ୍ୟା, ଦଶରଥଙ୍କୁ ଦୀପଦାନ

ପୁରୀ ଅଫିସ,୨୬।୧୧



ମାର୍ଗଶିର ଅମାବାସ୍ୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପିତୃପୁରୁଷ ଦଶରଥ ଓ କୌଶଲ୍ୟାଙ୍କୁ ଦୀପଦାନ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାଧୂପ ନୀତି ବଢିବା ପରେ ଦେବ ଦୀପାବଳି ନୀତି ଆରମ୍ଭ ହୋଇଥିଲା। ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ନୀତି ଭଳି ସମାନ ନୀତି ରହିଥିଲା। ଠାକୁର ଶ୍ରାଦ୍ଧ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମନ୍ଦିରରେ ଦୀପ ଲଗାଯାଇଥିଲା। ଶ୍ରୀମନ୍ଦିରରେ ତିନିଦିନ ଧରି ପାଳିତ ହେଉଥିବା ଦେବ ଦୀପାବଳି ଉତ୍ସବର ବୁଧବାର ଶେଷ ଦିବସ। ଏହିଦିନ ଠାକୁର ବାସୁଦେବ ଓ ଦେବକୀ, ନନ୍ଦ, ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଦୀପଦାନ କରିବେ। ସୂଚନାଯୋଗ୍ୟ, ମହାପ୍ରଭୁ ମାର୍ଗଶିର ଚତୁର୍ଦ୍ଦଶୀରେ ଅଦିତି ଓ କଶ୍ୟପଙ୍କୁ, ଅମାବାସ୍ୟାରେ କୌଶଲ୍ୟା ଓ ଦଶରଥଙ୍କୁ ଦୀପଦାନ କରିଥିବାବେଳେ ଶୁକ୍ଳ ପ୍ରତିପଦା ଅର୍ଥାତ୍ ବୁଧବାର ଦେବକୀ ଓ ବସୁଦେବ, ନନ୍ଦ ଓ ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଶ୍ରାଦ୍ଧ ଦେବେ।


















■ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା

# ମାଥିଲି: ୧୦୭୮ ଗୃହ ପାଇଁ ଅର୍ଥ ମଞ୍ଜୁର

**ମାଲକାନଗିରି,୨୬।୧୧ (ଡି.ଏନ.ଏ.)**

ଗରିବ ଲୋକଙ୍କ ପାଇଁ କେନ୍ଦ୍ର ସରକାର ଗତ ୨୦୧୬-୧୭ ଆର୍ଥିକ ବର୍ଷରୁ ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା । ଏହି ଯୋଜନାରେ ଯେଭଳି ଗରିବ ଲୋକ ବାସଗୃହ ପାଇବେ ସେଥିପାଇଁ ମାଲକାନଗିରି ଜିଲା ପ୍ରଶାସନ ଗୁରୁତ୍ୱାରୋପ କରୁଛି। ଏଥିପାଇଁ ହିତାଧିକାରୀଙ୍କୁ ୧ ଲକ୍ଷ ୩୦ ହଜାର ଟଙ୍କା ପ୍ରଦାନ କରାଯାଉଛି । ଏହି ଅର୍ଥ ସେମାନଙ୍କୁ ୪ଟି କିସ୍ତିରେ ପ୍ରଦାନ କରାଯାଉଛି । ଯେଉଁ ହିତାଧିକାରୀମାନେ ୪ ମାସ ମଧ୍ୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବେ ସେମାନଙ୍କୁ ୨୦ ହଜାର ଏବଂ ଯେଉଁମାନେ ୬ ମାସ ମଧ୍ୟରେ ଗୃହ ନିର୍ମାଣ କରିବେ ସେମାନଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ମଧ୍ୟ ମିଳିବା ବ୍ୟବସ୍ଥା ରହିଛି। ତେବେ ସରକାରଙ୍କ ଧାର୍ଯ୍ୟଲକ୍ଷ୍ୟ ପୂରଣରେ ଜିଲାର ମାଥିଲି ବ୍ଲକ ଆଗରେ ରହିଛି। ମାଥିଲି ବ୍ଲକର ଉଦୁଲିବେଡ଼ା ପଞ୍ଚାୟତର ବାଲିଗୁଡ଼ା, ଲିମୁଗୁଡ଼ା,ତଳମାଲିଗୁଡ଼ା ଓ ଆଲଟୁଗୁଡ଼ା ଗ୍ରାମର ହିତାଧିକାରୀମାନେ ସେମାନଙ୍କ ଗୃହ ନିର୍ମାଣ ସାରି ପ୍ରଶାସନର ଧାର୍ଯ୍ୟଲକ୍ଷ୍ୟ ପୂରଣରେ ସହାୟକ ହୋଇଛନ୍ତି। ଆମେ ଆଗରୁ ଝାଟିମାଟି ଘରେ ରହୁଥିଲୁ । ବହୁତ ଅସୁବିଧାରେ ଚଳୁଥିଲୁ । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଘର ମିଳିବାରୁ ଘର ତିଆରି କଲି। ବର୍ତ୍ତମାନ ସୁବିଧାରେ ଚଳୁଛୁ ବୋଲି ତଳମାଲିଗୁଡ଼ା ଗ୍ରାମର ଶ୍ୟାମ ମାଝି କହିଛନ୍ତି। ସେହିପରି ବାଲିଗୁଡ଼ା ଗ୍ରାମର ସନ୍ତୋଷ ବିଶ୍ୱାଳ ଏବଂ ଲିମୁଗୁଡ଼ା ଗ୍ରାମର ରୁକୁଣି ଗୁଣ୍ଡା ସମାନ କଥା କହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମାଥିଲି ବ୍ଲକକୁ ୧୦୭୮ ଆବାସ ଗୃହ ପାଇଁ ଅର୍ଥ ମଞ୍ଜୁର ହୋଇଛି। ସମସ୍ତ ହିତାଧିକାରୀଙ୍କ କାର୍ଯ୍ୟାଦେଶ ସହ ପ୍ରଥମ କିସ୍ତି ଅର୍ଥ ପୈଠ ହୋଇଛି । ଧାର୍ଯ୍ୟଲକ୍ଷ୍ୟ ପୂରଣ ହେବ ବୋଲି ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ ଯେ, ଆଗାମୀ ୨୦୨୨ ସୁଦ୍ଧା ଦେଶର ସମସ୍ତ କଚ୍ଚା ଘରକୁ ପକ୍କା ଘରରେ ପରିଣତ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି।

## ୫ ଅଭିଯୋଗ ଶୁଣିଲେ ଜିଲାପାଳ

**ପଡିଆ, ୨୬।୧୧(ଡି.ଏନ.ଏ.)–** ମାଲକାନଗିରି ଜିଲା ପଡିଆ ପଞ୍ଚାୟତ ସଭାଗୃହରେ ସୋମବାର ଅଭିଯୋଗ ଶୁଣାଣି ହୋଇଥିଲା। ଜିଲାପାଳ ମନୀଶ ଅଗ୍ରୱାଲ, ଏସ.ପି. ଡି. ଋଷିକେଶ ଖିଲାରି, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ଡିଆଇ ଗୁଣନିଧି ନାୟକ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଅଜୟ କୁମାର ବୈଠାରୁ, ପିଏ କ୍ଷୀରୋଦ ବେହେରା, ବିଡିଓ ଉମାଶଙ୍କର ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ଶୁଣାଣିକୁ ୫ଟି ଅଭିଯୋଗ ଆସିଥିଲା। ନିଲିଗୁଡା ପଞ୍ଚାୟତ ଉସକାଲବାଗ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ପୂର୍ବରୁ ଥିବା ଅଙ୍ଗନୱାଡି କର୍ମୀ ଏକ ମାସ ହେଲା ଅନ୍ୟତ୍ର ଚାଲିଯାଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ନିଯୁକ୍ତି ହୋଇନାହାନ୍ତି ବୋଲି ଗ୍ରାମବାସୀ ଜିଲାପାଳଙ୍କୁ ଜଣାଇଥିଲେ। ପୂର୍ବରୁ ହୋଇଥିବା ଅଭିଯୋଗ ଶୁଣାଣି ବେଳେ ବିଭିନ୍ନ ସମସ୍ୟା ନେଇ ହୋଇଥିବା ଅଭିଯୋଗର ସମାଧାନ ଏଯାଏ ହୋଇ ନ ଥିବାରୁ ଅଭିଯୋଗ ଶୁଣାଣିକୁ ଲୋକେ ଆସୁନାହାନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## କୀଟନାଶକ ପ୍ରୟୋଗ ନେଇ ସଚେତନତା ଶିବିର

**କାଲିମେଲା,୨୬।୧୧(ଡି.ଏନ.ଏ)**

ଚାଷୀମାନେ ଅଧିକ ଫସଲ ଅମଳ ପାଇଁ ଏବେ ନିଜ ଫସଲରେ ବହୁ ପରିମାଣର ରାସାୟନିକ ସାର ଓ କୀଟନାଶକ ଔଷଧ ପ୍ରୟୋଗ କରୁଛନ୍ତି। ଏହାଦ୍ୱାରା ମଣିଷ, ପରିବେଶ, ମୃତିକା ଏବଂ ବାୟୁ ପଦୁର୍ଷଣ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି କାଲିମେଲା ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ଟିଂଗଲ ପଞ୍ଚାୟତ କାର୍ଯ୍ୟାଳୟରେ କୀଟନାଶକର ସଠିକ ଓ ନିରାପତ୍ତା ବ୍ୟବହାର ନେଇ ଚାଷୀଙ୍କୁ ମଙ୍ଗଳବାର ତାଲିମ ପ୍ରଦାନ କରାଯାଇଥିଲା। ଜିଲା କୃଷି ଅଧିକାରୀ ପ୍ରଶାନ୍ତ ବେହେରା ଫସଲରେ କୀଟନାଶକର କମ ବ୍ୟବହାର ନେଇ ଚାଷୀଙ୍କୁ ବୁଝାଇଥିଲେ । ସହକାରୀ କୃଷି ଅଧିକାରୀ ସୁକାନ୍ତି ବାକା, ଉମା ସରକାର,ସରପଞ୍ଚ ବଜା ବାବୁ, ବିଶ୍ୱନାଥ ମଣ୍ଡଳ, ଉଦୟ ଶବର ଉପସ୍ଥିତ ଥିଲେ।


ଶିବିରରେ ଉପସ୍ଥିତ ଚାଷୀ ଓ ଅଧିକାରୀମାନେ ।

■୭୦ତମ ସମ୍ବିଧାନ ଦିବସ ପାଳିତ

## ସମ୍ବିଧାନର ସୁରକ୍ଷା ଆମର ପ୍ରଥମ କର୍ତ୍ତବ୍ୟ


ମାଲକାନଗିରିରେ ସମ୍ବିଧାନ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ।

**ମାଲକାନଗିରି/ଚିତ୍ରକୋଣ୍ଡା,୨୬।୧୧ (ଡି.ଏନ.ଏ.)**

ମାଲକାନଗିରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭା ଗୃହରେ ଜିଲା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ୭୦ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ତଥା ଡିଆରଡିଏର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବୀରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡ଼ିଆମି, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମାନସ ମିଶ୍ର, ବିଡିଓ ଡ.ଗୁଣନିଧି ନାୟକ ଯୋଗ ଦେଇ ଆଜିର ଦିବସର ତାପର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ଆମ ଦେଶର ସମ୍ବିଧାନ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରିଛି । ଆମ ସମ୍ବିଧାନକୁ ଆମେ ସୁରକ୍ଷା ଦେବା ଆମର ପ୍ରଥମ କର୍ତ୍ତବ୍ୟ ବୋଲି କହିଥିଲେ। ଏହି ଅବସରରେ ସମସ୍ତେ ଏକ ଶପଥ ପାଠ କରିଥିଲେ । ଡିଆରଡିଏର ସମସ୍ତ କର୍ମଚାରୀ ଓ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବରମାନେ ଉପସ୍ଥିତ ଥିଲେ।

ଚିତ୍ରକୋଣ୍ଡାରେ ଆମ୍ବେଡକର ଜୟନ୍ତୀ ପାଳନ କମିଟି ଏବଂ ବିଜୁ ଯୁବ ବାହିନୀ ପକ୍ଷରୁ ସହରର ସମସ୍ତ ବିଦ୍ୟାଳୟରେ ବ୍ଲକସ୍ତରୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବିଡ଼ିଓ ଲରିମନ ଖରସେଲଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉତ୍ସବରେ ମୁଖ୍ୟଅତିଥି ଭାବେତହସିଲଦାର ଟି.ପଦ୍ମନାଭ ଦୋରା, ସମ୍ମାନିତ ଅତିଥି ଜିପିଓ ଧୀରେନ କୁମାର ଖଣ୍ଡାଗିରି, ଏମଆଇ ଅଭୟ ଆଦୁ, କ୍ୟାସିୟର କୁନା ନାୟକ, ତିରୁପତି ପ୍ରସାଦ ବେଗୁରାଇ ଯୋଗଦେଇଥିଲେ। ପଞ୍ଜାବୀ ଛକସ୍ଥିତ ଆମ୍ବେଡକର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ସାଧାରଣ ସଭା ହୋଇଥିଲା। ଆମ୍ବେଡକର ଜୟନ୍ତୀ ପାଳନ କମିଟିର ଦେବବ୍ରତ ବେହେରା, ବିଜୁ ଯୁବବାହିନୀର ବ୍ଲକ ସଂଯୋଜକ ଦୀପ୍ତି ରଞ୍ଜନ ରଥ ପରିଚାଳନା କରିଥିଲେ।





ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଶୁଭେଚ୍ଛା
ସଡ଼କ ସୁରକ୍ଷା ନିୟମକୁ
ସମସ୍ତେ ପାଳନ କରନ୍ତୁ ଓ ନିଜକୁ ସୁରକ୍ଷିତ ରଖନ୍ତୁ।
- ଜଣେ ଶୁଭେଚ୍ଛୁ

**ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ, ଆସିକା ୧୯୧୮ଠାରୁ ପ୍ରତିଷ୍ଠିତ ହୋଇ ଜିଲ୍ଲାର ୧୪ଗୋଟି (ଚଉଦ) (୧୦ ଗୋଟି ସମ୍ପୂର୍ଣ୍ଣ ଓ ଆଂଶିକ) ବ୍ଲକ୍‌ରେ ଥିବା ୧୯୧ଗୋଟି ପ୍ରାଥମିକ ସେବା ସମବାୟ ସମିତି ମାଧ୍ୟମରେ ଗ୍ରାହକ ତଥା କୃଷକମାନଙ୍କଠାରୁ ଜମା ସଂଗ୍ରହ କରିବା ସହ କୃଷି ଓ ଅଣକୃଷି ଋଣ ପ୍ରଦାନ କରିଥାଏ। ଏଥିସହ–**

୧. ଜମାକାରୀଙ୍କୁ ଅନ୍ୟାନ୍ୟ ବ୍ୟାଙ୍କ ଅପେକ୍ଷା ଅଧିକ ସୁଧ ପ୍ରଦାନ କରିବା ସହ ବରିଷ୍ଠ ନାଗରିକ (Senior Citizen) ଜମାକାରୀଙ୍କୁ ପ୍ରଚଳିତ ସୁଧହାର ସହ ୦.୫୦% ପ୍ରତିଶତ ଅଧିକ ସୁଧ ପ୍ରଦାନ କରିଥାଏ।
୨. ଏହି ବ୍ୟାଙ୍କ ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ ହେବା ସହ CBS ମାଧ୍ୟମରେ ସ୍ୱଳ୍ପ ସମୟ ମଧ୍ୟରେ ଗ୍ରାହକ ସେବା ଯୋଗାଇଥାଏ।
୩. ସରକାରଙ୍କ ସହାୟତାରେ ସେବା ସମବାୟ ସମିତି ମାଧ୍ୟମରେ କୃଷକମାନଙ୍କୁ ସ୍ୱଳ୍ପକାଳୀନ ଫସଲ ଋଣ ବାର୍ଷିକ ଏକ ପ୍ରତିଶତ ସୁଧହାରରେ ଯୋଗାଇଦେବା ସହ ଏହି ଋଣ ବୀମାଭୁକ୍ତ କରାଯାଇଥାଏ।
୪. ଭୂମିହୀନ ଓ ଭାଗଚାଷୀମାନଙ୍କୁ ନେଇ ମିଳିତ ଦେୟ ଗୋଷ୍ଠୀ (JLG) ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ମାନଙ୍କୁ ବିଭିନ୍ନ ପ୍ରକାର କୃଷି ଓ ଅଣକୃଷି ଋଣ ସରକାରଙ୍କ ନିୟମ ପ୍ରକାରେ କମ୍ ସୁଧରେ ପ୍ରଦାନ କରିଥାଏ।
୫. ଏହି ବ୍ୟାଙ୍କ ମାଧ୍ୟମରେ କୃଷିଭିତ୍ତିକ କୃଷି ଯନ୍ତ୍ରପାତି ଋଣ ଦେଇ ଠିକ୍ ସମୟରେ ପରିଶୋଧ କରୁଥିବା ଚାଷୀମାନଙ୍କୁ ସରକାରଙ୍କ ସହାୟତାରେ ୫ ପ୍ରତିଶତ ସୁଧ ଋଣ ପ୍ରଦାନ କରିଥାଏ।
୬. କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା କାର୍ଯ୍ୟକାରୀ କରିଥାଏ।
୭. ଜମାକାରୀଙ୍କ ସୁବିଧା ନିମିତ୍ତ ATM ସେବା ବ୍ୟବସ୍ଥା ଆସିକା ଏବଂ ଶେରଗଡ଼ଠାରେ ପ୍ରଚଳିତ କରାଯାଇଅଛି।
୮. ଗ୍ରାହକମାନଙ୍କ ସୁବିଧା ପାଇଁ ଆସିକା ମୁଖ୍ୟ ଶାଖା ଏବଂ କବିସୂର୍ଯ୍ୟନଗର ଶାଖାରେ ଲକର ସୁବିଧା ଉପଲବ୍ଧ କରାଯାଇଅଛି।
୯. ସରକାରଙ୍କ ସହାୟତାରେ ଭ୍ରାମ୍ୟମାଣ ଶାଖା ମାଧ୍ୟମରେ ଜମାକାରୀ ଓ ଋଣୀଦାରଙ୍କ ସୁବିଧା ନିମିତ୍ତ ଜମାଖାତା ଖୋଲିବା, ନଗଦ ରାଶି ଜମା, ଉଠାଣ ଓ ଋଣ ପ୍ରଦାନ ଏବଂ ବିଭିନ୍ନ ଯୋଜନାରେ ବିଶଦ୍ ବିବରଣୀ ଜାଣିବା ପାଇଁ ବ୍ୟବସ୍ଥା କରାଯାଇଅଛି।
୧୦. ସମସ୍ତ କିଶାନ କ୍ରେଡିଟ୍ କାର୍ଡଧାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଳିତ ଦେୟ ଗୋଷ୍ଠୀର ସଭ୍ୟମାନଙ୍କୁ ଟ.୫୦,୦୦୦/–ଙ୍କା ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ବୀମା ରାଶିର ସୁବିଧା କରାଯାଇଅଛି।

**ଶ୍ରୀ ହରିଶ୍ ଚନ୍ଦ୍ର ଦାଶ,** ସମ୍ପାଦକ
ଆସ୍କା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ.
ଆସ୍କା

**ଶ୍ରୀ ବିରେନ୍ଦ୍ର କେଶରୀ ଆରୁଖ,** ସଭାପତି
ଆସ୍କା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ.
ଆସ୍କା

WITH BEST COMPLIMENTS FROM

**M/s Orissa Enterprises**
A franchise to WESCO
Electrical Construction Company, under SSI UNIT
(AN ISO 9001:2008 CERTIFIED COMPANY)

Head Office:-
Canal Avenue, W. No. 16, Bargarh- 768028 (Odisha)
Email ID – orissaent_bgh@yahoo.com




Professional Engineers, Consultants & Turnkey Contractors for all Electrical Installation of High Voltage Works up to 132 KV



SISTER CONCERN:
M/s K. D. B. UDYOG
BRAND NAME: J&F Transformer & Switchgears
(AN ISO 90001:2015 CERTIFIED COMPANY)



(Manufacturing of P.S.C. Pole & Distribution Transformer- BIS-II,1 Star)
(Govt. Supplier and Vendor of WESCO)
Email ID – kdbudyogbargarh@gmail.com




With Best Compliments
From....
BLOCK OFFICE
JEYPORE

OPHWC

OUR VISION & MISSION

VISION
To organize ourselves as a total quality organization, setting standards of excellence in all our professional endeavours and be reckoned as an outstanding construction corporation among our peers.

MISSION
To deliver quality construction at optimum cost on time, to the satisfaction of our customers while earning reasonable return on investment.

CORE VALUES
*Integrity:* We must conduct ourselves fairly, with honesty and transparency. Everything we must stand test of public scrutiny.
*Excellence:* We must constantly strive to the highest possible standards in the service and goods we provide.
*Organizational and professional Pride:* We must function and conduct ourselves in such manner so as to have pride in the organization we serve and also the profession we are in.
*Customer as our most valued stake-holder:* Customers are not outsiders to our business, they are part of it. They are the purpose of our work.




At : Phuljhar, Via : Suakati, Dist : Keonjhar, Odisha, India.
Mail ID : info@ardentsteel.com, Website : www.ardentsteel.com

## ସଂକ୍ଷେପରେ

### ଜାନୁୟାରୀ ୧୦ରୁ ଗଜପତି ମହୋତ୍ସବ

**ପାରଳାଖେମୁଣ୍ଡି,୨୬।୧୧ (ସ୍ୱ.ପ୍ର.) -** ଗଜପତି ମହୋତ୍ସବ ପାଇଁ ଜିଲା ପ୍ରଶାସନ ପକ୍ଷରୁ ନୂତନ ଦିନ ଧାର୍ଯ୍ୟ କରାଯାଇଛି। ଏ ନେଇ ମଙ୍ଗଳବାର ସ୍ଥାନୀୟ ଜିଲାପରିଷଦ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଅନୁପମ ଶାହା ଅଧ୍ୟକ୍ଷତାକରି ୨୦୨୦ ଜାନୁଆରୀ ୧୦ରୁ ୧୪ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗଜପତି ଷ୍ଟାଡିୟମ୍‌ଠାରେ ମହୋତ୍ସବ ଅନୁଷ୍ଠିତ ହେବ ସୂଚନା ଦେଇଛନ୍ତି। ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଗଜପତି ମହୋତ୍ସବ ଅନୁଷ୍ଠିତ ହେବ। ସେହିପରି ୧୩ ଓ ୧୪ ତାରିଖରେ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବ। ମହୋତ୍ସବ ପୂର୍ବରୁ ପାଇଁ ପ୍ରତି ବ୍ଲକ୍‌ରେ ଉତ୍ସବମାନ ଆୟୋଜନ କରାଯାଇ କରାଯିବ। ଏଥିରେ ସଫଳ ପ୍ରତିଯୋଗୀମାନେ ଜିଲାସ୍ତରୀୟ ମହୋତ୍ସବରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। ବୈଠକରେ ଏସ୍‌ପି ସାରା ଶର୍ମା, ଡିଆର୍‌ଡିଏର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ବେହେରା, ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଡିଆଇପିଆର୍‌ଓ ରବିଚନ୍ଦ୍ର ନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ୧୦୨ ଅଭିଯୋଗ ଶୁଣିଲେ ଜିଲାପାଳ

**ପାରଳାଖେମୁଣ୍ଡି,୨୬।୧୧ (ସ୍ୱ.ପ୍ର.)** -ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ୍ ପୁରୁଣାପାଣି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଅନୁପମ ଶାହା ଅଧ୍ୟକ୍ଷତା କରି ୧୦୨ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୪୩ ବ୍ୟକ୍ତିଗତ ଏବଂ ୫୯ ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ଏହି ଜନଶୁଣାଣିରେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୬ଜଣଙ୍କୁ ମୋଟ ୪୨ହଜାର ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୨ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଗଜପତି ଏସ୍‌ପି ସାରା ଶର୍ମାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଡିଡିୟୁ-ଜିକେୱାଇ ପରାମର୍ଶ ଶିବିର

**ଗୁମ୍ମା,୨୬।୧୧**-ଗୁମ୍ମା ବ୍ଲକ ପରିସରରେ ମଙ୍ଗଳବାର ଡିଡିୟୁ-ଜିକେୱାଇ(ଓର୍‌ମାସ୍) ଏବଂ ଓଏଲ୍‌ଏମ୍‌ର ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ଯୋଜନା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ଗୁମ୍ମା ବିଡିଓ ନଟବର ଗରଡ଼ା ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀ ଡିସି(ସ୍କିଲ୍) କାର୍ତ୍ତିକ ମହାପାତ୍ର ଏବଂ ବ୍ଲକ ସ୍ତରୀୟ ଏସ୍‌ଡିସି ପ୍ରଫୁଲ୍ଲ କୁମାର ନାଗବଂଶ, ଭାରପ୍ରାପ୍ତ ଓଏଲଏମ୍, ବିପିଏମ ଉପସ୍ଥିତ ଥିଲେ। ବ୍ଲକ୍‌ର ବେକାର ଯୁବତୀ ଯୁବକ ମାନଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା କେନ୍ଦ୍ର ସରକାରଙ୍କ ଏହି ଅଭିନବ ଯୋଜନାର ଲକ୍ଷ। କାର୍ଯ୍ୟକ୍ରମରେ ଗୁମ୍ମା ବ୍ଲକ୍‌ର ଅନେକ ପଞ୍ଚାୟତର ବେକାର ଯୁବତୀ ଉପସ୍ଥିତ ଥିଲେ।

### ବ୍ଲକ୍‌ସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ପ୍ରଦର୍ଶନୀ

ରାୟଗଡ (ଗଜପତି), ୨୬।୧୧ (ଡି.ଏନ୍.ଏ.)-ଗଜପତି ଜିଲା ରାୟଗଡ଼ ବ୍ଲକ୍ ସଦରସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଛି। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଏସ୍. ମଣିମାଳାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାୟଗଡ଼ ଗୋଷ୍ଠୀ ଚିକିତ୍ସାଧିକାରୀ ଡା. ୟୁ. ଗିରିଜା ପତି ଓ ବିଇଓ ମନୋରଞ୍ଜନ ସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୪୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୬ଟି ପ୍ରକଳ୍ପ କରଡାସିଂ ବିଦ୍ୟାଳୟ, ରାୟଗଡ଼, ଆଦର୍ଶ ବିଦ୍ୟାଳୟ, ସରକାରୀ ଏସଏସଡି ଉଚ୍ଚ ମାଧମିକ ବିଦ୍ୟାଳୟ, ମାର୍ଲବାସ୍ଥିତ ୟୁଜି ହାଇସ୍କୁଲ, ରାୟଗଡ଼, ସରକାରୀ ଉଚ୍ଚ ବିଦ୍ୟାଳୟ ଓ ନାରାୟଣପୁର ହାଇସ୍କୁଲ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ଜଣାପଡ଼ିଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାୟଗଡ଼ ଏସଏସଡି ହାଇସ୍କୁଲର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମାଉଡି, ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାମସନ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ବାଲାନନ୍ଦ ରଥ, ଗୁମ୍ମା ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବଦାସ ତାମରାପୁ ଏବଂ ମହାରାଜା ବାଳକ ବିଦ୍ୟାଳୟର ହରିହର ଦାସ ବିଚାରକଭାବେ ଯୋଗ ଦେଇଥିଲେ।

# ସମ୍ବିଧାନ ଦିବସରେ ସଚେତନତା

**ପାରଳାଖେମୁଣ୍ଡି/କାଶୀନଗର, ୨୬।୧୧ (ସ୍ୱ.ପ୍ର./ଡି.ଏନ୍.ଏ.)**

ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ତଥା ସମ୍ବିଧାନ ଦିବସରେ ମଙ୍ଗଳବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଜିଲା କୋର୍ଟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀୟ ସମ୍ବିଧାନର ମହତ୍ୱ ଓ ବିଶେଷତ୍ୱ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଜିଲା ଦୌରାଜଜ୍ ତଥା ପ୍ରାଧିକରଣର ଅଧକ୍ଷ ବିଶ୍ୱଜିତ ଦାସ, ପ୍ରାଧିକରଣର ସମ୍ପାଦିକା ଦୀପା ଦାସଙ୍କ ସମେତ ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଏବଂ ଆଇନଜୀବୀ ସଂଘର ସଦସ୍ୟମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି କୋର୍ଟ ପରିସରରେ ଜାତୀୟ ଆଇନ ଦିବସ ପାଳନ ଅବସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଜିଲାଜଜ୍ ଶ୍ରୀ ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆଇନ ବିଷୟରେ ସଚେତନ କରାଇଥିଲେ। ଅନ୍ୟତମ ଅତିଥିଭାବେ ବ୍ରହ୍ମପୁର ଭିଜିଲାନ୍ସ କୋର୍ଟରେ ଜଜ୍ ସୁବ୍ରତ ମହାନ୍ତି, ବରିଷ୍ଠ ଦେୱାନୀ ବିଚାର ବିଭାଗୀୟ ଅଧିକାରୀ ବ୍ୟୋମକେଶ ନାୟକ ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ ସମସ୍ତେ ଆଇନ ବିଷୟରେ ସଚେତନ ହେଲେ ରାଜ୍ୟ ଓ ଦେଶର ଉନ୍ନତି ସମ୍ଭବ ହୋଇପାରିବ । ଅନ୍ୟମାନଙ୍କ ମଧ୍ୟରେ ଡିଜିଏମ୍ ଚନ୍ଦ୍ରହ୍ରାସ ବେହେରା, ଜେଏମ୍‌ଏଫ୍‌ସି ବନୀଲ କୁମାର ଖଟେଇ, ଆଇନଜୀବୀ ସଂଘର ସଭାପତି ରାମନାଥ ମିଶ୍ର ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପ୍ରାଧିକରଣର କର୍ମଚାରୀମାନେ ପରିଚାଳନା କରିଥିଲେ। ପାରଳାଖେମୁଣ୍ଡିସ୍ଥିତ ଗାନ୍ଧୀ ସ୍ମୃତି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ମଙ୍ଗଳବାର ୭୦ତମ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଏକ ଶୋଭାଯାତ୍ରା ବାହାରି ସ୍କୁଲ ଚତୁଃପାର୍ଶ୍ୱ ପରିକ୍ରମା କରିଥିଲା। ପରେ ଆୟୋଜିତ ସଚେତନତା ସଭାରେ ଭାରତୀୟ ସମ୍ବିଧାନର ପ୍ରଣେତା ଡ. ବି. ଆର୍. ଆମ୍ବେଦକରଙ୍କ ସ୍ମୃତିଚାରଣ କରିବା ସହ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣ ଚନ୍ଦ୍ର ବେହେରା ଅତିଥିଭାବେ ଯୋଗଦେଇ ଏହିଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହାସହ ସମ୍ବିଧାନକୁ ସମ୍ମାନ ଜଣାଇବାକୁ ପରାମର୍ଶ ଦେଇଥିଲେ। କେତେକ ଛାତ୍ରୀଛାତ୍ର ମଧ୍ୟ ଏଠାରେ ସୁନ୍ଦର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ପ୍ରଭାବତୀ ପଟ୍ଟନାୟକ, ପ୍ରୀତିଧାରା ପଟ୍ଟନାୟକ, ଗିରିଜା ପଣ୍ଡା, ଶିକ୍ଷକ ରବୀନ୍ଦ୍ର ପ୍ରଧାନ, ମୂରଲୀଧର ପରିଚ୍ଛା ପ୍ରମୁଖଙ୍କ ସହ ଛାତ୍ରଛାତ୍ରୀମାନେ ଉପସ୍ଥିତଥିଲେ। କାଶୀନଗରସ୍ଥିତ କୃଷି ସୂଚନା କେନ୍ଦ୍ର ସଭାଗୃହରେ ମଧ୍ୟ ସମ୍ବିଧାନ ଦିବସ ପାଳିତ ହୋଇଛି। ଜନସେବା କେନ୍ଦ୍ରର ପରିଚାଳକମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ କୋର୍ଟରେ ମାଜିଷ୍ଟ୍ରେଟ୍ ନାୟକ ଅତିଥିଭାବେ ଯୋଗଦେଇଥିଲେ। ସମାଜସେବୀ ହୃଷିକେଶ ଗୌଡ଼ଙ୍କ ସଭାପତିତ୍ୱରେ ଆୟୋଜିତକାର୍ଯ୍ୟକ୍ରମରେ 'ସମ୍ବିଧାନ ଅନୁଚିନ୍ତା' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ତହସିଲ୍‌ଦାର ଶାନ୍ତିସ୍ୱରୂପ ମିଶ୍ର, ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ବିଶିଷ୍ଟ ଅତିଥି ଓ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମାଜିଷ୍ଟ୍ରେଟ୍ ନାୟକ ସମସ୍ତଙ୍କୁ ସମ୍ବିଧାନ ଶପଥ ପାଠ କରାଇଥିଲେ। ଜନସେବା କେନ୍ଦ୍ର ଜିଲା ପରିଚାଳକ ସଦାଶିବ ଶର୍ମା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍‌ର ସମସ୍ତ ସିଏସ୍‌ସିର ପରିଚାଳକମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଶିକ୍ଷୟିତ୍ରୀ ଶିକ୍ଷକମାନେ ।

# ଫିଟ୍‌ନେସ୍ କୌଶଳ ଶିଖାଇଲେ ଏସ୍‌ପି

**ପାରଳାଖେମୁଣ୍ଡି,୨୬।୧୧ (ସ୍ୱ.ପ୍ର.) –**ଜିଲାବାସୀଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରଖିବା ଲକ୍ଷ ନେଇ ଗଜପତି ପୋଲିସ ପକ୍ଷରୁ ଚାଲିଛି ମିଶନ୍ ଫିଟ୍‌ନେସ୍ ଅଭିଯାନ। ଗଜପତି ଏସ୍‌ପି ସାରା ଶର୍ମା ନିଜେ ଉପସ୍ଥିତ ରହି ପୋଲିସ ଅଧିକାରୀ, ପ୍ରଶାସନିକ ଅଧିକାରୀ ଓ ଜନସାଧାରଣଙ୍କୁ ଫିଟ୍‌ନେସ୍ ମନ୍ତ୍ର ଦେଉଛନ୍ତି। ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ଶିବିରରେ ମଧ୍ୟ ଏସ୍‌ପି ଶର୍ମା ଫିଟ୍‌ନେସ୍‌ର ବିଭିନ୍ନ କୌଶଳ ଶିଖାଇଥିଲେ। ଏହି ଶିବିରରେ ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ସମେତ ବହୁ ପୋଲିସ ଅଧିକାରୀ, କର୍ମଚାରୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ ।

**IN THE HON'BLE COURT OF CIVIL JUDGE, SENIOR DIVISION, GUNUPUR**

**Intestate Case No. 01/ 2019**

Sri Satyanarayana Panigrahi and another ...... Petitioners

Vrs

The Block Education Officer, Muniguda and another ... Opposite Parties

**1) Name and Address of the Petitioners:**

**1. Sri Satya Narayan @ Narayan Panigrahi,** aged about 87 years, Son of Late Bhimo Panigrahi, resident of Deo Nagar, Gunupur at present Gobardhan College Road, Muniguda, Po/Ps- Muniguda, Dist- Rayagada (Odisha).

**2. Smt Krishnabeni Panigrahi,** aged about 70 years, Wife of Sri Satya Narayan Panigrahi, resident of Deo Nagar, Gunupur at present Gobardhan College Road, Muniguda, Po/Ps- Muniguda, Dist- Rayagada (Odisha).

**2) Name and Address of the opposite parties:**

**1. The Block Education Officer, Muniguda,** Po/Ps- Muniguda, Dist- Rayagada (Odisha).

**2. The Controller of Accounts,** Odisha, Bhubaneswar, Dist- Khurda (Odisha).

**NOTICE TO THE GENERAL PUBLIC**

(Under order 5, Rule 20 (1) of C.P.C)

WHEREAS the above named petitioners have filed a petition under Section 372 of the Indian Succession Act for withdrawal of Rs. 18,49,413/- only pending before the Controller of Accounts, Odisha, Bhubaneswar in the GPA Account of Late Bhabani Prasad Panigrahi vide his GPF Account No. 132592PS.

It is hereby noticed to the General Public that if any interest person have any claim over the above amount they, may appear before the undersigned Court and file their counter if any on the date fixed 16th day of December 2019 at about 10.30 AM.

In default of your appearance on the date fixed, the petition will be heard Ex-Parte and determined in your absence.

Given under my hand and seal of the Court, on the 14th day of November 2019.

**Sd./- Civil Judge, Senior Division, Gunupur, Dist- Rayagada (Odisha)**

# ଦିବ୍ୟାଙ୍ଗ ଯୁବତୀଙ୍କ ମୃତ୍ୟୁ: କାରଣ ଅସ୍ପଷ୍ଟ

**ପାରଳାଖେମୁଣ୍ଡି,୨୬।୧୧ (ସ୍ୱ.ପ୍ର.)**

ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ୍ ଅନ୍ତର୍ଗତ ରାମଗିରି ସ୍ଥିତ ଉପର ସାହିରୁ ମଙ୍ଗଳବାର ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଜନଜାତି ଶ୍ରେଣୀର ଯୁବତୀ ଜଣକ ଅନାଥ ଏବଂ ଦିବ୍ୟାଙ୍ଗ ବୋଲି ଜଣାପଡ଼ିଛି। ୧୦ବର୍ଷ ତଳେ ସେ ବଳାତ୍କାରର ଶିକାର ହୋଇ କୁମାରୀ ମା' ହୋଇଥିଲେ। ଶିଶୁକନ୍ୟାକୁ ପାଳିବା ସମ୍ଭବ ହୋଇ ନ ଥିବାରୁ ସରପଞ୍ଚ ଚନ୍ଦ୍ରମା କାର୍ଯୀ ସେ ସମୟର ଶିଶୁଟିକୁ ଫୁଲବାଣୀ ଜିଲାର ବାଲିଗୁଡ଼ାସ୍ଥିତ ଶିଶୁ ଆଶ୍ରମରେ ରଖିଥିଲେ। । ସେହିପରି ଯୁବତୀଙ୍କ ପାଇଁ ଗୋଷାଣୀ ବ୍ଲକ୍ ପାଟିକୋଟାସ୍ଥିତ ସ୍ୱାଧାର ଗୃହରେ ଥଇଥାନର ବ୍ୟବସ୍ଥା କରିଥିଲେ। ପରବର୍ତ୍ତୀ ସମୟରେ ଦିଲ୍ଲୀର ଦମ୍ପତି ସେଠାରୁ ଶିଶୁଟିକୁ ଗ୍ରହଣ କରି ସାଥିରେ ନେଇଥିଲେ। ହେଲେ ଯୁବତୀ ଗତ ଶନିବାର ରାମଗିରି ବୁଲିବାକୁ ଆସିଥିବାବେଳେ ସୋମବାର ସନ୍ଧ୍ୟା ୭ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରାଯିବାପରେ ସେ ସ୍ୱାଧାର ଗୃହକୁ ସୂଚନା ଦେଇଥିଲେ। ମଙ୍ଗଳବାର ସ୍ୱାଧାର ଗୃହର କର୍ମକର୍ତ୍ତାମାନେ ରାମଗିରିରେ ପହଞ୍ଚିଥିଲେ । ତେବେ ସରପଞ୍ଚ ଆଦିକନ୍ଦ କାର୍ଯୀ, ୱାର୍ଡ ମେମ୍ବର ରଜନୀ ରାଉତ ଏବଂ ସ୍ଥାନୀୟ ବାସିନ୍ଦା ମୃତଦେହ ନିକଟରେ ଉପସ୍ଥିତ ଥିଲେ। ସ୍ୱାଧାର ଗୃହର କାଉନସେଲର ମଞ୍ଜୁଳା ଚୌଧୁରୀ, ଅଧୀକ୍ଷକ ସନ୍ତୋଷିନୀ ପାଣିଗ୍ରାହୀ, ସାମାଜିକ କର୍ମୀ ଭାଗ୍ୟଲକ୍ଷ୍ମୀ ନାୟକ, ସଚଳା କାର୍ଜୀ, ଚନ୍ଦ୍ରମା କାର୍ଜୀ, ନିର୍ମଳା ପଟ୍ଟନାୟକ ଉପସ୍ଥିତ ରହି ଯୁବତୀଙ୍କ ଶେଷକୃତ୍ୟ ସମ୍ପନ୍ନ କରିଥିଲେ । ସ୍ୱାଧାର ଗୃହ ପକ୍ଷରୁ ସୁଦ୍ଧିକ୍ରିୟା ପାଇଁ ୫ହଜାର ଟଙ୍କା ଏବଂ ଖର୍ଚ୍ଚପାଇଁ ୩ହଜାର ଟଙ୍କା ଦିଆଯାଇଥିବାବେଳେ ତାଙ୍କ ଜମା ଖାତାରେଥିବା ୮ହଜାର ଟଙ୍କା ୱାର୍ଡମେମ୍ବରଙ୍କୁ ଦିଆଯାଇଥିବା ଜଣାପଡ଼ିଛି।

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦଶମନ୍ତପୁର

**ସାମାଜିକ ସମୀକ୍ଷା ନିମନ୍ତେ ବିଜ୍ଞାପନ (୨୦୧୯-୨୦)**

**(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ)**

**ବିଜ୍ଞାପନ ସଂଖ୍ୟା: ୨୨୭୫/୧୯** **ତାରିଖ: ୨୩।୧୧।୧୯**

ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପଞ୍ଚାୟତ ସମିତି ଅଧୀନରେ ସଂସ୍ଥା ଦ୍ୱାରା ତା୦୧।୦୪।୨୦୧୯ରୁ ତା୩୦।୦୯।୨୦୧୯ରିଖ ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA) ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ସାମାଜିକ ସମୀକ୍ଷା ପାଇଁ ଗ୍ରାମସଭା ନିମ୍ନ କାର୍ଯ୍ୟସୂଚୀ ମୁତାବକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ସାମାଜିକ ସମୀକ୍ଷା ଅନୁଷ୍ଠିତ କୁଶଳୀ/ଅଣକୁଶଳୀ ଶ୍ରମିକ, ସ୍ୱୟଂସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସମସ୍ତ ଜିଲା ପରିଷଦ ସଭ୍ୟ/ସଭ୍ୟା, ସମସ୍ତ ସରପଞ୍ଚ, ସମସ୍ତ ୱାର୍ଡମେମ୍ବର, ସାମାଜିକ ସମୀକ୍ଷା କମିଟି ସଭ୍ୟ/ସଭ୍ୟା ଉପରୋକ୍ତ ସାମାଜିକ ସମୀକ୍ଷା ଗ୍ରାମସଭା ଯୋଗଦାନ ସମ୍ପର୍କେ ଏବଂ ଏଥିନିମନ୍ତେ ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚମାନେ ନିଜ ଗ୍ରାମପଞ୍ଚାୟତର ରାଜସ୍ୱ ଗ୍ରାମ ଓ ପଡ଼ାଗ୍ରାମରେ ଡେଙ୍ଗୁରା ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବହୁଳ ପ୍ରସାର କରିବା ପାଇଁ ଅନୁରୋଧ କରାଗଲା ଏବଂ ଗ୍ରାମବାସୀ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ସାଫଲ୍ୟମଣ୍ଡିତ କରିବା ହେବେ।

| Sl. No. | Name of the GP | No. of SA Rotation | Nodal officer | Social Audit Starting Date | Social Audit Ending Date | Social Audit Gram Sabha Date at GP | Date of Public Hearing (Block Level) | SA period (From) | SA Period (To) |
|---|---|---|---|---|---|---|---|---|---|
| 1 | Gadiaguda | 1 | PESA | 03.12.2019 | 12.12.2019 | 13.12.2019 | 04.02.2020 | 01.04.2019 | 30.09.2019 |
| 2 | Podagada | | APO | 03.12.2019 | 12.12.2019 | 13.12.2019 | | 01.04.2019 | 30.09.2019 |
| 3 | Mujango | | AE | 03.12.2019 | 12.12.2019 | 13.12.2019 | | 01.04.2019 | 30.09.2019 |
| 4 | Murkar | | BLC1 | 03.12.2019 | 12.12.2019 | 13.12.2019 | | 01.04.2019 | 30.09.2019 |
| 5 | Chanabada | | PA | 03.12.2019 | 12.12.2019 | 13.12.2019 | | 01.04.2019 | 30.09.2019 |
| 6 | P.Bedapadar | | WEO | 03.12.2019 | 12.12.2019 | 13.12.2019 | | 01.04.2019 | 30.09.2019 |
| 7 | Dasmanthpur | 2 | BSSO | 18.12.2019 | 27.12.2019 | 28.12.2019 | | 01.04.2019 | 30.09.2019 |
| 8 | Chikamba | | BLC2 | 18.12.2019 | 27.12.2019 | 28.12.2019 | | 01.04.2019 | 30.09.2019 |
| 9 | Dumbaguda | | PA | 18.12.2019 | 27.12.2019 | 28.12.2019 | | 01.04.2019 | 30.09.2019 |
| 10 | Dursani | | APO | 18.12.2019 | 27.12.2019 | 28.12.2019 | | 01.04.2019 | 30.09.2019 |
| 11 | Girligumma | | PESA | 18.12.2019 | 27.12.2019 | 28.12.2019 | | 01.04.2019 | 30.09.2019 |
| 12 | Lulla | 3 | PESA | 08.01.2020 | 17.01.2020 | 18.01.2020 | | 01.04.2019 | 30.09.2019 |
| 13 | A.Malkangir | | AE | 08.01.2020 | 17.01.2020 | 18.01.2020 | | 01.04.2019 | 30.09.2019 |
| 14 | P.Phulbeda | | BLC1 | 08.01.2020 | 17.01.2020 | 18.01.2020 | | 01.04.2019 | 30.09.2019 |
| 15 | Nandigaon | | WEO | 08.01.2020 | 17.01.2020 | 18.01.2020 | | 01.04.2019 | 30.09.2019 |
| 16 | Pindapadar | | PA | 08.01.2020 | 17.01.2020 | 18.01.2020 | | 01.04.2019 | 30.09.2019 |

ଉକ୍ତ ସଭାରେ ସମ୍ପୃକ୍ତ ପଞ୍ଚାୟତଗୁଡ଼ିକର କନିଷ୍ଠଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଗ୍ରାମ ରୋଜଗାର ସେବକ ଉପସ୍ଥିତ ରହିବେ।

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦଶମନ୍ତପୁର**

## CLASSIFIED DISPLAY

**ALL EDITION - B/W (Everyday)**

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କସିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB-9853098838 7656825259 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଆପଣଙ୍କ ସ୍ୱପ୍ନକୁ କରେ ସାକାର
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ସବୁ ଯୋଜନା ଅଧୀନରେ
ମୁଦ୍ରା ଫାଇନାନ୍ସ
କମ୍ କିମ୍ବା ଖରାପ CIBIL ସ୍କୋରଧାରୀ ବ୍ୟକ୍ତିମାନଙ୍କୁ ମଧ୍ୟ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 40% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
ମହିଳାଙ୍କ ପାଇଁ ବିଶେଷ ରିହାତି
7289999543 8929619951
SCF-14, Aggarwal Estate, South Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ!!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ 20 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155 9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397 9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି
ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଳି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

BUSINESS

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ ୨୦ ଲକ୍ଷ/- ଭଡ଼ା - ୨୦ ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office G-79, Adarsh Nagar, Karol Bagh
7082322494 7496805598

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲ୍‌ସର୍ ବାଇକ୍ (ମାସିକ 25,000 – 30,000ର ଅନ୍ୟାନ୍ୟ ସୁବିଧା)
atc4gnetwork@gmail.com
MOB - 9471965297

EDUCATION

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113 9337594620
CORRESPONDENCE COURSE ALSO AVAILABLE

DHARITRI Career appointment Every Wednesday and Saturday

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

■ ଜଗତ୍‌ସିଂହପୁର ଦଳିତ ଯୁବତୀ ଆତ୍ମହତ୍ୟା ପ୍ରସଙ୍ଗ

# ବିଧାନସଭାରେ ବିବୃତି ରଖିଲେ ଗୃହ ରାଷ୍ଟ୍ରମନ୍ତ୍ରୀ

■ ଆପତ୍ତିଜନକ ଫଟୋ ଓ ପ୍ରମାଣପତ୍ର ଜବତ କରିଛି ପୋଲିସ
■ ବିଚାର ବିଭାଗୀୟ ହେପାଜତରେ ଅଭିଯୁକ୍ତ
■ ମାମଲାର ତଦନ୍ତ କରୁଛନ୍ତି ଜଗତ୍‌ସିଂହପୁର ଏସ୍‌ଡିପିଓ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ଜଗତ୍‌ସିଂହପୁର ଜିଲାରେ ଦଳିତ ଯୁବତୀ ଆତ୍ମହତ୍ୟାକୁ ନେଇ ସୋମବାର ବିଧାନସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଏ ନେଇ ଗୃହରେ ବିବୃତି ରଖିବାକୁ ବିରୋଧୀ ଦାବି କରିଥିଲେ। ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ମଙ୍ଗଳବାର ବିଧାନସଭାରେ ଏ ସମ୍ପର୍କରେ ବିବୃତି ରଖିଛନ୍ତି। ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ମନ୍ତ୍ରୀ ଗୃହକୁ ସୂଚନା ଦେଇ କହିଛନ୍ତି ଯେ ଜଗତ୍‌ସିଂହପୁର ଜିଲା ନୂଆଗାଁ ଥାନା ଅଧୀନ ତେନ୍ତୋଇ ଗ୍ରାମର ହଟକିଶୋର ଦାସଙ୍କ ଝିଅ ଲକ୍ଷ୍ମୀପ୍ରିୟା ଦାସ ୨୦୧୯ ନଭେମ୍ବର ୭ ତାରିଖ ସକାଳ ୬ଟାରେ ଘର ଭିତରେ ଝୁଲୁଥିବା ଅବସ୍ଥାରେ ଅଭିଯୋଗ ହୋଇଥିଲା। କବାଟ ଭାଙ୍ଗି ଦେଖିବା ବେଳକୁ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖା ଯାଇଥିଲା। ମୃତକଙ୍କ ମା' ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ସେ କହିଥିଲେ ଯେ ପଡୋଶୀ ଦୀପକ ବେଉରା ତାଙ୍କ ଝିଅକୁ ଏକପାଖିଆ ପ୍ରେମ କରୁଥିଲେ। ଅଭିଯୁକ୍ତ ତାଙ୍କ ଝିଅର ଆପତ୍ତିଜନକ ଫଟୋ ଉଠାଇ ସେଗୁଡିକ ତାଙ୍କ ଘର କାନ୍ଥରେ ଲଗାଇଥିଲେ। ଏଥିଯୋଗୁ ତାଙ୍କ ଝିଅ ଆତ୍ମହତ୍ୟା କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଇପିସି ୨୯୨(୨)(ଏ)/୩୦୬ ଆଧାରରେ ନୂଆଗାଁ ଥାନାରେ ରୁଜୁ କରାଯାଇ ଅଭିଯୁକ୍ତ ଦୀପକଙ୍କ ନାଁରେ ନମ୍ବର ୧୬୫/୧୯ରେ ମାମଲା ରୁଜୁ କରାଯାଇଛି। ତଦନ୍ତକାରୀ ଅଧିକାରୀ ତୁରନ୍ତ ଘଟଣାସ୍ଥଳକୁ ଯାଇ ପରିବାର ସଦସ୍ୟଙ୍କୁ ପଚରାଉଚରା କରିବା ସହିତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତକଙ୍କ ଆପତ୍ତିଜନକ ଫଟୋ ଏବଂ ଅନ୍ୟ ପ୍ରମାଣପତ୍ରକୁ ପୋଲିସ ଜବତ କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ମତକୁ ଯାଞ୍ଚ କରାଯାଉଛି। ପ୍ରାଥମିକ ତଦନ୍ତରେ ଦୀପକ ବେଉରାଙ୍କ ବିରୋଧରେ ପ୍ରମାଣ ରହିଛି। ଏଥିପାଇଁ ନଭେମ୍ବର ୯ତାରିଖରେ ତାଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ବର୍ତ୍ତମାନ ବିଚାର ବିଭାଗୀୟ ହେପାଜତରେ ରହିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାଯାଇଛି ଯେ ସମ୍ପୃକ୍ତ ଯୁବତୀଙ୍କର ଶ୍ୱାସରୁଦ୍ଧ ଯୋଗୁ ମୃତ୍ୟୁ ହୋଇଛି। ମୃତକ ଜଣକ ଅନୁସୂଚିତ ଜାତି ସମ୍ପ୍ରଦାୟର। ମୃତକଙ୍କ ପରିବାରକୁ ରାଜ୍ୟ ସରକାର ୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିଛନ୍ତି। ଏହି ଘଟଣାର ତଦନ୍ତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଗତ୍‌ସିଂହପୁର ଏସ୍‌ଡିପିଓଙ୍କ ଦ୍ୱାରା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ବିବୃତିକୁ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ପ୍ରତ୍ୟାଖ୍ୟାନ କରିଛନ୍ତି।

■ ଶହେ କୋଟିର ଜମି ଦୁର୍ନୀତି ପ୍ରସଙ୍ଗ

# ପ୍ରମାଣ ଦେଲେ ବିଧାନସଭା ଆସିବି ନାହିଁ: ମହାରଥୀ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ପିପିଲି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିରୋଧରେ ସୋମବାର ଭାଜପା ୧୦୦ କୋଟି ଟଙ୍କାର ଜମି ଦୁର୍ନୀତି ଅଭିଯୋଗ ଆଣିଥିଲା। ଏହାର ତଥ୍ୟ ପ୍ରମାଣ ପାଖରେ ରଖିଥିବା ଦେଖାଇ ଭାଜପା ଏହା ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଯୁକ୍ତି ମଧ୍ୟ ରଖିଥିଲା। ଏହାର ଦିନକ ପରେ ମଙ୍ଗଳବାର ବିଧାୟକ ମହାରଥୀ କହିଛନ୍ତି ଯେ, ୧୦୦ କୋଟି ଟଙ୍କା ତ ଦୂରର କଥା ୧୦୦ ଟଙ୍କାର ପ୍ରମାଣ ଦେଲେ ବିଧାନସଭା ଆସିବି ନାହିଁ। ସୂଚନାଯୋଗ୍ୟ ଯେ, ଭାଜପା ମୁଖପାତ୍ର ଏକ ଖବରଦାତା ସମ୍ମିଳନୀ କରି କହିଥିଲେ ଯେ, ମହାରଥୀ କ୍ୟାବିନେଟ୍ ମନ୍ତ୍ରୀ ଥିବାବେଳେ ସର୍ବସାଧାରଣ ସମ୍ପତ୍ତି, ଜଳସେଚିତ କେନାଲ ଜମି, ଗୋଚର, ଚକନାଳୀ, ଚକ ରାସ୍ତା, ରିଜର୍ଭ ଜଙ୍ଗଲ, ଅନାବାଦି ଆଦିକୁ ନିଜ ହୁଙ୍କେଇପୁର ଫାର୍ମ ହାଉସରେ ମିଶାଇ ଜବରଦଖଲ କରିଛନ୍ତି। ଏହାସହିତ ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ବିରୋଧରେ ଭାଜପା ୩୦୦ କୋଟି ଟଙ୍କାର ଜମି ଦୁର୍ନୀତି ଅଭିଯୋଗ କରିଛି। ଅନ୍ୟପଟେ ମହାରଥୀଙ୍କ ଏଭଳି ଚ୍ୟାଲେଞ୍ଜ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଗୋଲକ କହିଛନ୍ତି, ଫାର୍ମ ହାଉସ ମାପ କରିଦିଆଯାଉ, ସବୁ ଜଣାପଡିଯିବ। ଆମେ ଯାହା ପ୍ରମାଣ ଦେବା କଥା ଦେଇସାରିଛୁ। ଲୋକମାନେ ଅଭିଯୋଗ କରିଛନ୍ତି। କୋର୍ଟ ଜିଲାପାଳଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଜିଲାପାଳ ଓ ତହସିଲଦାର ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଏବେ ଜିଲାପାଳ ଏବଂ ତହସିଲଦାରଙ୍କୁ ଡାକି ମାପ କରିଦେଲେ ମହାରଥୀ ବାବୁ ଜାଗା ମାଡିବସିଛନ୍ତି ନା ନାହିଁ ଜଣାପଡ଼ିବ ବୋଲି ଗୋଲକ କହିଛନ୍ତି।

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED

OPTCL Lifeline of Odisha

(A Government of Odisha Undertaking)

Regd.Office: Janpath, Bhubaneswar-751022, CIN:U40102OR2004SGC007553

### e-TENDER NOTICE NO. 56/2018-19

**Tender Specification No.**
**Sr. G.M-CPC-TENDER-PANELS-Pkg-56/2018-19**

For and on behalf of ODISHA POWER TRANSMISSION CORPORATION LTD., Sr. G.M. (C.P.C) invites Tenders from reputed relay manufacturers in two part bidding system for **Supply of different type control & relay panels**. The interested bidders would be required to enroll themselves on the tender portal **www.tenderwizard.com/OPTCL**. Complete set of bidding documents are available at **www.tenderwizard.com/OPTCL** from **27.11.2019 at 11.00 A.M** to **26.12.2019 at 12.30 P.M.** Interested manufacturers may visit OPTCL's official website **http://www.optcl.co.in** & **www.tenderwizard.com/OPTCL** for detail specification. **N.B:** All subsequent addendums/corrigendum to the tender shall be hosted in the OPTCL's official website **www.tenderwizard.com/OPTCL** only.

CR-Advt.No.-21/2019-20 **Senior General Manager (C.P.C)**

Please connect us: optcl.odisha optcl_odisha energyodisha

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 358 / 2019**

**Allahabad Bank, Main Branch, Bhubaneswar** .......Applicant
Versus
**Bidyadhar Parida** ..........Defendant[s]

To,
**Bidyadhar Parida,** S/o: Surendra Parida, Vill.- Padhansahi, P.O- Panchagaon, P.S- Airfield, Bhubaneswar, Dist- Khurda, Pin- 751002. **(Defendant)**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No 358/2019** in the court of the Debts Recovery Tribunal, Cuttack for recovery of **Rs.27,31,669/-** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent in support of their defense to show cause within 30 days from the date of publication or on **08.01.2020 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 20th day of November, 2019.

Sd/-
**REGISTRAR(I/C)**

## OFFICE OF THE REVENUE DIVISIONAL COMMISSIONER, NORTHERN DIVISION, ODISHA, SAMBALPUR

**e-Mail Id: rdesbp@nic.in**
**File No. XXIV-36/2019 Letter No. 619 / Niz. Dated: 25.11.2019**

**Tender Call Notice for hiring of Private Vehicle**

Sealed quotations are invited from the interested authorised Travel Agencies/ Tour Operators/Private Individuals for providing one AC Diesel/Petrol driven vehicle (Swift D'zire/Celerio/Bolt) including Driver for official use in the O/o LAR&R, Authority, Sambalpur. The duly filled in quotation may be sent to the O/o RDC, ND, Sambalpur, with sealed cover by Speed Post/Regd. Post on or before 05.12.2019 by 11.00 AM. The details terms and conditions /tender paper will be available at district website **www.sambalpur.nic.in** till 05.12.2019.

**Sd./- Addl. Secretary**

## ବ୍ୟାସନଗର ପୌରପାଳିକା, ବ୍ୟାସନଗର

ଏତଦ୍ୱାରା ବ୍ୟାସନଗର ପୌର ପରିଷଦ ଅଧୀନରେ ଥିବା ସମସ୍ତ ଜନସାଧାରଣ ଏବଂ ବ୍ୟବସାୟ ପ୍ରତିଷ୍ଠାନମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମାନ୍ୟବର ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ, କଲିକତାଙ୍କ ନିର୍ଦ୍ଦେଶକ୍ରମେ ସହରକୁ ପ୍ଲାଷ୍ଟିକ ଓ ପଲିଥିନ ନିଷେଧ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ବ୍ୟାସନଗର ପୌର ପରିଷଦର ପରିସୀମା ମଧ୍ୟରେ ପ୍ଲାଷ୍ଟିକ ରଖିବା, ବିକ୍ରିକରିବା, ବ୍ୟବହାର କରିବା ବା ପରିବହନ କରିବା ଦଣ୍ଡନୀୟ ଅପରାଧ ଭାବେ ପରିଗଣିତ ହେବ।

ଏଣୁ ଆପଣମାନେ ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାରରୁ ଦୂରେଇ ରୁହନ୍ତୁ। ଏଥିପାଇଁ ବ୍ୟାସନଗର ପୌରପାଳିକା ତରଫରୁ ପଲିଥିନ ଓ ପ୍ଲାଷ୍ଟିକ ନିଷେଧ ଉପରେ କଡ଼ାକଡ଼ି ଭାବେ ନିୟମ ଲାଗୁ କରାଯାଇଅଛି। ତେଣୁ ବ୍ୟାସନଗର ପୌର ପରିଷଦ ତରଫରୁ ଦୋକାନ ବଜାରକୁ ଯାଞ୍ଚକରାଯିବ। ସେଥିପାଇଁ ପଲିଥିନ ବିକ୍ରି ଓ ବ୍ୟବହାରକୁ ସମ୍ପୂର୍ଣ୍ଣଭାବେ ବନ୍ଦ କରନ୍ତୁ, ନଚେତ୍ ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ ଏବଂ ଜୋରିମାନା ମଧ୍ୟ ଆଦାୟ କରାଯିବ।

ଏତଦ୍‌ବ୍ୟତୀତ ଆପଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣମାନଙ୍କ ଘର, ଦୋକାନ, ବଜାରରୁ ବାହାରୁଥିବା ସମସ୍ତ ବର୍ଜ୍ୟବସ୍ତୁକୁ ପୃଥୀକରଣ କରିବା ପାଇଁ ଦୁଇଟି ଡଷ୍ଟବିନ୍ ବ୍ୟବହାର କରନ୍ତୁ। ଗୋଟିଏ ନୀଳରଙ୍ଗ ଏବଂ ଅନ୍ୟଟି ସବୁଜରଙ୍ଗ। ନୀଳରଙ୍ଗ ଡଷ୍ଟବିନ୍‌ରେ ଆପଣ ଶୁଖିଲା ବର୍ଜ୍ୟବସ୍ତୁ ଯଥା: ପାଣିବୋତଲ, କାଚ, କାଗଜ, ଭଙ୍ଗା ବାସନକୁସନ ଇତ୍ୟାଦି ଯାହାର ଜୈବିକ ବିଘଟନ ହୁଏ ନାହିଁ ଏବଂ ସେହିପରି ସବୁଜରଙ୍ଗ ଡଷ୍ଟବିନ୍‌ରେ ଆପଣ ପରିବା ଚୋପା, ପଚାଫଳ, କଦଳୀଭଣ୍ଡା, ପତ୍ର, ପନିପରିବା ଚୋପା, ବଳକାଖାଦ୍ୟ ଏବଂ ବିଘଟନ ହେଉଥିବା ବର୍ଜ୍ୟବସ୍ତୁକୁ ପକାଇବେ। ସେହି ନିର୍ଗମନ ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇ ପୌରପାଳିକା ଅଧୀନରେ ଥିବା ବର୍ଜ୍ୟବସ୍ତୁକୁ ଗାଡ଼ିକୁ ହସ୍ତାନ୍ତର କରନ୍ତୁ ଅଥବା ପୌର ପରିଷଦ ଦ୍ୱାରା ସ୍ଥାପନ କରାଯାଇଥିବା ନୀଳ ଓ ସବୁଜରଙ୍ଗ ଡଷ୍ଟବିନ୍‌ରେ ପକାନ୍ତୁ। ଏହା ଆଇନତଃ ଅନିବାର୍ଯ୍ୟ ଅଟେ।

ସମସ୍ତ ବ୍ୟବସାୟୀମାନଙ୍କୁ ଜଣାଇ ଦିଆଯାଉଅଛି କି, ସମସ୍ତେ ନିଜ ନିଜ ଦୋକାନ ସାମ୍ନାରେ ଗୋଟିଏ ନୀଳ, ଆଉ ଗୋଟେ ସବୁଜରଙ୍ଗ ଡଷ୍ଟବିନ୍ ରଖିବା ବାଧ୍ୟତାମୂଳକ।

| | |
|---|---|
| **ଶ୍ରୀଯୁକ୍ତ ଶୁଭେନ୍ଦୁ କୁମାର ଜେନା** | **ଶ୍ରୀଯୁକ୍ତ ସନ୍ତୋଷ କୁମାର ମିଶ୍ର** |
| ଓ.ଆର୍.ଏସ୍. | ଓ.ପ୍ର.ସେ. (ସୁପରଟାଇମ୍) |
| ନିର୍ବାହୀ ଅଧିକାରୀ | ପ୍ରଶାସକ |
| ବ୍ୟାସନଗର ପୌର ପରିଷଦ | ବ୍ୟାସନଗର ପୌର ପରିଷଦ |

## National Dairy Development Board

PB No. 40, Anand 388001, Gujarat **Tel:** 02692-260148/260149/260160 **Fax:** 02692-260159
**Website:** www.nddb.coop Email: purchase@nddb.coop

### INVITATION FOR BIDS (IFB) / LOCAL COMPETITIVE BIDDING (LCB)

**Bids are invited from eligible bidders for the works listed below:**

| Sr. No. | Description of works/ Bid Reference | Estimated Cost/ Duration | Event Start / Close Date | Bid Submission/ Bid Opening Date & Time |
|---|---|---|---|---|
| | **OFF-LINE BIDDING FOR SL. No. I & II (Bids to be submitted in hard copy to NDDB, Anand)** | | | |
| I) | **Civil, structural & Internal Electrification works for Administration building and ancillary works at::** | | | |
| A) | CCBF Dhamrod, Gujarat, CCBF Alamadhi, Tamil Nadu & CCBF Hessarghatta, Karnataka. NDDB:HO:PUR:LCB:M01/2019 | ₹ 1485 Lakh / 08 Months | 27.11.19/ 18.12.19 | 19.12.19 11:00 hrs 19.12.19 11:30hrs |
| B) | CCBF Suratgarh, Rajasthan, & CCBF Andesh Nagar, Uttar Pradesh. NDDB:HO:PUR:LCB:M02/2019 | ₹ 805 Lakh/ 06 Months | 03.12.19/ 23.12.19 | 24.12.19 11:00 hrs 24.12.19 11:30 hrs |
| C) | CCBF Sunebada & CCBF Chiplima, Odhisa NDDB:HO:PUR:LCB:M03/2019 | ₹ 805 Lakh/ 06 Months | 05.12.19/ 26.12.19 | 27.12.19 11:00 hrs 27.12.19 11:30 hrs |
| II) | **Civil, HVAC, Modular Partition, Electrical and ancillary works for IVF/ ETT Lab., admin. building and ancillary works at** | | | |
| A) | CCBF Dhamrod, Gujarat, CCBF Alamadhi, Tamil Nadu & CCBF Hessarghatta, Karnataka. NDDB:HO:PUR:LCB:M04/2019 | ₹ 1107 Lakh / 08 Months | 05.12.19/ 26.12.19 | 27.12.19,15:00 hrs. 27.12.19, 15:30 hrs. |
| B) | CCBF Suratgarh, Rajasthan, & CCBF Andesh Nagar, Uttar Pradesh. NDDB:HO:PUR:LCB:M05/2019 | ₹ 730 Lakh/ 06 Months | 09.12.19/ 30.12.19 | 31.12.19, 11:00 hrs. 31.12.19, 11:30 hrs. |
| C) | CCBF Sunebada & CCBF Chiplima, Odhisa NDDB:HO:PUR:LCB:M06/2019 | ₹ 730 Lakh/ 08 Months | 09.12.19/ 30.12.19 | 31.12.19, 15:00 hrs. 31.12.19, 15:30 hrs. |
| | **ON-LINE BIDDING FOR SL.No. III & IV (Bids to be submitted through MSTC e-Portal)** | | | |
| III) | **Design, Supply, Installation, Testing & Commissioning (DSITC) of the following:** | | | |
| A) | UHT milk plant, Arilo Govindpur, Odhisa. NDDB:HO:PUR:LCB:98/2019(ET/98) | ₹ 1197 Lakh 12 Months | 30.11.19/ 20.12.19 | 20.12.19, 11:00 hrs. 20.12.19, 11:30 hrs. |
| B) | Aseptic Packing Station, Arilo Govindpur, Odhisa. NDDB:HO:PUR:LCB:99/2019 (ET/99) | ₹ 1273 Lakh 12 Months | 30.11.19/ 20.12.19 | 20.12.19, 15:00 hrs. 20.12.19, 15:30 hrs. |
| C) | Concentrated Solar Thermal (CST) of cap. 20 Lakh Kcal/day at Ajmer Dairy, Rajasthan. NDDB:HO:PUR:LCB:100/2019 (ET/100) | ₹ 200 Lakh/ 07 Months | 28.11.19/ 18.12.19 | 18.12.19, 16:00 hrs. 18.12.19, 16:30 hrs. |
| D) | 750 KWp grid-connect ground mount Solar PV System at Ajmer Dairy, Rajasthan. NDDB:HO:PUR:LCB:101/2019 (ET/101) | ₹ 375 Lakh/ 06 Months | 28.11.19/ 18.12.19 | 18.12.19, 15:00 hrs. 18.12.19, 15:30 hrs. |
| E) | SITC of 20 TB usable All Flash–SSD Drive storage with min.100,000 IOPS at NDDB, Anand NDDB:HO:PUR:LCB:102/2019(ET/102) | ₹ 53 Lakh/ 02 Months | 04.12.19/ 26.12.19 | 26.12.19, 15:00 hrs. 26.12.19, 15:30 hrs. |
| F) | SITC of Ultra High Performance Liquid Chromatography System at NDDB, Anand NDDB:HO:PUR:LCB:91 /2019(ET/91) | ₹ 49 Lakh / 03 Months | 29.11.19/ 20.12.19 | 20.12.19, 15:00 hrs. 20.12.19, 15:30 hrs. |
| IV) | Up gradation of Microsoft Exchange Mail & Active Directory Servers at NDDB, Anand NDDB:HO:PUR:LCB:103/2019 (ET/103) | ₹ 83 Lakh/ 03 Months | 28.11.19/ 19.12.19 | 19.12.19, 15:00 hrs. 19.12.19, 15:30 hrs. |

For further details pertaining to IFB and for downloading the bid document, please visit these websites: www.nddb.coop and www.mstcecommerce.com/eprochome/nddb. (for all tenders under III&IV). For any clarification please contact GM (PUR), NDDB, Anand

**NB: Any corrigendum/modification etc. will be posted only on these website/s**

## PARADIP PORT TRUST

### e-TENDERING NOTICE

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from interested bidder for Supply of **Steel / Hardware materials.** The last date and time of submission of the tender is **17.15 Hours** on **Dt.18/12/2019.** For details, log on to website : **https://eprocure.gov.in/eprocure/app**

**Sr. Dy. Materials Manager**
**PPT/PR/481/19-20 Dt-26.11.19**

## PARADIP PORT TRUST

### e-TENDER CALL NOTICE

Name of the work : "**Upgradation to the existing Service Road inside MCHP area**". EMD cost : **₹11,53,235/-**. Last date and time of submission of Bid : **11.12.2019 up to 17:15** Hrs. For details, please refer our website: **https://eprocure.gov.in/eprocure/app.**

**Executive Engineer,**
**Harbour Works Division No.I**
**PPT/PR/487/19-20, DT.26.11.2019**

## BHUBANESWAR MUNICIPAL CORPORATION

**No : 32091 Dt.14.11.2019**

### E-PROCUREMENT NOTICE

1. Bid reference No : **BMC-CE-II-03/2019-20 Dt.14.11.19**
2. Tender Call Notice No : **No.32091, Dt.14.11.2019**
3. No. of work : **3 Nos.**
4. Bid Value : **Rs.1,46,49,040/- to Rs.1,69,24,737/-**
5. Period of completion : **330 Days**

**Date and time of schedule**

| Start | End | Opening |
|---|---|---|
| 11.00 A.M of 27.11.19 | 5 P.M of 17.12.19 | 11.30 A.M.of 18.12.19 |

6. Tender details : can be seen for the procurement portal : https://www.tendersodisha.gov.in. BMC website https://www.bmc.gov.in.

**Executive Engineer,**
**BMC, Division No.II**

**Progress Through Partnership for a Better Bhubaneswar**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR

ଓଡ଼ିଶା ସରକାର

### TENDER CALL NOTICE

**Ref No.8691** **Dated: 26.11.2019**

It is for information to all the parties concerned to submit their bid for "Empanelment of Shops for supply of drugs & consumables for the year 2019-20" to the office of the CDM&PHO, Jajpur on or before 17.12.2019, 4.00 P.M. by Speed Post, Registered Post & Courier only. For terms and conditions regarding Tender Call, please log on to the website; **www.jajpur.nic.in**

The interested parties with valid documents may participate in tender process himself or with their representatives with applicable terms and conditions.

**Sd./- Chief District Medical & Public Health Officer, Jajpur**

See Career Appointment on every Wednesday & Saturday

## GOVERNMENT OF ODISHA, OFFICE OF THE BLOCK DEVELOPMENT OFFICER, LEPHRIPADA BLOCK, SUNDARGARH

E.mail id-ori-Lephripada@NIC.IN

TENDER CALL NOTICE NO. OF 2019-20

**Letter No.2212(1)** **Date :26.11.2019**

The Block Development Officer, Lephripada, Sundargarh invites Percentage Rate basis for the following works in sealed tender on behalf of Government of Odisha from registered and eligible contractor of the state P.W.D. (R &B)/Water Resource/Rural works/Minor Irrigation/C.P.W.D. for the following works eventually to be drawn up in the P1 forms in conformity with the Detail Tender Call Notice. The bidders may submit bids for the following works.

| Sl. No. | Name of the G.P. | Name of the Work | Estimated cost in (Lakh) | Amount put to Tender (In Rs.) | Cost of tenderPapers (Non-refundable in Rs.) | Bid security EMD 1% (In Rs) | Period of Completion | Class of Contractor |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Darlipali | Construction of Burial Ground/ Samasan Ghat in Darlipali/Burobaga Hamlets | 15.00 | 1293806. 00 | 6000.00 | 13000.00 | 06 (Six Calendar Months) | D & C Class |
| 2 | Darlipali | Construction of G.P. Office Building At Darlipali | 20.00 | 1446491. 00 | 6000.00 | 14500.00 | 06 (Six Calendar Months) | D & C Class |
| 3 | Darlipali | Construction of Daily Market Complex at Darlipali | 20.00 | 1642941. 00 | 60000.00 | 16500.00 | 06 (Six Calendar Months) | D & C Class |
| 4 | Darlipali | Construction of Cycle Stand at Lochan High School, Darlipali | 7.00 | 661396.00 | 4000.00 | 6700.00 | 06 (Six Calendar Months) | D & C Class |

**Terms and conditions**

(1) **Cost of Tender Paper :–**The tender specifications can be obtained from the Office of the Block Development Officer, Lephripara on payment towards the cost of tender papers as mentioned above (Non refundable) in shape of Bank Draft drawn in favour of Block Development Officer, Lephripara, Sundargarh in any Nationalized Bank having its barnch at Sundargarh on any working day from 29/11/2019 to 10/12/2019 for the above work.

(2) **Sale of Tender Papers :–**The tender documents will be sold from 29/11/2019 to 10/12/2019 at Block Officer, Lephripara. The tender documents will be sold during the above mentioned period between 10.00 A.M. to 5.30 P.M. on working days only.

(3) **Date of receipt and mode of submission of tender papers :–**The tenderers have to submit the sealed tender papers in complete shape through Registered Post/Speed Post only, by directly sending to the B.D.O., Lephripada in his official postal address. The last date of recipt of tender papers is 10/12/2019 (5.30 P.M.). The undersigned will not be responsible for postal delay if any or non–receipt of the papers in time. The tenderers must superscribe the name of the work project on the sealed envelopes.

(4) **Date of opening of Tender Paper:–**The tender papers will be opened on 11/12/2019 at 11.00 A.M. in the presence of the tenderers or their authorized representatives having written authorization for the purpose and the tender committee.

(5) The undersigned reserves the right either to reject any or all tenders or cancel the entire process without assigning the reason thereof.

**Sd./- Block Development Officer**
**Lephripara**

## ODISHA STATE HOUSING BOARD

### SALE OF VACANT HOUSES/FLATS AT BHUBANESWAR, NAYAGARH & DHENKANAL

Odisha State Housing Board offers vacant HIG flats in its Residential Apartment Schemes at Dumduma Ph-VI & Kharavel Enclave, MIG/LIG flats in Dumduma Ph-VII , LIG/MIG flats in Nandighose Enclave scheme at Bhubaneswar, EWS flats in Pathani Samanta Housing scheme at Nayagarh, Simplex HIG/MIG core houses, plots and EWS flats in Baji Rout Social Housing scheme, Ph-I & II at Dhenkanal on sale under self financing scheme/outright purchase/Auction, as applicable .

| Place | Name of the Scheme | Category of Houses /Flats | | | | |
|---|---|---|---|---|---|---|
| | | HIG | MIG | LIG | EWS | MIG Plots |
| BHUBANESWAR | Nandighose Enclave, Ransinghpur (Completed Scheme)-Apartment | - | 02 | - | - | - |
| | Kharavel Enclave, Jagamara (On-going Scheme)-Apartment | 02(3BR) | - | - | - | - |
| | Dumduma Ph-VI (On-going Scheme)-Apartment | 09 | - | - | - | - |
| | Dumduma Ph-VII (On-going Scheme)-Apartment | - | 02 | 04 | - | - |
| DHENKANAL | Baji Rout Social Housing Scheme, Ph-I (Completed Scheme) Auction Sale | 01 (Core house) | 05 (Core house) | - | - | 02 |
| | Baji Rout Social Housing Scheme, Ph-II (Completed Scheme) | 03 (Core house) | 02 (Core house) | - | 08 (Flat) | - |
| NAYAGARH | Pathani Samanta Housing Scheme (Completed Scheme) | - | - | - | 31 (Flat) | - |

● All the flats/core houses in completed schemes will be allotted on "as is where is" basis with available infrastructure facilities. ● Flats in On-going schemes will be handed over in complete shape with infrastructure facilities, after completion. ● The plots/houses in Baji Rout Social Housing scheme Ph-I will be sold through Auction Sale. ● **Outright purchasers will get preference in allotment with choice flat/house number, wherever applicable, who deposits full cost along with application.** GST & other statutory dues are extra over the sale price. ● Details regarding area, cost of the flats/ houses/ plots and EMD amount along with brochure & application forms are available in OSHB website **https://oshb.org**. Intending applicants can download the same from the website and apply with required documents & fees, EMD/Full cost.

**Booking Opens from: 02.12.2019 to 31.12.2019**

**Housing Commissioner -cum- Secretary**

**ODISHA STATE HOUSING BOARD**
Sachivalaya Marg, Kharavela Nagar, Bhubaneswar - 751001
Phone: (0674)2393524, 2393277/2392587; Epbax (0674)2391542, 2390141 – Extn. 134/ 142/ 127/ 155
Visit us at : https://oshb.org.

**Building Houses Building Odisha**



ଅଭିନେତା ଶାହରୁଖ୍ ଖାନ୍ ମୋ ଲାଗି ପ୍ରେରଣାର ଉତ୍ସ। 'ପତି, ପତ୍ନୀ ଔର୍ ୱୋ' ଫିଲ୍ମରେ ତାଙ୍କ ଅଭିନୟ ବେଶ୍ ଉଚ୍ଚକୋଟୀର ଥିଲା।

-ଅନନ୍ୟା ପାଣ୍ଡେ,
ବଲିଉଡ୍ ଅଭିନେତ୍ରୀ



# ଟ୍ରେନ୍‌ରେ କିଙ୍ଗ୍ କୋବ୍ରା



**ଡେରାଡୁନ୍:** ଏକ ସୁପରଫାଷ୍ଟ ଟ୍ରେନ୍‌ରେ ୧୦ ଫୁଟର କିଙ୍ଗ୍ କୋବ୍ରା। ସାପଟି ଟ୍ରେନ୍‌ର ଏକ ବଗିର ଗେଟ୍ ନିକଟରେ ଗୁଡ଼େଇ ହୋଇ ରହିଥିବା ଖବର ପାଇଥିଲେ ସ୍ଥାନୀୟ ବନବିଭାଗ ଏବଂ ଆର୍‌ପିଏଫ୍। ଶେଷରେ ମିଳିତ ଟିମ୍ ସେଠାରୁ ସାପଟିକୁ ଜୀବିତ ଉଦ୍ଧାର କରିବାରେ ସଫଳ ହୋଇଥିଲା। ଉତ୍ତରାଖଣ୍ଡର କାଠଗୋଦାମ ଷ୍ଟେଶନ୍‌ରେ ଏପରି ଘଟଣା ଦେଖିବାକୁ ମିଳିଛି। ଟ୍ରେନ୍‌ରେ ଯାତ୍ରୀ ଥିବାବେଳେ ସେମାନଙ୍କ ସୁରକ୍ଷା, ଭିଡ଼, ଟ୍ରେନ୍‌ର ସମୟ ଏବଂ ସାପଟିର ସୁରକ୍ଷାକୁ ଦୃଷ୍ଟିରେ ରଖି ମିଳିତ ଟିମ୍ ଅତି ସତର୍କତାର ସହ ସାପ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲା। ଶେଷରେ ସାପଟିକୁ ଜୀବିତ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଦିଆଯାଇଥିବାବେଳେ ସମସ୍ତ ଯାତ୍ରୀ ମଧ୍ୟ ସୁରକ୍ଷିତ ଯାତ୍ରା କରିଥିବା ଜଣାପଡ଼ିଛି। ଉତ୍ତରାଖଣ୍ଡ ବନବିଭାଗର ଜଣେ ଅଧିକାରୀ ସାପ ଉଦ୍ଧାର ଅଭିଯାନର ଏକ ଭିଡିଓ ନିଜ ଟୁଇଟର୍‌ରେ ଶେୟାର୍ କରିଛନ୍ତି।

# ଆତଙ୍କର ଅମରାବତୀରେ ଶିକ୍ଷାର ବାହକ ବସ୍ 'ଲାଇବ୍ରେରି'

**କାବୁଲ:** ଆଫଗାନିସ୍ତାନ ନାଁ ଶୁଣିଲେ ପ୍ରଥମେ ଆଖି ଆଗକୁ ଚାଲିଆସେ ଯୁଦ୍ଧର ବିଭୀଷିକା। ଆତଙ୍କବାଦର ପଦଚିହ୍ନ। ରକ୍ତପାତ। ଉଜୁଡ଼ିଯାଉଥିବା ଶୈଶବ ଭଳି ଅନେକ ସମ୍ବେଦନଶୀଳ ଘଟଣା। ଯେଉଁଠି ପାଦେପାଦେ ଜୀବନ ବଞ୍ଚାଇବାକୁ ଲଢ଼େଇ, ସେଠି ପାଠପଢ଼ିବା କଥା ପଚାରେ ବା କିଏ। ଏପରି ସ୍ଥିତିରେ ଆତଙ୍କବାଦୀଙ୍କ ଅମରାବତୀରେ ଶିକ୍ଷାର ବାହକ ପାଲଟିଛି ଭ୍ରାମ୍ୟମାଣ ଲାଇବ୍ରେରୀ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗ୍ରାଜୁଏଟ୍ ଫ୍ରେସ୍ତା କରିମ୍ (୨୭)ଙ୍କ ଦ୍ୱାରା ଶିକ୍ଷାର ବିକାଶ ପାଇଁ ଯୁଦ୍ଧ ପ୍ରଭାବିତ କାବୁଲରେ ଆରମ୍ଭ କରାଯାଇଥିବା ଏପରି ଅଭିଯାନକୁ ନେଇ ଏବେ ବିଶ୍ୱବ୍ୟାପୀ ଆରମ୍ଭ ହୋଇଛି ଚର୍ଚ୍ଚା। ସାଧାରଣତଃ ଯାତ୍ରୀଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ ବସ୍। ହେଲେ ଆତଙ୍କବାଦୀ ପ୍ରଭାବିତ ଆଫଗାନିସ୍ତନରେ ଭ୍ରାମ୍ୟମାଣ ବସ୍‌ରେ ଅଙ୍କୁରୋଦ୍‌ଗମ ହେଉଛି ଶିକ୍ଷାର ବୀଜ। ଦୈନିକ ଦୁଇଟି ବସ୍ କାବୁଲ ବଜାରରୁ ବାହାରି ପହଞ୍ଚିଥାଏ ସ୍କୁଲ କ୍ୟାମ୍ପସ ଯାଏ। ଏଥିରେ ଯାତ୍ରୀ ବଦଳରେ ରହିଥାଏ ହଜାର ହଜାର ମୂଲ୍ୟବାନ ପୁସ୍ତକ। ଦୈନିକ ୬୦୦ ଛାତ୍ରୀଛାତ୍ର ଏପରି ଲାଇବ୍ରେରିକୁ ଆସି ଶିକ୍ଷାର ଲାଭ ଉଠାଉଛନ୍ତି। ଫ୍ରେସ୍ତାଙ୍କ କହିବା କଥା, ସେ ସ୍କୁଲ କଲେଜରେ ପଢ଼ିବା ସମୟରେ ପୁସ୍ତକର ଅଭାବ ଅନୁଭବ କରିଥିଲେ। ପାଠପଢ଼ା ଶେଷ ହେବା ପରେ ସେ 'ଚାର୍ମାଗ୍‌ଜ' ନାମକ ସଂସ୍ଥା ଗଢ଼ିଥିଲେ। ଏହାପରେ ତାଙ୍କ ମୁଣ୍ଡକୁ ଜୁଟିଥିଲା ଭ୍ରାମ୍ୟମାଣ ବସ୍ ଲାଇବ୍ରେରି କଥା।



ୟୁନେସ୍କୋର ପରିସଂଖ୍ୟାନ ଅନୁଯାୟୀ, ସାକ୍ଷରତା ହାରରେ ସବୁଠାରୁ ନିମ୍ନରେ ରହିଛି ଆଫଗାନିସ୍ତାନ। ଏଠାରେ ୧୦ରୁ ମାତ୍ର ୩ଜଣଙ୍କ କ୍ଷେତ୍ରରେ ପାଠ ପଢ଼ିବାର ସୌଭାଗ୍ୟ ଜୁଟିଥାଏ। କାବୁଲର ଅଧିକାଂଶ ସ୍କୁଲରେ ନିଜସ୍ୱ ଲାଇବ୍ରେରି ନାହିଁ। ହାତଗଣତି ଲାଇବ୍ରେରିରେ ପର୍ଯ୍ୟାପ୍ତ ପୁସ୍ତକ ଉପଲବ୍ଧ ନାହିଁ। ପିଲାଙ୍କ ପାଖରେ ପୁସ୍ତକ ପହଞ୍ଚାଇବାକୁ ଭ୍ରାମ୍ୟମାଣ ଲାଇବ୍ରେରୀ ବେଶ୍ ସହଜ ହୋଇଯାଇଛି। ଏଥିରେ କମ୍ ଖର୍ଚ୍ଚ ହେଉଛି। ସଂସ୍ଥା ପକ୍ଷରୁ ସରକାରଙ୍କଠାରୁ ଉକ୍ତ ବସ୍ ଭଡ଼ାସୂତ୍ରରେ ନିଆଯାଇଛି। ସ୍ଥାନୀୟ ବ୍ୟବସାୟୀ, ବଦାନ୍ୟ ବ୍ୟକ୍ତିମାନେ ଦାନ କରୁଥିବା ଟଙ୍କାରେ ପୁସ୍ତକ କିଣାଯାଉଛି। ପିଲାମାନଙ୍କୁ ଶିକ୍ଷାପ୍ରତି ଅଧିକ ଆକର୍ଷିତ କରିବାକୁ ସଂସ୍ଥା ପକ୍ଷରୁ ଭ୍ରାମ୍ୟମାଣ ପ୍ରେକ୍ଷାଳୟ ବସ୍‌ର ପରିକଳ୍ପନା କରାଯାଉଛି, ଯେଉଁଠାରେ ପିଲାମାନେ ବିଜ୍ଞାନଭିତ୍ତିକ ବିଭିନ୍ନ ବିଷୟକୁ ପରଦାରେ ଦେଖିପାରିବେ। ପିଲାମାନଙ୍କ ଭିତରେ ଲାଇବ୍ରେରିରେ ପଢ଼ିବାକୁ ପ୍ରତିଯୋଗିତା ଚାଲୁଛି। ଏହାକୁ ବେଶ୍ ଉପଭୋଗ କରୁଛନ୍ତି ପିଲାଏ। ସେମାନେ ଲାଇବ୍ରେରିକୁ ଆସି ନିଜ ନିଜ ଭିତରେ ଅନୁଭୂତି ବାଣ୍ଟୁଛନ୍ତି। ଧୀରେ ଧୀରେ ସେମାନଙ୍କ ଭିତରେ ବହି ପଢ଼ିବା ଅଭ୍ୟାସରେ ପରିଣତ ହେବାରେ ଲାଗିଛି। ହେଲେ ଭ୍ରାମ୍ୟମାଣ ଲାଇବ୍ରେରି ସାମ୍ନାରେ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି ଆତଙ୍କବାଦୀ ଆକ୍ରମଣ। ଏପରି ଆଶଙ୍କା ଥିବାରୁ ବସ୍‌କୁ ସବୁ ସ୍ଥାନକୁ ନେବା ସମ୍ଭବପର ହେଉ ନ ଥିବା ଫ୍ରେସ୍ତା କହିଛନ୍ତି।

# ଥଣ୍ଡା ଦୂର କରେ ସୋରିଷ ତେଲ ମାଲିସ୍



**ନୂଆଦିଲ୍ଲୀ:** ଶୀତଦିନେ କେତେକଙ୍କର ପାଦ ଫାଟିଥାଏ। ତେବେ ଏଥିରୁ ଦୂରେଇ ରହିବା ପାଇଁ ରାତିରେ ଶୋଇବା ପୂର୍ବରୁ ପାଦରେ ମଏଶ୍ଚର ମାଲିସ କଲେ ସୁଫଳ ମିଳିଥାଏ। ସୋରିଷ ତେଲରେ ଦୁଇ କୋଳା ରସୁଣ ଫୁଟାଇ ଏହାକୁ ଉଷୁମ ଥିବା ସମୟରେ ପାଦ ଏବଂ ଶରୀରରେ ମାଲିସ୍ କଲେ ରକ୍ତ ସଞ୍ଚାଳନ ବୃଦ୍ଧି ପାଇବା ସହିତ ଥକାପଣ ଦୂର ହୋଇଥାଏ। ଏ ପ ର୍ କରିବା ଦ୍ୱାରା ଥଣ୍ଡା ସମସ୍ୟା ମଧ୍ୟ ଦୂର ହୋଇଥାଏ। ସପ୍ତାହରେ ୨ଥର ପାଦ ତଥା ଦେହରେ ସୋରିଷ ତେଲ ମାଲିସ କଲେ ବହୁ ଉପକାର ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି।

# ଜଣେ ପୂର୍ବତନ ବିଧାୟକଙ୍କ ଜୀବନ ଗାଥା

**କାନପୁର:** ମନ୍ଦିର-ମସ୍‌ଜିଦକୁ ନେଇ ଆମ ଦେଶରେ ଅନେକ ବିବାଦ ଦେଖାଦିଏ। କିନ୍ତୁ ଈଶ୍ୱର ମନ୍ଦିର କି ମସ୍‌ଜିଦରେ ନାହାନ୍ତି , କର୍ମ ଓ ସଂସ୍କାରରେ ଅଛନ୍ତି ବୋଲି ବିଶ୍ୱାସ କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ ଆମ ଦେଶରେ କମ୍ ନାହିଁ। ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ଭଗବତୀ ସିଂ ବିଶାରଦ। ତାଙ୍କୁ ବୟସ ବର୍ତ୍ତମାନ ୯୮ ବର୍ଷ। ଉତ୍ତରପ୍ରଦେଶ ଉନାଓର ଭଗବନ୍ତନଗର ବିଧାନସଭାମଣ୍ଡଳୀରୁ ସେ ୭ ଥର ବିଧାୟକ ରହିଛନ୍ତି। ତାଙ୍କ ବିଚାର ସମ୍ପୂର୍ଣ୍ଣ ଭିନ୍ନ। ଆଜି ବି ବିଶାରଦ ଯେଉଁଭଳି ଜୀବନ ବିତାଉଛନ୍ତି ତାହା ଏବକାର ରାଜନେତାଙ୍କ ପାଇଁ ଏକ ଶିକ୍ଷା। କାନପୁରର ଧନକୁଟ୍ଟି ମୋହଲାରେ ଏକ ଭଡ଼ା ଘରେ ସେ ରହୁଛନ୍ତି। ଏହି ଘରକୁ ଭଗବତୀଙ୍କ ପିତା ଲକ୍ଷ୍ମଣ ସିଂ ୧୯୩୯ରେ ଭଡ଼ାରେ ନେଇଥିଲେ। ସେହି ଘରେ ତାଙ୍କର ୫ ପୁଅ ଓ ଜଣେ ଝିଅଙ୍କୁ ନେଇ ସାରା ଜୀବନ ରହିଆସିଛନ୍ତି। ଏବେ ତାଙ୍କ ପାଖରେ ସେହି ଭଡାଘରେ ଭଗବତୀଙ୍କ ସହ ବଡ ପୁଅ ରଘୁବର ଓ ତାଙ୍କ ସ୍ତ୍ରୀ,ନାତି, ନାତୁଣୀ ବୋହୂ, ଅଣନାତି, ତୃତୀୟ ନମ୍ବର ପୁଅ ଓ ବୋହୂ ରହୁଛନ୍ତି। ଭଗବତୀ ଯେତେବେଳେ ବିଧାୟକ ରହିଥିଲେ ସେତେବେଳେ ଚାଲି ଚାଲି କିମ୍ବା ସାଇକେଲରେ ବୁଲି ଜନସେବା କରୁଥିଲେ। ସେତେବେଳେ ଗୋଟିଏ ବ୍ୟାଗ୍‌ରେ ଲେଟର୍‌ପ୍ୟାଡ ଓ ଷ୍ଟାମ୍ପ ବି ରଖୁଥିଲେ। କେହି ତାଙ୍କୁ କୌଣସି ସମସ୍ୟା ସମ୍ପର୍କରେ ଜଣାଇଲେ ସେ ସାଙ୍ଗେ ସାଙ୍ଗେ ଏହା ଉପରେ ପଦକ୍ଷେପ ନେବାକୁ ପ୍ୟାଡ୍‌ରେ ଲେଖି ଷ୍ଟାମ୍ପ୍ ଲଗାଇ ସମ୍ପୃକ୍ତ ବିଭାଗକୁ ପଠାଇ ଦେଉଥିଲେ ବୋଲି କୁହନ୍ତି ତାଙ୍କ ନାତି ଅନୁରାଗ। ଭଗବତୀଙ୍କ ପୂଜା ପଦ୍ଧତି ବିଷୟରେ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ତାଙ୍କ ପୂରା ମନ୍ଦିର ଝୁଲାରେ ଥାଏ। ଗାଧୋଇ ସାରିବା ପରେ ଝୁଲାରେ ରଖିଥିବା ଭଗବାନଙ୍କୁ ବାହାରକରି ଚେୟାର ଉପରେ ରଖନ୍ତି ଓ ପୂଜା କରନ୍ତି। ଏହା ପରେ ପୁଣି ଭଗବାନ୍‌ଙ୍କୁ ଝୁଲାରେ ରଖିଦିଅନ୍ତି। ଭଗବାନ ମନ୍ଦିରରେ ନାହାନ୍ତି ହୃଦୟରେ ରହିଛନ୍ତି ବୋଲି କୁହନ୍ତି ଭଗବତୀ। ୨୩ ସେପ୍ଟେମ୍ବର ୧୯୨୧ରେ ଉନାଓର ଝାଗରପୁର ଗାଁରେ ଜନ୍ମିତ ଭଗବତୀ ସ୍ୱାଧୀନତା ଆନ୍ଦୋଳନରେ ବି ଭାଗ ନେଇଛନ୍ତି। ୧୯୫୭ରେ ପ୍ରଜା ସୋସାଲିଷ୍ଟ ପାର୍ଟିରୁ ଭଗବନ୍ତନଗର ବିଧାନସଭା ଆସନରୁ ନିର୍ବାଚନ ଲଢି ପ୍ରଥମେ ବିଜୟୀ ହୋଇଥିଲେ। ଏହି ପାର୍ଟିର ବିଲୟ ଘଟିବା ପରେ ସେ କଂଗ୍ରେସରେ ଯୋଗ ଦେଇ କେତେବେଳେ ଜିତିଛନ୍ତି ତ କେତେବେଳେ ହାରିଛନ୍ତି , କିନ୍ତୁ ମୋଟ୍‌ରେ ୭ ଥର ବିଧାୟକ ହୋଇପାରିଛନ୍ତି।



# ପିଲାଙ୍କୁ ନିଜ ଫିଲ୍ମ ଦେଖିବାକୁ ମନାକଲେ

## ଇମ୍ରାନ୍ ହାସମୀ



**ମୁମ୍ବାଇ:** ବଲିଉଡ୍ କିସ୍‌ର୍ ବୟ ଇମ୍ରାନ୍ ହାସମୀ ଆଜିକାଲି ଏକଦମ୍ ବ୍ୟସ୍ତ ଅଛନ୍ତି। ନିଜ ଅପ୍‌କମିଂ ଫିଲ୍ମ 'ଦ ବଡି'ର ପ୍ରମୋଶନରେ ଲାଗିପଡ଼ିଛନ୍ତି ଇମ୍ରାନ୍। ଏହି ପରିପ୍ରେକ୍ଷୀରେ ଏକ ଜାତୀୟ ଗଣମାଧ୍ୟମ ସହ ସାକ୍ଷାତ୍‌କାର ସମୟରେ ସେ କିଛି ମତାମତ ଓ ପ୍ରତିକ୍ରିୟା ଦେଇଛନ୍ତି, ଯାହାକୁ ନେଇ ଏବେ ସେ ଚର୍ଚ୍ଚାରେ। ଫିଲ୍ମ ପ୍ରମୋଶନ ଅବସରରେ ଗଣମାଧ୍ୟମର କିଛି ପ୍ରଶ୍ନର ସିଧାସିଧା ଉତ୍ତର ରଖିଥିଲେ ଇମ୍ରାନ୍। ଆମ ଦେଶରେ ନାବାଳିକା,ନାବାଳକଙ୍କୁ କ'ଣ ଦେଖିବା ଉଚିତ ବୋଲି ପଚରା ଯିବାରୁ ସେ ମଜାଦାର ଉତ୍ତର ଦେଇଥିଲେ। ଇମ୍ରାନ୍ ପିଲାମାନେ କ'ଣ ଦେଖିବା ଉଚିତ୍ ସେ କଥା ଯଦିଓ କହି ନ ଥିଲେ, ତେବେ ପିଲାମାନେ କ'ଣ ନ ଦେଖିବା ଉଚିତ୍ ସେ କଥା ସଫା ସଫା କହିଥିଲେ। ସେ କହିଥିଲେ, ପିଲାମାନେ ମୋ ଫିଲ୍ମ ଦେଖିବା ଉଚିତ୍ ନୁହେଁ। ଦେଶର ନାବାଳକମାନେ ମୋ ଫିଲ୍ମ କେବେ ବି ନ ଦେଖନ୍ତୁ ବୋଲି ଇମ୍ରାନ ପ୍ରତିକ୍ରିୟା ରଖିଥିଲେ। ସେ ଆହୁରି ମଧ୍ୟ କହିଥିଲେ, ମୋ ଫିଲ୍ମ 'ଦ ବଡି' ମଧ୍ୟ ଏ(A) ସାର୍ଟିଫିକେଟ୍ ଫିଲ୍ମ ଅଟେ। ଏହାକୁ ମିଧ ପିଲାମାନେ ଦେଖିବା ଉଚିତ ନୁହେଁ। ତେବେ ଫିଲ୍ମଟି ବେଶ୍ ମଜାଦାର ଆଉ ସସ୍‌ପେନ୍ସରେ ଭରପୂର, ଯେଉଁଥିରେ ଦର୍ଶକ ଗୋଟିଏ ସିନ୍ ପରେ ଆଗକୁ କ'ଣ ହେବ ତାହା ଅନୁମାନ ମଧ୍ୟ କରିପାରିବେ ନାହିଁ। ସେହିପରି କଳାକାରଙ୍କୁ ଫିଲ୍ମରେ ଅଭିନୟର ସୁଯୋଗ ପାଇବାକୁ ନିର୍ଦ୍ଦେଶକଙ୍କୁ ମିଛ ପ୍ରଶଂସା କରିବାକୁ ପଡ଼ିଥାଏ ବୋଲି ଏକ ପ୍ରଶ୍ନରେ ମଧ୍ୟ ଇମ୍ରାନ୍ ସ୍ପଷ୍ଟ ଉତ୍ତର ଦେଇଥିଲେ। ସେ କହିଥିଲେ, ହଁ, ବେଳେ ବେଳେ କାମ ହାସିଲ କରିବାକୁ ସେଟ୍‌ରେ ନିର୍ଦ୍ଦେଶକଙ୍କ ମିଛ ପ୍ରଶଂସା କରିବାକୁ ପଡ଼ିଥାଏ। 'ଦ ବଡି' ଫିଲ୍ମରେ ଇମ୍ରାନ୍‌ଙ୍କ ବ୍ୟତୀତ ଋଷି କପୁର ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବେ। ଫିଲ୍ମଟି ୨୦୧୨ରେ ରିଲିଜ୍ ସ୍ପାନିଶ୍ ଫିଲ୍ମ 'ଦ ବଡି'ର ହିନ୍ଦୀ ରିମେକ୍ ହୋଇଥିବାବେଳେ ଡିସେମ୍ବର ୧୩ରେ ଏହା ରିଲିଜ୍ ହେବ।

# ପୁଣି ହାର୍ଦ୍ଦିକ୍-ଉର୍ବଶୀ ଲିଙ୍କ୍‌ଅପ୍



**ମୁମ୍ବାଇ:** ଚର୍ଚ୍ଚାରେ ବଲିଉଡ୍ ନାୟିକା ଉର୍ବଶୀ ରୌଟେଲା। ସୋସିଆଲ୍ ମିଡିଆରେ ଲୋକେ ତାଙ୍କୁ ଲୋକପ୍ରିୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ପୁଣି ଯୋଡ଼ିବା ଆରମ୍ଭ କରିଦେଇଛନ୍ତି। ଉର୍ବଶୀ ନିଜ ପୋଷା କୁକୁର ସହ ଏକ ଫଟୋ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ, ଯାହାକୁ ନେଇ ଏତେ ଚର୍ଚ୍ଚା ଆରମ୍ଭ ହୋଇଛି। ପୋଷା କୁକୁର ସହ ଉର୍ବଶୀଙ୍କ ଫଟୋ ବେଶ ସୁନ୍ଦର ଲାଗୁଛି। ଏହାକୁ ଫ୍ୟାନ୍‌ମାନେ ପସନ୍ଦ ମଧ୍ୟ କରୁଛନ୍ତି। ତେବେ କୁକୁର ସହ ଉର୍ବଶୀଙ୍କ ଫଟୋ ପୋଜ୍ ଏକଦମ୍ ହାର୍ଦ୍ଦିକଙ୍କ ପୋଜ୍ ଭଳି ହୋଇଛି। କନ୍‌ଫ୍ୟୁଜ୍ ହେଉଛନ୍ତି କି ! ପ୍ରକୃତରେ ଉର୍ବଶୀଙ୍କ ପୂର୍ବରୁ ହାର୍ଦ୍ଦିକ ମଧ୍ୟ ନିଜ କୁକୁର ସହ ସମାନ ପୋଜ୍ ଦେଇ ଏକ ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ଉଭୟଙ୍କ ପୋଜ୍ ପ୍ରାୟ ସମାନ ଥିବାରୁ ଲୋକେ ଏମାନଙ୍କୁ ଚିଡ଼ାଇବା ଆରମ୍ଭ କରିଦେଇଛନ୍ତି। ଉର୍ବଶୀଙ୍କୁ ହାର୍ଦ୍ଦିକ୍ ଉପହାରରେ ଏହି କୁକୁରଟିକୁ ଦେଇଥିବା ସୋସିଆଲ୍ ମିଡିଆରେ ଚର୍ଚ୍ଚା ହେଉଛି। ତେବେ କିଛିଦିନ ପୂର୍ବରୁ ଉର୍ବଶୀ ନିଜ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ହାର୍ଦ୍ଦିକଙ୍କ ସହ ତାଙ୍କ ଲିଙ୍କ୍‌ଅପ୍ ନ କରିବାକୁ ଲୋକଙ୍କୁ କହିଥିଲେ। ଏହାସହ ଗଣମାଧ୍ୟମକୁ ମଧ୍ୟ ଉଭୟଙ୍କୁ ନେଇ କୌଣସି ଖବର ପ୍ରସାରଣ ନ କରିବାକୁ ଅନୁରୋଧ କରିଥିଲେ। ସେ କହିଥିଲେ, ଏଭଳି ଗୁଜବ ପ୍ରସାରଣ କରନ୍ତୁ ନାହିଁ। ମୋର ମଧ୍ୟ ପରିବାର ଅଛି, ମୋତେ ମଧ୍ୟ ଉତ୍ତର ରଖିବାକୁ ପଡ଼ିଥାଏ। ଏଭଳି ଗୁଜବ ଦ୍ୱାରା ମୋତେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଉର୍ବଶୀ କହିଥିଲେ। ଏଠାରେ କହିରଖୁଛୁ ଯେ, ୨୦୧୮ରେ ହାର୍ଦ୍ଦିକ-ଉର୍ବଶୀଙ୍କ ରିଲେସନଶିପ୍ ଖୁବ୍ ଚର୍ଚ୍ଚା ସାଉଁଟିଥିଲା। ଉଭୟ ସୋସିଆଲ ମିଡିଆରେ ମଧ୍ୟ ପରସ୍ପରକୁ ପୋଷ୍ଟରେ କମେଣ୍ଟ ଦେଉଥିଲେ। ସେମାନଙ୍କୁ ଅନେକ ସ୍ଥାନରେ ଏକାଠି ଦେଖିବାକୁ ମିଳିଥିଲା। କିନ୍ତୁ ପରେ ଉର୍ବଶୀଙ୍କ ଏଭଳି ପୋଷ୍ଟରୁ ଜଣାପଡୁଛି ସେମାନେ ଆଉ ଡେଟ୍ କରୁନାହାନ୍ତି।

# ଏମ୍‌ବିଏ ଛାତ୍ରୀଙ୍କ ଟ୍ରାଫିକ୍ ମ୍ୟାନେଜ୍‌ମେଣ୍ଟ

**ଇନ୍ଦୋର:** ମଧ୍ୟ ପ୍ରଦେଶରେ ଜଣେ ଏମ୍‌ବିଏ ଛାତ୍ରୀଙ୍କ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଛାତ୍ରୀ ଜଣକ ଟ୍ରାଫିକ୍ ପୋଷ୍ଟରେ ଲୋକଙ୍କୁ ଭିନ୍ନ ଢଙ୍ଗରେ ଟ୍ରାଫିକ୍ ନିୟମ ବୁଝାଉଥିବା ଦେଖିବାକୁ ମିଳିଛି। ଶୁଭି ଜୈନ ନାମକ ଏହି ଛାତ୍ରୀ ଜଣକ ସିମ୍ବିଓସିସ୍ ଇନ୍‌ଷ୍ଟିଚ୍ୟୁଟ, ପୁଣେର ଛାତ୍ରୀ। ସେ ଏବେ ଇନ୍ଦୋର ରାସ୍ତା ଉପରେ ନାଚି ନାଚି ଲୋକଙ୍କୁ ଟ୍ରାଫିକ୍ ନିୟମ ସମ୍ପର୍କରେ ବୁଝାଉଥିବା ଦେଖାଯାଇଛି। ଆଉ ଏହି ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ସେ କହିଛନ୍ତି, ଗତ କିଛିଦିନ ହେବ ସେ ଏପରି କରୁଛନ୍ତି। ଯେତେବେଳେ ଲୋକେ ଆପଣଙ୍କୁ ବୁଲିକି ଦେଖିବେ ଓ ସ୍ମିତହାସ୍ୟ ଦେବେ ସେତେବେଳେ ଜଣେ ଯେ କୌଣସି କାର୍ଯ୍ୟ କରିବାକୁ ଉତ୍ସାହିତ ହେବ। ଇନ୍ଦୋର ଡିଏସ୍‌ପି ଉମାକାନ୍ତ ଚୌଧୁରୀ କହିଛନ୍ତି, ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ସ୍କୁଲ ଓ ଇନ୍‌ଷ୍ଟିଚ୍ୟୁଟର ଭଲ୍ୟୁଣ୍ଟିୟରମାନଙ୍କୁ ନେଉଛୁ। ଆଉ ଏବେ ଶୁଭିଙ୍କ ନିଆରା ଢଙ୍ଗରେ ଟ୍ରାଫିକ୍ ସଚେତନତା ଅନେକଙ୍କୁ ପସନ୍ଦ ଆସିଛି। ଏହା ଏକ ଭଲ ପ୍ରୟାସ ବୋଲି କିଛିଲୋକ ଏହାର ସମର୍ଥନ କରିଛନ୍ତି।

ଭିଡିଓ ଭାଇରାଲ







# ପୁଣି ବିଧାନସଭାରେ ଉଠିଲା ମହାନଦୀ ଜଳବିବାଦ ପ୍ରସଙ୍ଗ

ଭୁବନେଶ୍ୱର,୨୬ା୧୧(ବ୍ୟୁରୋ)

- କହିବାକୁ ନ ଦେବାରୁ ବିରୋଧୀଙ୍କ ହଟ୍ଟଗୋଳ
- ବୁଧବାର ଯାଏ ଗୃହ ମୁଲତବୀ
- ବିଧାନସଭାରେ ଆଗତ ହେଲା ଜିଏସ୍‌ଟି ବିଲ୍‌-୨୦୧୯

ବିଧାନସଭାରେ ପୁଣି ଉଠିଲା ମହାନଦୀ ଜଳ ବିବାଦ ପ୍ରସଙ୍ଗ। ଏହି ପ୍ରସଙ୍ଗ ଶାନ୍ତ ପଡ଼ିବା ନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ମଙ୍ଗଳବାର ବିଧାନସଭା ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ନରସିଂହ କହିଛନ୍ତି ଯେ ଗତ ନିର୍ବାଚନ ପରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସମ୍ପୂର୍ଣ୍ଣ ବଦଳି ଯାଇଛି। ଗତ ଅଧିବେଶନରେ ମହାନଦୀ ଜଳ ବିବାଦକୁ ନେଇ ଶାସକ ଦଳ ଗୃହକୁ ଉଠାଉଥିଲେ ପକାଉଥିଲେ। ମାତ୍ର ଚଳିତ ଅଧିବେଶନରେ କେନ୍ଦ୍ର କଥା ଆଉ ଉଠାଉନାହାନ୍ତି। ଏ ବିଷୟରେ ପୂରା ଚୁପ୍ ହୋଇଯାଇଛନ୍ତି। ମହାନଦୀରେ ବର୍ଷକୁ ୪ମାସ ପାଣି ଆସୁଛି। ଖରାଦିନେ ଯେତିକି ପାଣି ଆସିବା କଥା ତାହା ଆସୁନାହିଁ। ସମୁଦ୍ର ପାଣି ନଦୀକୁ ପଶି ଆସୁଛି। ମହାନଦୀରୁ ପାଣି ନ ଗଲେ ସମୁଦ୍ରରୁ ଲୁଣିପାଣି ନଦୀକୁ ପଶିଆସିବ। ମହାନଦୀ ଜଳ ବିବାଦର ବର୍ତ୍ତମାନ ସ୍ଥିତି କ'ଣ। ଟ୍ରିବ୍ୟୁନାଲରେ ଏହା କେତେଦୂର ଆଗେଇଛି। ତୁରନ୍ତ ଏହା ଗୃହକୁ ଜଣାନ୍ତୁ ବୋଲି ନରସିଂହ ଦାବି କରିଥିଲେ। ଏଥିସହ ସେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କଗୁଡ଼ିକର ଅଡିଟ୍ ରିପୋର୍ଟ ଗୃହରେ ଉପସ୍ଥାପନ କରିବା ଲାଗି ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦ୍ରବ୍ୟ ଓ ସେବା ଟିକସ(ଜିଏସଟି) ବିଲ୍ ଗୃହରେ ଗୃହୀତ କରିବା ପୂର୍ବରୁ ଏ ବିଷୟରେ ଭଲ ଭାବେ ଆଲୋଚନା ହେବା ଆବଶ୍ୟକ ବୋଲି ନରସିଂହ କହିଥିଲେ।

ଶୂନ୍ୟକାଳରେ କହିବାକୁ ସୁଯୋଗ ନ ମିଳିବାରୁ ବିରୋଧୀ ଭାଜପା ସଦସ୍ୟ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଏପରି କି ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ପାଟିତୁଣ୍ଡ ମଧ୍ୟରେ ଉପବାଚସ୍ପତି ରଜନୀକାନ୍ତ ସିଂ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଓଡ଼ିଶା ରାଜ୍ୟ ଅର୍ଥ ନିଗମ ଓ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ନିଗମର ୨୦୧୯-୨୦ ବାର୍ଷିକ ରିପୋର୍ଟ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ ଓଡ଼ିଶା ବିଧାନସଭା କାର୍ଯ୍ୟ ପରାମର୍ଶଦାତା କମିଟିଙ୍କ ରିପୋର୍ଟ ଗୃହରେ ଉପସ୍ଥାପନ କରିବାକୁ କହିଥିଲେ। ଏଥିସହ ଜିଏସ୍‌ଟି ବିଲ୍-୨୦୧୯କୁ ଗୃହରେ ଆଗତ କରିବା ଲାଗି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ କହିଥିଲେ। ପାଟିତୁଣ୍ଡକୁ ଦେଖି ଉପବାଚସ୍ପତି ଗୃହକୁ ୧୨ଟା ୭ରୁ ବୁଧବାର ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

# ଆଶୀର୍ବାଦଙ୍କୁ ଜାମିନ ମିଳିଲା

କଟକ ଅଫିସ,୨୬ା୧୧

ଅର୍ଥତତ୍ତ୍ୱ(ଏଟି) ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ ମଙ୍ଗଳବାର ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଦେଢ଼ଲକ୍ଷ ଟଙ୍କାର ୨ଜଣ ଜାମିନଦାରଙ୍କ ସହ ଅଦାଲତରେ ପାସ୍‌ପୋର୍ଟ ଜମା ଦେବା ଓ ସାକ୍ଷୀମାନଙ୍କୁ ପ୍ରଭାବିତ ନ କରିବା ପାଇଁ ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ଏବେ ଆଶୀର୍ବାଦ ସିବିଆଇ ହେପାଜତରେ ଥାଇ କଟକ ଏସ୍‌ସିବି ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଗତ ୨୦ତାରିଖରେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଦେବବ୍ରତ ଦାସଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ।

# ୧୬ ବିଭାଗରେ ନିଯୁକ୍ତ ହେବେ ୨୮୯ ଅଧ୍ୟାପକ

ଭୁବନେଶ୍ୱର, ୨୬ା୧୧(ବ୍ୟୁରୋ)

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟଗୁଡ଼ିକରେ ଖାଲିଥିବା ଅଧ୍ୟାପକ ପଦବୀ ପୂରଣ ଦିଗରେ ସରକାର ପଦକ୍ଷେପ ନେଇଛନ୍ତି। ଏଥିପାଇଁ ବିଭାଗ ଦ୍ୱାରା ରାଜ୍ୟ ସିଲେକ୍ସନ୍ ବୋର୍ଡକୁ ୮୩୩ ଅଧ୍ୟାପକ ପଦବୀ ପୂରଣ ନିମନ୍ତେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ଏନେଇ ବୋର୍ଡ ଦ୍ୱାରା ପଦବୀ ପୂରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଇତି ମଧ୍ୟରେ ୯ ବିଭାଗରେ ୨୯୯ ଅଧ୍ୟାପକ ପଦବୀ ପୂରଣ ହୋଇସାରିଛି। ଏଥର ୧୬ ବିଭାଗର ୨୮୯ ଯୋଗ୍ୟ ବିବେଚିତ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ବିଭିନ୍ନ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ନିଯୁକ୍ତି ଦିଆଯିବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆହା କି ହେଲା**
**ସଞ୍ଚି ରଖିଥିଲି ଖଣ୍ଟ ଖାଇଲା ।**
**କା ପାଇଁ ରଖିଲି କିଏ ଖାଇଲା ?**
**କିଏ କମେଇଲା କିଏ ସେ ନେଲା ?**

ସଞ୍ଚିତ ଧନ ଖଣ୍ଟ ଖାଇବା ପରି ଜଣକୁ ଭକୁଆ ବନେଇ ଅନ୍ୟ ଜଣେ ସୁଖ ସୁବିଧା କୌଶଳ କରି ହାତେଇ ନିଏ ଅଥଚ କଷ୍ଟ କରିବା ଲୋକର ଫଳ ପ୍ରାପ୍ତିରେ ଦାବି ନ ଥାଏ। ସୁବିଧାବାଦୀ ଲୋକ ହିଁ ଏ ଫଳ ଅନାୟାସରେ ଭୋଗ କରି ଚାଲିଥାଏ। ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆଲ ବୋଇଲେ କାଲ ଶୁଭେ**
**ଘର ପୋଡ଼ି ବୋଇଲେ ବଣ ପୋଡ଼ି ଶୁଭେ ।**

କିଛି ବ୍ୟକ୍ତିଙ୍କ କାନକୁ ଭଲ ଶୁଭି ନ ଥାଏ। ଗୋଟିଏ କଥା କହିଲେ ତାଙ୍କ କାନକୁ ଅନ୍ୟ କିଛି କଥା ଶୁଭିଥାଏ। ଘରପୋଡ଼ିକୁ ବଣପୋଡ଼ି ଭାବିବା ଭଳି ଗୋଟିଏ ବିଷୟ କହିଲେ ଅନ୍ୟ ବିଷୟ ଧରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଜାଲ୍ ସାର୍ଟିଫିକେଟ ଦେଇ ଶିକ୍ଷକ ଗିରଫ

ମାଲକାନଗିରି,୨୬ା୧୧ (ଡି.ଏନ.ଏ.)

ଜାଲ ବିଇଡି ସାର୍ଟିଫିକେଟ ଦେଇ ୮ଜଣ ଛାତ୍ରୀଛାତ୍ରଙ୍କୁ ଠକିଥିବା ଅଭିଯୋଗରେ ମାଲକାନଗିରି ପୋଲିସ ଜଣେ ଶିକ୍ଷକଙ୍କୁ ଗିରଫ କରିଛି। ତାଙ୍କ ନାମ ଅରୁଣ ସେନ । ସେ ମାଲକାନଗିରି ଜିଲ୍ଲା ଉପୁଡା ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ସେନ୍ ପ୍ରାୟ ୮ଜଣ ଛାତ୍ରୀଛାତ୍ରଙ୍କୁ ଲଳିତ ନାରାୟଣ ମିଥିଳା ୟୁନିଭରସିଟିର ମିଥ୍ୟା ବିଇଡି ସାର୍ଟିଫିକେଟ ଦେଇ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ସେମାନଙ୍କୁ ଏହି ସାର୍ଟିଫିକେଟ୍‌ରେ ଶିକ୍ଷକ ଚାକିରି ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସାର୍ଟିଫିକେଟଗୁଡିକ ଜାଲ ବୋଲି ଛାତ୍ରୀଛାତ୍ର ଜାଣିବା ପରେ ସେମାନେ ଥାନାରେ ଏତଲା ଦେଇଥିଲେ । ପୋଲିସ ଘଟଣାର ତଦନ୍ତ କରି ସମ୍ପୃକ୍ତ ଶିକ୍ଷକ ଅରୁଣଙ୍କୁ ଗିରଫ କରିଛି।

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

### ବିଜ୍ଞପ୍ତି



କୁମାର- ମିଳିଥିବା ଦିନର ଫଟୋ



କୁମାର- ବର୍ତ୍ତମାନର ଫଟୋ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁପୁତ୍ରଟିକୁ ଗତ ତା୧୫ା୧୦ା୨୦୧୬ରିଖରେ କଟକ ଶ୍ରୀ ରାମଚନ୍ଦ୍ରଭଞ୍ଜ ହସ୍ପିଟାଲରେ ମାନସିକ ରୋଗ ବିଭାଗ ଦ୍ୱାରା ହସ୍ତାନ୍ତର ହୋଇ କଟକ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶରେ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଅଛି। ଏହି ଶିଶୁପୁତ୍ରଟିର ନାମ 'କୁମାର' ରଖାଯାଇଅଛି। ଉକ୍ତ ଶିଶୁପୁତ୍ରଟିର ଯଦି କେହି ପିତାମାତା କିମ୍ବା ଆଇନ୍‌ସିଦ୍ଧ ଦାବିଦାର ଥା'ନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରୀ ନଂ.- ୬୩, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ.- ୦୬୭୧-୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ, କଟକ-୭୫୩୦୦୨, ଫୋନ୍ ନଂ.- ୦୬୭୧-୨୫୦୮୧୩୩, ମୋବାଇଲ୍ ନଂ.- ୭୯୭୮୧୪୬୮୧୪ / ୯୮୬୧୧୫୪୫୫୩ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ-୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

| କ୍ରମିକ ନଂ. | ଶିଶୁର ନାମ | ପୁଅ/ ଝିଅ | ବୟସ/ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | ମନ୍ତବ୍ୟ |
|---|---|---|---|---|---|---|
| ୧ | କୁମାର | ପୁଅ | ୧୩ା୧୦ା୨୦୧୬ | ୧୫ା୧୦ା୨୦୧୬ | ଏସ୍‌ସିବି ମେଡିକାଲ, କଟକ ମାନସିକ ରୋଗ ବିଭାଗରୁ | • ଶିଶୁ ମଙ୍ଗଳ ସମିତି, କଟକଙ୍କୁ ନିର୍ଦ୍ଦେଶନାମା ନଂ. ୨୪୧୪, ତା୨୦ା୧୨ା୨୦୧୬ • ବିଡାନାସୀ ଥାନାକୁ ଦିଆଯାଇଥିବା ଚିଠି ନଂ.- ୮୫୬୨, ତା୧୭ା୧୦ା୨୦୧୬ |

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

### ବିଜ୍ଞପ୍ତି



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ମତେ ଶିଶୁପୁତ୍ରଟିକୁ ତା୧୩ା୧୧ା୨୦୧୮ ସନ୍ଧ୍ୟା ଘ.୭.୩୦ମିନିଟ୍‌ରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ପରିତ୍ୟକ୍ତ ଅବସ୍ଥାରେ ପାରାଲିଗାଲ ଭଲେଣ୍ଟିୟରଙ୍କ ଦ୍ୱାରା ଉଦ୍ଧାର କରାଯାଇଥିଲା। CWCଙ୍କ ନିର୍ଦ୍ଦେଶକ୍ରମେ ସର୍ଭାଣ୍ଟସ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର ଶାଖାରେ ରହିଆସୁଅଛି। ଉକ୍ତ ଶିଶୁ ପୁତ୍ରଟିର ଯଦି କେହି ପିତା/ମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରୀ ନଂ. ୬୩, କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଫୋନ୍ ନଂ.- ୦୬୭୧-୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ ପାଖ, କଟକ ଫୋନ୍ ନଂ. ୦୬୭୧-୨୫୦୮୧୩୩, ମୋ- ୯୮୬୧୧୫୪୫୫୩ କିମ୍ବା ସମ୍ପାଦକ, ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର କଟକ, ଫୋନ୍ ନଂ.- ୦୬୭୧-୨୩୯୪୩୯୯କୁ ଯୋଗାଯୋଗ କରନ୍ତୁ। ଏହି ସମୟ ଅତିବାହିତ ହେବା ପରେ ଉକ୍ତ ଶିଶୁପୁତ୍ର ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ, ଶିଶୁ ଯତ୍ନ ଓ ସୁରକ୍ଷା ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଯୋଗ୍ୟ ଶିଶୁ ଭାବେ ଘୋଷଣା କରାଯାଇ ତା'ର ଆବଶ୍ୟକ ଥଇଥାନ କରାଯିବ।

| କ୍ର. ନଂ. | ଶିଶୁର ନାମ | ଲିଙ୍ଗ | କେବେ ମିଳିଛି | କେଉଁ ସ୍ଥାନରୁ | ଶାରୀରିକ ଅବସ୍ଥା | ବୟସ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ପ୍ରତ୍ୟୁଷ | ପୁଅ | ୧୩ା୧୧ା୨୦୧୮ | ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସର | ଉତ୍ତମ | ୧୮ା୦୭ା୨୦୧୮ | CWC କେସ୍ ନଂ. ୩୫୮୦/ ୨୦୧୮ |

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

### ବିଜ୍ଞପ୍ତି



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ମତେ ଶିଶୁପୁତ୍ରଟିକୁ ଗତ ତା୨୮ା୦୬ା୨୦୧୭ରିଖ ଅପରାହ୍ନ ୨ଟା୩୦ ମିନିଟ୍‌ରେ ସାଲେପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। CWCଙ୍କ ନିର୍ଦ୍ଦେଶକ୍ରମେ ସର୍ଭାଣ୍ଟସ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର ଶାଖାରେ ରହିଆସୁଅଛି। ଉକ୍ତ ଶିଶୁ ପୁତ୍ରଟିର ଯଦି କେହି ପିତା/ମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରୀ ନଂ. ୫୪, କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଫୋନ୍ ନଂ.- ୦୬୭୧-୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ ପାଖ, କଟକ ଫୋନ୍ ନଂ. ୦୬୭୧-୨୫୦୮୧୩୩, ମୋ- ୯୮୬୧୧୫୪୫୫୩ କିମ୍ବା ସମ୍ପାଦକ, ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର କଟକ, ଫୋନ୍ ନଂ.- ୦୬୭୧-୨୩୯୪୩୯୯କୁ ଯୋଗାଯୋଗ କରନ୍ତୁ। ଏହି ସମୟ ଅତିବାହିତ ହେବା ପରେ ଉକ୍ତ ଶିଶୁପୁତ୍ର ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ, ଶିଶୁ ଯତ୍ନ ଓ ସୁରକ୍ଷା ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଯୋଗ୍ୟ ଶିଶୁ ଭାବେ ଘୋଷଣା କରାଯାଇ ତା'ର ଆବଶ୍ୟକ ଥଇଥାନ କରାଯିବ।

| କ୍ର. ନଂ. | ଶିଶୁର ନାମ | ଲିଙ୍ଗ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | ଶାରୀରିକ ଅବସ୍ଥା | ବୟସ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ଲିପୁନ୍ | ପୁଅ | ୨୮ା୦୬ା୨୦୧୭ | ସାଲେପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର | ଉତ୍ତମ | ୨୬ା୦୬ା୨୦୧୭ | CWC କେସ୍ ନଂ. ୨୭୯୫ |

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ

## ପ୍ରଗତୀପଥେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କେନ୍ଦୁଝର

### ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା

ଚଳିତ ୨୦୧୯-୨୦ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅଦ୍ୟାବଧି ୧,୦୦,୯୮୬ ପରିବାରକୁ ୩୦,୧୯,୦୦୩ ଶ୍ରମଦିବସ ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ୨୦୫୧ଟି ପରିବାରକୁ ୧୦୦ଦିନର ଶ୍ରମଦିବସ ପ୍ରଦାନ କରାଯାଇଛି। ଏହି ଯୋଜନା ଅନ୍ତର୍ଗତ ୮୭୯୪.୦୩ ଲକ୍ଷ ଟଙ୍କା ବିନିଯୋଗ କରି ଗ୍ରାମାଞ୍ଚଳ ୨୭୬୧୯ ଗୋଟି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରାଯାଇଛି ଓ ୪୨୩୯୫ଗୋଟି ପ୍ରକଳ୍ପରେ ଅଦ୍ୟାବଧି କାର୍ଯ୍ୟ ଚାଲୁଅଛି। ଏତଦ୍‌ବ୍ୟତୀତ ସମସ୍ତ ଗ୍ରାମୀଣ ଗୃହ ଯୋଜନାରେ ଗୃହ ପାଇଥିବା ହିତାଧୀକାରୀମାନଙ୍କୁ ଏହି ଯୋଜନାରୁ ୯୫ଦିନର ଅତିରିକ୍ତ ଶ୍ରମଦିବସ ଯୋଗାଇ ଦେବା ସହିତ ସେମାନଙ୍କର ଜୀବନ ଜୀବିକା କୁ ସୁଦୃଢ କରିବା ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ପ୍ରକଳ୍ପ ହାତକୁ ନେବା ପାଇଁ ଯୋଜନା ପ୍ରସ୍ତୁତି ହୋଇଛି। ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାରେ ଗ୍ରାମାଞ୍ଚଳରେ ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରକଳ୍ପଗୁଡିକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ପ୍ରଶାସନିକ ସ୍ତରରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)

ଏହି ଯୋଜନାରେ ଚଳିତ ୨୦୧୯-୨୦ ଆର୍ଥିକ ବର୍ଷରେ କେନ୍ଦୁଝର ଜିଲ୍ଲାରେ ୩୬୦୮୫ ହିତାଧିକାରୀଙ୍କର ଗୃହ ନିର୍ମାଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନିମନ୍ତେ ପ୍ରାଥମିକ ସ୍ଥିତିରେ ୩୧୦୮୭ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ତା୧୫ା୧୧ା୨୦୧୯ରିଖ ସୁଦ୍ଧା ୩୦୦୧୮ ଜଣଙ୍କ ବ୍ୟାଙ୍କ ଜମା ଖାତାକୁ ପ୍ରଥମ କିସ୍ତି ବାବଦ ଟ.୨୦,୦୦୦ଙ୍କା ଅଗ୍ରୀମ ଅର୍ଥ ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ୧୫୪୧୯ଜଣ ହିତାଧିକାରୀ ଦ୍ୱିତୀୟ କିସ୍ତି ଓ ୮୦୦୫ ଜଣ ହିତାଧିକାରୀ ତୃତୀୟ କିସ୍ତି ଅର୍ଥ ପାଇବାରେ ସକ୍ଷମ ହୋଇଛନ୍ତି। ଏଥି ସହ ୩୮୬୨ ଜଣ ହିତାଧିକାରୀ ଗୃହ ସମ୍ପୂର୍ଣ୍ଣ କରିସାରିଛନ୍ତି।

### ଆମ ଗାଁ ଆମ ବିକାଶ

ଗ୍ରାମାଞ୍ଚଳର ଭିତ୍ତିଭୂମି ସୁଦୃଢ ଉଦ୍ଦିଷ୍ଟେ ଉକ୍ତ ଯୋଜନାରେ ୨୧୦୬ ଗୋଟି ପ୍ରକଳ୍ପକୁ ୬୮୬୫.୦୦ ଲକ୍ଷଟଙ୍କା ବିନିଯୋଗ କରି ସମ୍ପୂର୍ଣ୍ଣ କରିବାକୁ ଅନୁମୋଦିତ ହୋଇଛି। ଅକ୍ଟୋବର ମାସ ଶେଷ ସୁଦ୍ଧା ୩୬୮୮.୬୬ ଲକ୍ଷ ଟଙ୍କା ବିନିଯୋଗ କରି ୯୫୪ଗୋଟି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରାଯାଇଛି।

## ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା

ଜିଲ୍ଲାବାସୀ, ଚାଷୀଭାଇ ଓ ବ୍ୟବସାୟୀ ତଥା ଖାଉଟି ଭାଇମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ କମିଟିର ସମସ୍ତ ସଫଳତା ଓ ଆଗାମୀ ଦିନର ଲକ୍ଷ୍ୟ ପୂରଣ ନିମନ୍ତେ ସଦିଚ୍ଛା ଓ ସହଯୋଗ କାମନା କରୁଅଛି।

୧) ଓଡ଼ିଶା ରାଜ୍ୟ କୃଷିଜାତ ଦ୍ରବ୍ୟ ଉତ୍ପାଦନ ଓ ବିପଣନ ଆଇନ୍ ୧୯୫୬ ଅନୁଯାୟୀ, ୧୯୭୯ ମସିହାରେ କେନ୍ଦ୍ରାପଡ଼ା ନିୟନ୍ତ୍ରିତ ବଜାର କମିଟି ଗଠନ କରାଯାଇଅଛି। ଏହା ଚାଷୀ ଭାଇମାନଙ୍କର କୃଷିଜାତ ଦ୍ରବ୍ୟର ବିକ୍ରିବଟାର ସୁବ୍ୟବସ୍ଥା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ବଜାର ପ୍ରାଙ୍ଗଣମାନ ନିର୍ମାଣ କରି ଚାଷୀଭାଇମାନଙ୍କୁ ସୁବିଧା ଓ ସୁଯୋଗମାନ ଯୋଗାଇଦେଉଅଛି। ଫଳରେ ଜିଲ୍ଲାର ଅଗଣିତ ଚାଷୀଭାଇ ଓ ଖାଉଟିମାନେ ଉପକୃତ ହେଉଛନ୍ତି।

୨) କେନ୍ଦ୍ରାପଡ଼ା ଜିଲ୍ଲାର ଜମଧରଠାରେ କମିଟିର ମୁଖ୍ୟ ବଜାର ପ୍ରାଙ୍ଗଣ ପ୍ରତିଷ୍ଠା କରାଯାଇଅଛି। ଏଠାରେ ଗତ ୧୬ବର୍ଷଠାରୁ ସରକାରୀ ଧାନକ୍ରୟ କେନ୍ଦ୍ର ଖୋଲାଯାଇ ଚାଷୀଭାଇମାନଙ୍କଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କ୍ରୟ କରାଯାଇ ଉଚିତ୍ ମୂଲ୍ୟ ପ୍ରଦାନ କରାଯାଉଅଛି। ଚଳିତ ୨୦୧୯-୨୦ ଖରିଫ୍ ଋତୁରେ ଡିସେମ୍ବର - ୨୦୧୯ର ତୃତୀୟ ସପ୍ତାହଠାରୁ ଚାଷୀଭାଇମାନଙ୍କଠାରୁ ସରକାରୀ ମୂଲ୍ୟରେ ଧାନ କ୍ରୟ କରାଯିବ। ଚଳିତ ଖରିଫ ୨୦୧୯-୨୦ ବର୍ଷରେ ଧାନ ବିକ୍ରୟ ନିମନ୍ତେ ଚାଷୀ ନାମ ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ।

୩) କମିଟି ଅଧୀନରେ ଥିବା ୬ଗୋଟି ଅର୍ଦ୍ଧ ସାପ୍ତାହିକ ପରିବା ହାଟ ଯଥା: ପଚାମୁଣ୍ଡାଇ, ଚାନ୍ଦୋଳ, ଛତା, ମାର୍ଶାଘାଇ, ଇନ୍ଦୁପୁର ଓ ରାଜନଗରଠାରେ କମିଟି ତରଫରୁ ଖୋଲାପିଣ୍ଡି, ଛାତପିଣ୍ଡି, ଛୋଟ ଗୋଦାମ ଗୃହ ଓ ଦୋକାନ ଗୃହମାନ ସ୍ଥାପନ କରାଯିବା ସହିତ ଚାଷୀଭାଇ ଓ ଖାଉଟିମାନଙ୍କର ବିକ୍ରିବଟା ପାଇଁ ବିଜୁଳି ଆଲୋକ ଓ ଜଳ ଯୋଗାଣର ମଧ୍ୟ ସୁବ୍ୟବସ୍ଥା କରାଯାଇଅଛି।

୪) ୫(କ) ନମ୍ବର ଜାତୀୟ ରାଜପଥ, କେନ୍ଦ୍ରାପଡ଼ା ସହର ସନ୍ନିକଟ ଗୋପଛକଠାରେ କମିଟିର ନିଜସ୍ୱ ବଜାର ପ୍ରାଙ୍ଗଣ ସ୍ଥାପନ କରାଯାଇ ଚାଷୀଭାଇମାନଙ୍କର ବିକ୍ରିବଟା ନିମନ୍ତେ ଉପରୋକ୍ତ ସୁବିଧା ଓ ସୁଯୋଗମାନ ଯୋଗାଇ ଦିଆଯାଇଅଛି।

୫) ଛତାହାଟଠାରେ ୨୦୦୧ ମସିହାଠାରୁ କୃଷକ ବଜାର ସ୍ଥାପନ କରାଯାଇ କୃଷକ ଭାଇମାନଙ୍କର ବିକ୍ରିବଟା ନିମନ୍ତେ ଉପରୋକ୍ତ ସୁବିଧା ଓ ସୁଯୋଗମାନ ଯୋଗାଇ ଦିଆଯାଇଅଛି।

୬) ଚଳିତ ୨୦୧୯-୨୦ (ବିପଣନ) ବର୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଓ ରାଜକନିକାଠାରେ ସରକାରୀ ଅନୁଦାନରେ ନୂତନ ବଜାର ପ୍ରାଙ୍ଗଣମାନ ନିର୍ମାଣ କରାଯାଇ ଚାଷୀଭାଇମାନଙ୍କର କୃଷିଜାତ ଦ୍ରବ୍ୟ ବିକ୍ରିବଟାର ସୁବନ୍ଦୋବସ୍ତ କରାଯିବ।

୭) ଚଳିତ ୨୦୧୯-୨୦ (ବିପଣନ) ବର୍ଷରେ ମୁଖ୍ୟ ବଜାର ପ୍ରାଙ୍ଗଣ, ଜମଧରଠାରେ ଜିଲ୍ଲାର ବ୍ୟବସାୟୀମାନଙ୍କ ନିମନ୍ତେ ଏକ ଅତ୍ୟାଧୁନିକ ହୋଲସେଲ ମାର୍କେଟ ନିର୍ମାଣ କରାଯିବା ପାଇଁ ସ୍ଥିର ହୋଇଅଛି।

୮) ଚଳିତ ୨୦୧୯-୨୦ (ବିପଣନ) ବର୍ଷରେ ମୁଖ୍ୟ ବଜାର ପ୍ରାଙ୍ଗଣ, ଜମଧରଠାରେ ଜିଲ୍ଲାର ଚାଷୀ ଓ ବ୍ୟବସାୟୀ ଭାଇମାନଙ୍କ ନିମନ୍ତେ ରାଷ୍ଟ୍ରୀୟ କୃଷି ବଜାର (e-NAM) ସ୍ଥାପନ କରାଯିବ।

ଶ୍ରୀ ଅଜୟ କୁମାର ରାଉତ, ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା
ଶ୍ରୀ ବିଜୟ କୁମାର ପରିଡ଼ା, ଉପାଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା
ଶ୍ରୀ ଜ୍ୟୋତି ଶଙ୍କର ମହାପାତ୍ର (ଓ.ପ୍ର.ସେ.-୧), ଉପ-ଜିଲ୍ଲାପାଳ କେନ୍ଦ୍ରାପଡ଼ା ଓ ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା

## ODISHA SALES TAX TRIBUNAL, CUTTACK

File No.X-09/2019/5188/Trl., Dt.22.11.2019

### QUOTATION CALL NOTICE

No. S-22: Sealed Quotations / tender are invited from interested reputed Travel Agencies/Tour Operators or Private individuals of Cuttack/ Bhubaneswar for providing vehicles Swift Dzire(Petrol)/ Zest (Petrol)/Xcent (Petrol)/Tigor (Petrol)/Etios (Petrol), which must conform to the terms and conditions (Annexure-I) for Official use in Odisha Sales Tax Tribunal, Cuttack on monthly rate basis.

1. The Vehicle must be in Road worthy condition and shall not be more than three years old from the date of initial registration and must have valid registration certificate, insurance certificate, fitness certificate, Pollution certificate valid contract carriage permit, proof of up-to-date tax payment, coverage etc. which are mandatory for plying of vehicle.
2. The Driver of the vehicle must have a valid commercial driving licence for driving light transport passenger vehicles and should be sufficiently experienced in driving light motor vehicle.
3. The Driver should be well behaved, gentle and docile in nature.
4. A sum of Rs.5000/- shall be deposited by the intending quotationer in shape of Account Payee Bank Draft drawn in favour of the Registrar, Odisha Sales Tax Tribunal, Cuttack and submitted the tender with sealed quotation as security deposit. The amount will be refunded to those whose quotations are not accepted.
5. The monthly rate of hire charges shall be quoted separately in the general bid information (excluding fuel and Lubricants).
6. The vehicle Swift Dzire (Petrol)/Zest(Petrol)/Xcent (Petrol)/ Tigor (Petrol)/Etios (Petrol)must achieve a fuel efficiency of 17Kms. per litre with A.C. respectively.
7. Details of the make and year of manufacture of the vehicle, Registration No., mileage (Kms covered per litre) and name of the Driver with Driving licence No. and period of validity should be specifically provided in the general bid information to be furnished with the quotation/ tender.
8. It will be ensurd through Service Providers of hired vehicles that the vehicles are kept under optimum running condition and avoid accidents attributable to lack of maintenance/ upkeep. The hired vehicles cannot be used for any private/ commercial purpose beyond office hours or during holidays.
9. Log books shall be maintained for the hired vehicles as in the case of Government vehicles, kilometer reading and POL drawn shall be necessarily recorded in relevant columns and verified regularly by an authorized officer before making payment.
10. GST registration and GeM registration are compulsory for any Service Provider to provide hired vehicles to Government offices through GeM or through open bidding.
11. The hiring may be discontinued immediately, when the vehicles are no longer required for offices.
12. The quotations completed in all respect should reach the undersigned on or before dtd.27.12.2019 by 2.00 P.M. and shall be opened on the same day at 4.00 P.M. in presence of the quotationers / authorised representatives.
13. The application form quotation / tender containing General bid information and terms and conditions for hiring of vehicles will be available with the Registrar, Odisha Sales Tax Tribunal, Cuttack on payment of Rs.100/- and terms and conditions are available in official Website of the Government of Odisha Sales Tax Tribunal, Cuttack. **(www.ostt.nic.in)**.
14. This office reserves the right to cancel the bidding process at any stage without assigning any reason thereof.

**Sd./- Registrar,**
**Odisha Sales Tax Tribunal, Cuttack**

05003/11/0002/1920

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

### ବିଜ୍ଞପ୍ତି



ଆକାଶ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ନିମ୍ନଲିଖିତ ମତେ ଶିଶୁ ପୁତ୍ରଟିକୁ ତା ୦୮ା୧୧ା୨୦୧୯ ରିଖ ୬.୪୫ ମିନିଟ୍ ସନ୍ଧ୍ୟା ସମୟରେ ଟାଙ୍ଗୀ ଥାନା ଅନ୍ତର୍ଗତ କାଇରାପରି ବଜାରରେ ବୁଲୁଥିବା ସମୟରେ ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ଉଦ୍ଧାର କରାଯାଇଥିଲା। ସେ କଥା କହିବାକୁ ଅସମର୍ଥ ଥିବାରୁ ସ୍ଥାନୀୟ ବାସିନ୍ଦା ଉକ୍ତ ଶିଶୁଟିକୁ ଟାଙ୍ଗୀ ଥାନା ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ସେହିଦିନ ରାତି ୦୯.୧୫ ମିନିଟ୍ ସମୟରେ ଟାଙ୍ଗୀ ଥାନା ଅଧିକାରୀ ଉକ୍ତ ବାଳକକୁ ଚାଇଲ୍ଡଲାଇନ, କଟକକୁ ହସ୍ତାନ୍ତର କରିଥିଲେ। ତା୦୯ା୧୧ା୨୦୧୯ରିଖ ଦିନ ଚାଇଲ୍ଡଲାଇନ୍, କଟକ ଉକ୍ତ ବାଳକକୁ ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ନିକଟରେ ହାଜିର କରାଇଥିଲେ। ଜିଲ୍ଲା ଶିଶୁ ମଙ୍ଗଳ, କଟକଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ "ଆଶ୍ରୟ, ଦି ସେଲ୍ଟର" ନାମକ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ଶିଶୁ ଯତ୍ନ ଅନୁଷ୍ଠାନରେ ଯତ୍ନ, ସୁରକ୍ଷା ଏବଂ ଥଇଥାନ ନିମନ୍ତେ ଅବସ୍ଥାପିତ କରାଯାଇଛି। ଶିଶୁଟି ନିଜର ନାମ ଏବଂ ପରିଚୟ ପ୍ରକାଶ କରିବାକୁ ଅସମର୍ଥ ଥିବାରୁ ତା'ର ନାମ "ଆକାଶ" ରଖାଯାଇଛି। ଉକ୍ତ ଶିଶୁଟିର ଯଦି କେହି ପିତା, ମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଅଛନ୍ତି ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ-୫୪, କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଫୋନ ନଂ-୦୬୭୧-୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରେଟ୍ ପାଖ, କଟକ, ଫୋନ ନଂ- ୦୬୭୧-୨୫୦୮୧୩୩, ମୋ- ୯୮୬୧୧୫୪୫୫୩ କିମ୍ବା ସମ୍ପାଦିକା, ଆଶ୍ରୟ ଦି ସେଲ୍ଟର, ସି/୪୭, ସେକ୍ଟର-୭, ସିଡିଏ, କଟକ, ପିନ- ୭୫୩୦୧୪, ମୋ- ୯୯୩୭୦୦୫୯୬୧, ଫୋନ୍- ୦୬୭୧-୨୫୦୪୩୩୩ ଯୋଗାଯୋଗ କରନ୍ତୁ। ଏହି ସମୟ ଅତିବାହିତ ହେବା ପରେ ଉକ୍ତ ଶିଶୁପୁତ୍ର ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁ ପୁତ୍ରଟିକୁ କିଶୋର ନ୍ୟାୟ, ଶିଶୁ ଯତ୍ନ ଓ ସୁରକ୍ଷା ଆଇନ୍ ୨୦୧୫ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଯୋଗ୍ୟ ଶିଶୁ ଭାବେ ଘୋଷଣା କରାଯାଇ ତା'ର ଆବଶ୍ୟକ ଥଇଥାନ କରାଯିବ।

| କ୍ର. ନଂ. | ଶିଶୁର ନାମ | ଲିଙ୍ଗ | କେବେ ମିଳିଛି | କେଉଁ ସ୍ଥାନରୁ | ଶାରୀରିକ ଅବସ୍ଥା | ବୟସ | ମନ୍ତବ୍ୟ |
|---|---|---|---|---|---|---|---|
| ୦୧ | ଆକାଶ | ପୁଅ | ୦୮ା୧୧ା୨୦୧୯ | ଟାଙ୍ଗୀ ଥାନା ଅନ୍ତର୍ଗତ କାଇରାପରି ବଜାରରୁ | ଦେହସାରା ଏକ୍‌ଜିମା ଦାଗ, ମାନସିକ ଭିନ୍ନକ୍ଷମ | ଆନୁମାନିକ ୧୪ ବର୍ଷ | CWC କେସ ନଂ- ୪୨୫୩/୧୯ |

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

### ବିଜ୍ଞପ୍ତି



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ନିମ୍ନଲିଖିତ ମତେ ଶିଶୁପୁତ୍ରଟିକୁ ତା.୦୪ା୧୧ା୨୦୧୯ ଦିନ ଓ.ଏମ୍.ପି. ଛକ ନିକଟରେ ଅସହାୟ ଅବସ୍ଥାରେ ବୁଲୁଥିବା ସମୟରେ ପିତବାସ ଭୋଇ ନାମକ ଜନୈକ ବ୍ୟକ୍ତିଙ୍କ ଦ୍ୱାରା ଉଦ୍ଧାର କରାଯାଇ ତା୦୫ା୧୧ା୨୦୧୯ରିଖ ଦିନ ଜଗତପୁର ଥାନା ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ଜଗତପୁର ଥାନାର ଅଧୀକାରୀ ଉକ୍ତ ବାଳକଟିକୁ ଚାଇଲ୍ଡଲାଇନ୍, କଟକକୁ ତା୦୫ା୧୧ା୨୦୧୯ରିଖ ରାତି ୯.୩୦ମିନିଟ୍ ସମୟରେ ହସ୍ତାନ୍ତର କରିଥିଲେ। ତା୦୬ା୧୧ା୨୦୧୯ରିଖ ଦିନ ଉକ୍ତ ବାଳକଟିକୁ ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ସମୁଖରେ ହାଜର ରାଯାଇଥିଲା। ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶାକ୍ରମେ ଶିଶୁଟିକୁ ଆଶ୍ରୟ, ଦି ସେଲ୍‌ଟର ନାମକ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ଶିଶୁ ଯତ୍ନ ଅନୁଷ୍ଠାନରେ ଯତ୍ନ ସୁରକ୍ଷା ଏବଂ ଥଇଥାନ ନିମନ୍ତେ ଅବସ୍ଥାପିତ କରାଯାଇଛି। ଶିଶୁଟି ନିଜର ନାମ ଏବଂ ପରିଚୟ ପ୍ରକାଶ କରିବାକୁ ଅସମର୍ଥ ହୋଇଥିବାରୁ ତା'ର ନାମ ପ୍ରଭୁ ରଖାଯାଇଛି।

ଉକ୍ତ ଶିଶୁଟିର ଯଦି କେହି ପିତା, ମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ.୫୪, କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଫୋନ୍ ନଂ.-୦୬୭୧-୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, ରେଡ଼କ୍ରସ ଭବନ, କଲେକ୍ଟୋରେଟ୍ ପାଖ, କଟକ ଫୋନ୍ ନଂ.- ୦୬୭୧-୨୫୦୮୧୩୩, ମୋ-୯୮୬୧୧୫୪୫୫୩ କିମ୍ବା ସମ୍ପାଦିକା, ଆଶ୍ରୟ ଦି ସେଲଟର, C/47, ସେକ୍ଟର-୭, ସି.ଡି.ଏ, କଟକ-୭୫୩୦୧୪, ମୋ-୯୯୩୭୦୦୫୯୬୧, ଫୋନ୍-୦୬୭୧-୨୫୦୪୩୩୩କୁ ଯୋଗାଯୋଗ କରନ୍ତୁ। ଏହି ସମୟ ଅତି ବାହିତ ହେବାପରେ ଉକ୍ତ ଶିଶୁପୁତ୍ର ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ। ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ, ଶିଶୁଯତ୍ନ ଓ ସୁରକ୍ଷା ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଯୋଗ୍ୟ ଶିଶୁ ଭାବେ ଘୋଷଣା କରାଯାଇ ତାର ଥଇଥାନ କରାଯିବ।

| କ୍ର. ନଂ. | ଶିଶୁର ନାମ | ଲିଙ୍ଗ | କେବେ ମିଳିଛି | କେଉଁ ସ୍ଥାନରୁ | ଶାରୀରିକ ଅବସ୍ଥା | ବୟସ | ମନ୍ତବ୍ୟ |
|---|---|---|---|---|---|---|---|
| ୦୧ | ପ୍ରଭୁ | ପୁଅ | ୦୪ା୧୧ା୧୯ | ଓ.ଏମ୍.ପି. ଛକରୁ | ଉତ୍ତମ (ବାମ ହାତରେ ପୋଡା ଦାଗ ଅଛି) | ଆନୁମାନିକ ୬ବର୍ଷ | CWC କେସ୍ ନଂ. ୪୧୫୧/୧୯ |

# ବୁମେରାଂ ପାଲଟିଲା ବ୍ରହ୍ମାସ୍ତ୍ର

କ୍ରିକେଟ ଓ ରାଜନୀତିରେ ସବୁକିଛି ସମ୍ଭବ। କାରଣ ଉଭୟ କ୍ଷେତ୍ରରେ ଯେଉଁ ଦଳ ମ୍ୟାଚ୍ ହାରୁଛି ଭଳି ଦେଖାଯାଉଥିବ ଶେଷ ମୁହୂର୍ତ୍ତରେ ସେହି ଦଳ ବାଜି ମାରିନେଇଥାଏ ବୋଲି ଗତ ୧୪ ତାରିଖରେ କେନ୍ଦ୍ରମନ୍ତ୍ରୀ ତଥା ମହାରାଷ୍ଟ୍ରର ବରିଷ୍ଠ ଭାଜପା ନେତା ନୀତିନ ଗଡ଼କରୀ କହିଥିଲେ। ଶନିବାର ଲୋକଙ୍କ ନିଦ ଭାଙ୍ଗିବା ପୂର୍ବରୁ ଗଢ଼ାଯାଇଥିବା ଭାଜପା ନେତୃତ୍ୱାଧୀନ ଫଡ଼ନବିସ ସରକାରକୁ ଗଡ଼କରୀ ଅଭିନନ୍ଦନ ଜଣାଇ ପୂର୍ବ ଗୁଗ୍‌ଲିକୁ ପୁଣି ଦୋହରାଇଥିଲେ। ହେଲେ 'କ୍ରିକେଟରେ ତୁମେ ବଲ୍‌କୁ ଦେଖିପାରିବ। କିନ୍ତୁ ରାଜନୀତିରେ ତାକୁ ଦେଖିପାରିବ ନାହିଁ' ବୋଲି ରାଜ୍ୟ କଂଗ୍ରେସ ସଭାପତି ବାଲାସାହେବ ଥୋରାଟ୍ ଦେଇଥିବା ଉତ୍ତରକୁ ଗଡ଼କରୀ ଭୁଲିଯାଇଥିଲେ। ଅଜିତ ଉପମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ନିଜ ରାଜନୈତିକ ଗୁରୁ ତଥା କାକା ଶରଦ ପାୱାରଙ୍କ ନିକଟକୁ ଫେରିବାକୁ ବାଧହେବା ପରେ ଫଡ଼ନବିସଙ୍କ କ୍ଷମତାରେ ରହିବା ସ୍ୱପ୍ନ ଧୂଳିସାତ୍ ହୋଇଛି। ଏନ୍‌ସିପିରେ ବିଭାଜନ ଘଟାଇ ପୁନଃ କ୍ଷମତାସୀନ ହେବା ପାଇଁ ଭାଜପା ଯେଉଁ ବ୍ରହ୍ମାସ୍ତ୍ର ବା ବଲ୍ ଫିଙ୍ଗିଥିଲା ଶେଷରେ ତାହା ବୁମେରାଂ ପାଲଟିଛି।



## ପାୱାର ଦେଖାଇଲେ ପାୱାର

ଦଳ ଶିବସେନା ସହ ହାତ ମିଳାଇ ସେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବୁଦ୍ଧି ଶିଖାଇଛନ୍ତି ବୋଲି ରାଜନୈତିକ ପଣ୍ଡିତମାନେ ମତ ଦେଉଛନ୍ତି। ଏହି ବର୍ଷିୟାନ ରାଜନେତା ଶିବସେନା-ଏନ୍‌ସିପି-କଂଗ୍ରେସକୁ ଏକଜୁଟ କରି ଫଡ଼ନବିସଙ୍କ ନେତୃତ୍ୱାଧୀନ ଭାଜପା ସରକାରର ପତନ ମୁମ୍ବାଇର ଟ୍ରାଇଡେଣ୍ଟ ହୋଟେଲରେ ଲେଖିଥିଲେ। ଏହି ତିନି ଦଳ ସମେତ ଆଉ କେତେକ ଛୋଟ ଦଳର ବିଧାୟକମାନଙ୍କୁ ଗୋଟିଏ ଛାତ ତଳେ ଛିଡ଼ା କରାଇ ମୋଦି-ଶାହଙ୍କୁ ପାୱାର ସନ୍ଦେଶ ଦେଲେ ଯେ, ଏହା ଗୋଆ କି

### ହୋଟେଲରେ ଲେଖିଲେ ଫଡ଼ନବିସ ସରକାରର ପତନ କାହାଣୀ

ମଣିପୁର ନୁହେଁ, ବରଂ ମହାରାଷ୍ଟ୍ର। ଏହାସହ ମହାରାଷ୍ଟ୍ରରେ ଭାଜପା ବିରୋଧୀ ରାଜନୀତିର ମୂଳଦୁଆ ପକାଇ ଜାତୀୟ ରାଜନୀତିରେ ମଧ୍ୟ ଅନୁରୂପ ସମୀକରଣର ସମ୍ଭାବନା ସୃଷ୍ଟି କରିଛନ୍ତି ପାୱାର। ଏଥିପାଇଁ ତାଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବୋଲି କୁହାଯାଉଛି।



ମହାରାଷ୍ଟ୍ରର ଭାବୀ ମୁଖ୍ୟମନ୍ତ୍ରୀ ଭାବେ ମନୋନୀତ ହେବା ପରେ ବୈଠକରେ ଶିବସେନା-ଏନ୍‌ସିପି-କଂଗ୍ରେସ ବିଧାୟକଙ୍କୁ ସମ୍ମାନ ଜଣାଉଛନ୍ତି ଉଦ୍ଧବ ଠାକ୍‌ରେ।

## ମହାରାଷ୍ଟ୍ରରେ ପକାଇଲେ ଭାଜପା ବିରୋଧୀ ରାଜନୀତିର ମୂଳଦୁଆ

ମୁମ୍ବାଇ,୨୬।୧୧

ଅକ୍ଟୋବର ୨୧ ବିଧାନସଭା ନିର୍ବାଚନ ପୂର୍ବରୁ ଏନ୍‌ସିପି ମୁଖ୍ୟ ଶରଦ ପାୱାର ବର୍ଷାରେ ଭିଜିଭିଜି ପ୍ରଚାର କରୁଥିବାବେଳେ ଏହି ୭୯ ବର୍ଷୀୟ ଚାଣକ୍ୟ ନୂଆ ସରକାର ଗଠନର ମୂଳଦୁଆ ପକାଇବାକୁ ଯାଉଛନ୍ତି ବୋଲି କେହି କଳ୍ପନା ମଧ୍ୟ କରି ନ ଥିଲେ। ପାୱାରଙ୍କ ଧୂଆଁଧାର ପ୍ରଚାର ଯୋଗୁ ହିଁ ଏନ୍‌ସିପି ୫୪ ଆସନ ଦଖଲ କରିବାରେ ସଫଳ ହୋଇଛି, ଯାହାକି ପୂର୍ବାପେକ୍ଷା ୧୩ ଅଧିକ। ଭାଜପାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ପାୱାରଙ୍କ ଅଙ୍କକଷା ଓ ଗୋଟିଚାଳନା ସମସ୍ତଙ୍କୁ ବିସ୍ମିତ କରିଛି। ଭିନ୍ନ ବିଚାରଧାରାର



ସୁପ୍ରିମକୋର୍ଟଙ୍କ ରାୟ ପରେ ବିଜୟ ସଙ୍କେତ ଦେଖାଉଛନ୍ତି ବରିଷ୍ଠ କଂଗ୍ରେସ ନେତା।

## ଫଡ଼ନବିସ ମାନିଲେ ସଂଖ୍ୟାବଳ ନାହିଁ

ମୁମ୍ବାଇ,୨୬।୧୧(ପି.ଟି.)

ବିନା ବହୁମତରେ ସରକାର ଗଢ଼ିଥିବା ଦେବେନ୍ଦ୍ର ଫଡ଼ନବିସ ତାଙ୍କ ପାଖରେ ସଂଖ୍ୟାବଳ ନାହିଁ ବୋଲି ଶେଷରେ ମାନିଛନ୍ତି। ଦ୍ୱିତୀୟ ପାଳି ସରକାର ଗଠନର ୭୯ ଘଣ୍ଟା ପରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଶନିବାର ଫଡ଼ନବିସଙ୍କୁ ଆସ୍ଥାଭୋଟର ସମ୍ମୁଖୀନ ହେବା ପାଇଁ ୧୪ ଦିନ ସମୟ ଦେଇଥିଲେ। ସୁପ୍ରିମକୋର୍ଟ ରାୟ ଶୁଣାଇବାବେଳେ ଶକ୍ତିପରୀକ୍ଷା ବିଳମ୍ବିତ ହେଲେ ଘୋଡ଼ାବେପାର ହୋଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିବାସହ ବୁଧବାର ସୁଦ୍ଧା ଆସ୍ଥାଭୋଟ କରାଇବା ପାଇଁ ନିର୍ଦ୍ଦେଶ ଦେଲେ। ଫଳରେ ଏନ୍‌ସିପି ନେତା ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ। ଏହାର କିଛି ସମୟ ପରେ ଭାଜପା ବିଧାୟକ ଦଳ ନେତା ଫଡ଼ନବିସ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଛନ୍ତି। ସେ ରାଜଭବନକୁ ଯାଇ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଇସ୍ତଫାପତ୍ର ଗ୍ରହଣ ହୋଇଛି ବୋଲି ରାଜଭବନ ସୂତ୍ରରୁ ପ୍ରକାଶ। ଏହା ପୂର୍ବରୁ ଫଡ଼ନବିସ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଅଜିତଙ୍କ ଇସ୍ତଫା ପରେ ଆମ ପାଖରେ ସଂଖ୍ୟାଗରିଷ୍ଠତା ନାହିଁ। ଆମେ ଘୋଡ଼ାବେପାର କରିବୁ ନାହିଁ। ଭାଜପା ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳର ଭୂମିକା ନିର୍ବାହ କରି ଲୋକଙ୍କ ସ୍ୱର ପାଲଟିବ। ଭାଜପାକୁ ଅଜିତଙ୍କ ସମର୍ଥନ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ଏକ ଚାଲ୍ ଥିଲା କି ବୋଲି ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଏହି ପ୍ରସଙ୍ଗରେ ପାୱାର ହିଁ ଉତ୍ତର ଦେଇପାରିବେ। ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ଅଜିତ କହିଛନ୍ତି। ଅନ୍ୟପକ୍ଷରେ ଶିବସେନା ଭାଜପାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ବିରୋଧୀଙ୍କ ସହ ହାତ ମିଳାଇଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ପାଦତଳେ ଏହି ଦଳ ହିନ୍ଦୁତ୍ୱକୁ ସମର୍ପଣ କରିଦେଇଛି ବୋଲି ଫଡ଼ନବିସ ସମାଲୋଚନା କରିଛନ୍ତି।

### 'ସୋନିଆଙ୍କ ପାଦ ତଳେ ହିନ୍ଦୁତ୍ୱକୁ ସମର୍ପି ଦେଇଛି ଶିବସେନା'

## ଆସ୍ଥାଭୋଟ ଜିତିବୁ

ନୂଆଦିଲ୍ଲୀ, ୨୬।୧୧(ପି.ଟି.) : ବିଧାନସଭାରେ ହେବାକୁ ଥିବା ଆସ୍ଥା ଭୋଟରେ ଆମେ ନିଶ୍ଚିତ ବିଜୟୀ ହେବୁ



ବୋଲି କହିଛନ୍ତି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ। ମହାରାଷ୍ଟ୍ର ରାଜନୈତିକ ପରିସ୍ଥିତିକୁ ନେଇ ପାର୍ଲାମେଣ୍ଟ ଭବନ ପରିସରରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ମିଳିତ ବିକ୍ଷୋଭ କରୁଥିବାବେଳେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ପ୍ରକାଶ କରିଛନ୍ତି। ବୁଧବାର ଗୃହରେ ଆସ୍ଥା ଭୋଟ ହେବାକୁ ଥିବାବେଳେ କଂଗ୍ରେସ-ଏନ୍‌ସିପି-ଶିବସେନା ମେଣ୍ଟ ବିଜୟୀ ହେବ ବୋଲି ସେ ଦୃଢ଼ ଆଶା ପୋଷଣ କରିଛନ୍ତି।

## ସୁପ୍ରିମକୋର୍ଟଙ୍କ ବିଳମ୍ବକୁ ନେଇ ପ୍ରଶ୍ନ ଉଠାଇଲା ସିପିଆଇ

ନୂଆଦିଲ୍ଲୀ, ୨୬।୧୧(ପି.ଟି.) : ମହାରାଷ୍ଟ୍ରର ରାଜନୈତିକ ସ୍ଥିତି ବଦଳୁଥିବାବେଳେ ଅଡୁଆ ବଢ଼ି ବଢ଼ି ଚାଲିବା ଠିକ୍ ନ ଥିଲା। ଏଥିଲାଗି ଆସ୍ଥା ଭୋଟ କରାଯିବା ତୁରନ୍ତ ଆବଶ୍ୟକତା ଥିଲା। ବଡ଼ ଆଶ୍ଚର୍ଯ୍ୟର ଘଟଣା ସୁପ୍ରିମକୋର୍ଟ ତୁରନ୍ତ ଆସ୍ଥା ଭୋଟ ଲାଗି ନିର୍ଦ୍ଦେଶ ଦେବା ପରିବର୍ତ୍ତେ ଏହାକୁ ବିଳମ୍ବିତ କରାଇଲେ। ଏନେଇ ନିର୍ଦ୍ଦେଶ ଦେବା ଲାଗି ୩ ଦିନ ଲାଗିଗଲା। ରବିବାର ପ୍ରଥମ ଥର ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଆସ୍ଥା ଭୋଟ ସପକ୍ଷରେ ରାୟ ଦେବା ଉଚିତ ଥିଲା ବୋଲି ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ପ୍ରକାଶ କରିଛନ୍ତି।

## ବାଲାସାହେବ ଥୋରଟ୍ କଂଗ୍ରେସ ବିଧାୟକ ଦଳ ନେତା

**ମୁମ୍ବାଇ, ୨୬।୧୧(ପି.ଟି.) :** ମହାରାଷ୍ଟ୍ର କଂଗ୍ରେସ ଅଧ୍ୟକ୍ଷ ବାଲାସାହେବ ଥୋରଟ୍‌ଙ୍କୁ ଦଳ ପକ୍ଷରୁ ମଙ୍ଗଳବାର ବିଧାୟକ ଦଳର ନେତା ଭାବେ ନିର୍ବାଚିତ କରାଯାଇଛି। ଏଆଇସିସି ସାଧାରଣ ସମ୍ପାଦକ ତଥା ମହାରାଷ୍ଟ୍ର ଦାୟିତ୍ୱରେ ଥିବା ଦଳର ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେ ବିଧାୟକ ଦଳର ବୈଠକ ଶେଷରେ ଏହା ଘୋଷଣା କରିଛନ୍ତି।



ଏହି ନାମକୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସ୍ୱୀକୃତି ପ୍ରଦାନ କରିଥିବା ସେ ପ୍ରକାଶ କରିଛନ୍ତି। ଥୋରଟ୍ ୮ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରକାଶଥାଉ କି, ମହାରାଷ୍ଟ୍ରରେ ଏନ୍‌ସିପି ଓ ଶିବସେନା ସହ ମିଶି କଂଗ୍ରେସ ସରକାର ଗଠନ କରିବାକୁ ଯାଉଛି।

## କାଳିଦାସ କୋଲମ୍ବକର କାମଚଳା ବାଚସ୍ପତି

**ମୁମ୍ବାଇ, ୨୬।୧୧(ପି.ଟି.) :** ମହାରାଷ୍ଟ୍ର ରାଜ୍ୟପାଳ ଭଗତ୍ ସିଂ କୋଶିୟାରୀ ମଙ୍ଗଳବାର ଭାଜପାର ବରିଷ୍ଠ ବିଧାୟକ କାଳିଦାସ କୋଲମ୍ବକରଙ୍କୁ ବିଧାନସଭାର କାମଚଳା ବାଚସ୍ପତି ଭାବେ ନିଯୁକ୍ତି ଦେଇଛନ୍ତି। ୱାଦାଲାରୁ ୮ ଥର କୋଲାମ୍ବକର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ରାଜ୍ୟପାଳ ତାଙ୍କୁ ବିଧାନସଭାରେ କାମଚଳା ବାଚସ୍ପତି ଭାବେ ମଙ୍ଗଳବାର ଶପଥପାଠ କରାଇଛନ୍ତି। କୋଲାମ୍ବକର ବିଧାନସଭା ଅଧିବେଶନରେ ୨୮୭ ନବନିର୍ବାଚିତ ବିଧାୟକଙ୍କୁ ଶପଥପାଠ କରାଇବେ ବୋଲି ରାଜଭବନ ପକ୍ଷରୁ କୁହାଯାଇଛି। ଗୃହରେ ଶକ୍ତିପରୀକ୍ଷା ପୂର୍ବରୁ କାମଚଳା ବାଚସ୍ପତିଙ୍କୁ ନିଯୁକ୍ତି ଦେବା ଓ ବୁଧବାର ସୁଦ୍ଧା ସମସ୍ତ ନବନିର୍ବାଚିତ ବିଧାୟକଙ୍କୁ ଶପଥପାଠ କରାଇବା ଲାଗି ସୁପ୍ରିମକୋର୍ଟ ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।



## ବଜାୟ ରହୁ ଗଣତାନ୍ତ୍ରିକ ମୂଲ୍ୟବୋଧ

ନୂଆଦିଲ୍ଲୀ,୨୬।୧୧(ପି.ଟି.)

ମହାରାଷ୍ଟ୍ରରେ ସରକାର ଗଠନ ପାଇଁ ଭାଜପା ନେତୃତ୍ୱାଧୀନ ଦଳ ଓ ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ମଧ୍ୟରେ ଚାଲିଥିବା ଆଇନଗତ ଲଢ଼େଇ ଏକ ବିଚିତ୍ର ସ୍ଥିତି ସୃଷ୍ଟି କରିଛି। ଏଥିଯୋଗୁ ରାଜ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସୁଶାସନ ପାଇଁ ନାଗରିକମାନଙ୍କ ଅଧିକାର ବଜାୟ



ରଖିବା ଜରୁରୀ ହୋଇପଡ଼ିଛି। ମହାବିକାଶ ଅଘାଡ଼ି ମେଣ୍ଟ ପକ୍ଷରୁ ଦାଏର ଆବେଦନର ରାୟ ଶୁଣାଇ ମଙ୍ଗଳବାର ଏହା କହିଛନ୍ତି ସୁପ୍ରିମକୋର୍ଟ। ସରକାର ଗଠନକୁ ନେଇ ସୃଷ୍ଟି ହୋଇଥିବା ସାମ୍ପ୍ରତିକ ସ୍ଥିତିରେ ସୁପ୍ରିମକୋର୍ଟ ନିଜ ପରିସୀମା ସମ୍ପର୍କରେ ଅବତାରଣା କରିଛନ୍ତି। ଜଷ୍ଟିସ୍ ଏନ୍.ଭି. ରମାନ୍ନା, ଅଶୋକ ଭୂଷଣ ଓ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିଜ ୧୯ ପୃଷ୍ଠା ସମ୍ବଳିତ ରାୟର ପ୍ରଥମ ପାରାରେ କହିଛନ୍ତି, ଅଦାଲତଗୁଡ଼ିକର ବିଚାର ପରିସର ଓ ସଂସଦୀୟ ସ୍ୱାଧୀନତା ମଧ୍ୟରେ ଦୀର୍ଘ ସମୟ ଧରି ପ୍ରତିଦ୍ୱନ୍ଦ୍ୱିତା ଲାଗିରହିଛି। ଏଥିରେ ଦ୍ୱିମତ ହେବାର ନାହିଁ। ତେବେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନ୍ୟାୟିକ ହସ୍ତକ୍ଷେପ ଶେଷ ବିକଳ୍ପ ହୋଇଥିବାରୁ ସଂସ୍ଥାଗତ ଶିଷ୍ଟାଚାରର ପୁନର୍ଗଠନ ଓ କ୍ଷମତା ବିଭାଜନର ଆବଶ୍ୟକତା ରହିଛି।

## ଫଡ଼ନବିସ, ଅଜିତଙ୍କ ଇସ୍ତଫା ପରେ ସୁପ୍ରିମକୋର୍ଟଙ୍କ ଆସ୍ଥାଭୋଟ ରାୟ ନିରର୍ଥକ

**ନୂଆଦିଲ୍ଲୀ,୨୬।୧୧:** ସୁପ୍ରିମକୋର୍ଟ ମହାରାଷ୍ଟ୍ରରେ ଆସ୍ଥାଭୋଟ କରାଇବା ପାଇଁ ମଙ୍ଗଳବାର ନିର୍ଦ୍ଦେଶ ଦେଇଥିଲେ। ବୁଧବାର ସନ୍ଧ୍ୟା ୫ଟା ସୁଦ୍ଧା ଶକ୍ତିପରୀକ୍ଷାର ସମ୍ମୁଖୀନ ହୋଇ ବହୁମତ ପ୍ରମାଣିତ କରିବା ପାଇଁ ଅଦାଲତଙ୍କ ରାୟ ରହିଥିଲା। ହେଲେ ମୁଖ୍ୟମନ୍ତ୍ରୀ ପଦରୁ ଦେବେନ୍ଦ୍ର ଫଡ଼ନବିସ ଓ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଇସ୍ତଫା ଦେବା ପରେ ସୁପ୍ରିମକୋର୍ଟଙ୍କ ଏହି ରାୟ ନିରର୍ଥକ ହୋଇଯାଇଛି। ଫଡ଼ନବିସ ସରକାରଙ୍କ ପାଇଁ ଉଦ୍ଦିଷ୍ଟ ଏହି ରାୟ ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ସରକାର କ୍ଷେତ୍ରରେ କାର୍ଯ୍ୟକାରୀ ହେବନାହିଁ।


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary Rs.27,000/-.
Contact: 9938676412

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**DIRECT JOINING**
~ CALL CENTER
~ DATA ENTRY
~ TELE CALLER
~ DIGITAL MARKETING
~ BACK OFFICE
~ AUTOCAD
(Age Below 32 yrs) Odia, Hindi, English & Bengali
Qual. : 10th / +2 / +3 / ITI / Diploma
Salary : Rs.(6500 To 16500) + OT
9938733697, 9853844830

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

**ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ।
M : 7327065424 / 8895725158

**URGENTLY REQUIRED**
(HOTEL JOB)
SALARY - 10000 TO 17000
INDIAN COOK-2, CHINESE COOK-2, WAITER (LADIES)-2, SWEEPER-2, ALL ROUNDER COOK-1
MOBILE NUMBER -
7008447669,9438752527,9861990534

**REQUIRED**
A LEADING DETERGENT COMPANY
of Kanpur requires experience Sales Officer and Sales Executive for all District of Odisha.
Mail - psenterprise97@gmail.com
Contact : 9437004176, 7289899143

**ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ**
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
ଯୋଗ୍ୟତା - ୧୦ମ ରୁ ଊର୍ଦ୍ଧ୍ୱ
ଦରମା - ୭୫୦୦/- ରୁ ୪୨୫୦୦/-
7894509327

**SECURITY JOB**
GISS ଆବଶ୍ୟକ କରୁଛି ସମଗ୍ର ପଶ୍ଚିମ ଓଡିଶା ପାଇଁ ୧୮ଜଣ ସିକ୍ୟୁରିଟି ଗାର୍ଡ ଏବଂ ୮ଜଣ ସିକ୍ୟୁରିଟି ସୁପରଭାଇଜର। Qul- 10th pass & above, Height-5'.6", age-25 to 45. Exp-2 years. Security Inspector-୨ଜଣ, Exp-3 years.
Contact : 8332953097
6370975356

ଘରକାମ / ରୋଷେଇ / ରୋଗୀଯତ୍ନ / ପିଲାଯତ୍ନ ପାଇଁ (ମହିଳା/ପୁରୁଷ) ଆବଶ୍ୟକ
ବୟସ (୧୮ ରୁ ୪୫) ଦରମା (୬୦୦୦- ୧୦୦୦୦) + ରହିବା + ଖାଇବା ସୁବିଧା ଅଛି।
9090900640 / 9090900840

**REQUIRED**
GRAPHIC DESIGNER
Contact : Bhabani Graphic Unit - 3, Bhubaneswar
Ph : 9937079224
8847869249

ଘରକାମ ପାଇଁ ୧୮ବର୍ଷରୁ ଅଧିକ ଝିଅ ଦରକାର। ରହିବା ଓ ଖାଇବା ସୁବିଧା ଅଛି। ମାଗଣାରେ। ଦରମା : କାମ ଅନୁଯାୟୀ
9825495448
7016330321

**Herbal India**
Bhubaneswar Requires Male / Female-10 Nos.
Qualification: 8th or 10th Pass
ଉତ୍ତମ ଦରମା ସହିତ ରହିବା ଓ ଖାଇବା ମାଗଣା।
Contact: 9937057118, 6370823466, 0674-2590053

**ଆବଶ୍ୟକ**
**ହୋଟେଲ ମ୍ୟାନେଜର**
- ପୁରୀର ଏକ ପ୍ରତିଷ୍ଠିତ ହୋଟେଲ ପାଇଁ ହୋଟେଲ ମ୍ୟାନେଜମେଣ୍ଟରେ ୩-୬ ବର୍ଷର ଅଭିଜ୍ଞତା ଥିବା ସ୍ନାତକ ଡିଗ୍ରୀଧାରୀ ପ୍ରାର୍ଥୀ ଆବଶ୍ୟକ।
- ଦାୟିତ୍ୱ ମଧ୍ୟରେ ରହଣି ସୁବିଧାର ଯୋଜନା ଓ ଆୟୋଜନ, କ୍ୟାଟେରିଂ ଓ ଅନ୍ୟାନ୍ୟ ହୋଟେଲ ସେବା, ଗ୍ରାହକଙ୍କ ଅଭିଯୋଗ ଓ ମତାମତର ପରିଚାଳନା, କାର୍ଯ୍ୟକ୍ରମ ଓ ସମ୍ମିଳନୀର ପରିଚାଳନାକୁ ସୁନିଶ୍ଚିତ କରିବା, ହୋଟେଲ କର୍ମଚାରୀଙ୍କ ବ୍ୟକ୍ତିଗତ ତଥା ଦଳଗତ ଦାୟିତ୍ୱର ବନ୍ଦୋବସ୍ତ ତଥା ତଦାରଖ କରିବା ଅନ୍ତର୍ଭୁକ୍ତ।
- ପ୍ରାର୍ଥୀଙ୍କ ନିକଟରେ ଇଂଲିଶ ଭାଷାରେ ଉତ୍ତମ ଯୋଗାଯୋଗ ଦକ୍ଷତା ସମେତ ଏମ୍ଏସ୍ ଅଫିସ୍, ଇ-ମେଲ୍, ଟ୍ରିପ୍‌ଆଡ୍‌ଭାଇଜର, ଏୟାରବିଏନ୍‌ବିରେ ଉତ୍ତମ ଜ୍ଞାନ ରହିଥିବା ଜରୁରୀ।

**ହାଉସ୍ କିପିଙ୍ଗ**
ହୋଟେଲ ବା ଘର ପାଇଁ ହାଉସ୍ କିପିଙ୍ଗ୍ କାର୍ଯ୍ୟରେ ଅଭିଜ୍ଞତା ଥିବା ପୁରୁଷ ପ୍ରାର୍ଥୀ ଆବଶ୍ୟକ।
**ରୋଷେୟା**
ପ୍ରତିଷ୍ଠିତ ହୋଟେଲରେ ରୋଷେୟା ଭାବେ ପ୍ରାର୍ଥୀଙ୍କର ଅନ୍ୟୂନ ୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। କଣ୍ଟିନେଣ୍ଟାଲ, ଇଣ୍ଡିଆନ୍ ଓ ଚାଇନିଜ୍ ଖାଦ୍ୟ ପ୍ରସ୍ତୁତ କରିପାରୁଥିବା ଦକ୍ଷ ପ୍ରାର୍ଥୀ ଆବଶ୍ୟକ।
ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦
ଇ-ମେଲ୍: recruitment@dharitri.com
ଯୋଗାଯୋଗ ନଂ: ୭୮୯୪୪୪୭୧୫୪

**WANTED**
ଧରିତ୍ରୀ DHARITRI LIVE
Web Channel
is looking for
**Anchors**
- Candidates having Bachelors Degree in Journalism, Broadcasting or Communications & Strong Communication skills in Odia and English required.
- Responsibilities include scripting, anchoring, research and reporting, strong idea on use of digital and social media will be preferred.

**Cinematographer- Videographer**
- Graduates having 2-3 years of experience in Cinematography/Videography.
- Responsibilities include managing camera & light crew, strong technical knowledge of cameras & thorough understanding of lighting techniques, light color, shade & manipulation.

Apply immediately to :
recruitment@dharitri.com
Pay & perks will be the best in the industry for deserving candidates.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.50 (24) | 40,821.30 (67.93) | 12,037.70 (36.08) | 38,547.00 (₹68) | 45,161.00 (₹39) |

ଫେବୃୟାରୀ ୨୦୨୦ରେ ନୂଆ ଏସ୍‌ୟୁଭି ଗ୍ରାଭିଟାସର ବଜାର ପ୍ରବେଶ ହେବା ଏଥିରେ ଗ୍ରାହକଙ୍କୁ ଲକ୍ସ୍ୟୁରି ଏବଂ ପରଫରମାନ୍ସ ପ୍ରଦାନ କରିବାକୁ ଚେଷ୍ଟା କରିଛୁ।

– ମୟଙ୍କ ପାରେଖ, ସଭାପତି, ଟାଟା ମୋଟର୍ସ



ଟିଭିଏସ୍ ଆପାଚେ ଆର୍‌ଟିଆରର ନୂଆ ବିଏସ୍–୬ ରେଞ୍ଜ ଯାନକୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି। ଏହା ଗ୍ରାହକଙ୍କୁ ଅତୁଳନୀୟ ରେସିଂ ଅଭିଜ୍ଞତା ପ୍ରଦାନ କରିବା ନେଇ ଆଶାବାଦୀ।

–ମେଘଶ୍ୟାମ ଦିଘୋଲେ, ମାର୍କେଟିଂ ମୁଖ୍ୟ, ଟିଭିଏସ୍ ମୋଟର କମ୍ପାନୀ



# ବିଦା ହେଲେ ୨୧ ଦୁର୍ନୀତିଗ୍ରସ୍ତ ଟିକସ ଅଧିକାରୀ

**ନୂଆଦିଲ୍ଲୀ,୨୬–୧୧**

ଆୟକର ବିଭାଗରୁ ୨୧ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ କେନ୍ଦ୍ର ସରକାର ବିଦା କରିଦେଇଛନ୍ତି। ଚାକିରି ଶେଷ କରିବା ପୂର୍ବରୁ ଏମାନଙ୍କୁ ସେବା ନିବୃତ୍ତ କରାଯାଇଥିବା ଜଣାପଡିଛି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନର ୫ ସଂସ୍କରଣରେ କେନ୍ଦ୍ର ସରକାର ଏଭଳି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ସୂଚନା ମୁତାବକ ସେବା ନିବୃତ୍ତ ନିୟମ ୫୬ଜେ ଅନୁସାରେ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଚଳିତ ବର୍ଷ ଜୁନ ପରଠାରୁ ଏଭଳି କଠୋର ପଦକ୍ଷେପ ସରକାର ଗ୍ରହଣ କରିଛନ୍ତି। ଏଥିରେ ମୋଟ ୮୫ ଟିକସ ଅଧିକାରୀ ବିଦା ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୬୪ ଜଣ ଉଚ୍ଚ ସ୍ତରର ଅଧିକାରୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ସିବିଡିଟିର ୧୨ ଜଣ ଅଧିକାରୀ ରହିଛନ୍ତି।

# ମୁଦ୍ରା ଋଣରେ ବଢୁଛି ଏନ୍‌ପିଏ

- ସତର୍କ କରାଇଲେ ଆର୍‌ବିଆଇ ଡେପୁଟି ଗଭର୍ଣ୍ଣର
- ମୁଦ୍ରାରେ ୩.୨୧ ଲକ୍ଷ କୋଟି ଋଣ ପ୍ରଦାନ
- ୨୦୧୮-୧୯ରେ ୧୨୬% ବଢ଼ିଛି ଅନାଦାୟ ଋଣ




**ନୂଆଦିଲ୍ଲୀ,୨୬–୧୧**

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ପ୍ରଦାନ କରାଯାଉଥିବା ଋଣ ଉପରେ ଏବେ ଅନାଦାୟ ଋଣ (ଏନ୍‌ପିଏ) ବଢୁଛି। ମଙ୍ଗଳବାର ଏହାକୁ ନେଇ ରିଜର୍ଭ ବ୍ୟାଙ୍କ ଡେପୁଟି ଗଭର୍ଣ୍ଣର ଏମ୍.କେ.ଜୈନ ବ୍ୟାଙ୍କଗୁଡ଼ିକୁ ସତର୍କ କରାଇଛନ୍ତି। ମୁଦ୍ରାରେ ବର୍ତ୍ତମାନ ସୁଦ୍ଧା ୩.୨୧ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଏହି ଋଣ ଉପରେ ନଜର ରଖିବା ସହ ଏହାକୁ ମନିଟର କରିବା ଉଚିତ। ଏହି ବର୍ଗରେ ବେପରୁଆ ଭାବେ ଋଣ ପ୍ରଦାନ ଦ୍ୱାରା ଋଣ ଅଭିବୃଦ୍ଧି ହେଲେ ଏହା ସମଗ୍ର ବ୍ୟାଙ୍କିଙ୍ଗ ସିଷ୍ଟମ ଲାଗି ଅସୁବିଧା ସୃଷ୍ଟି କରିବ ବୋଲି ଜୈନ ଚେତାଇ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନାକୁ ଏପ୍ରିଲ ୨୦୧୫ରେ ଶୁଭାରମ୍ଭ କରିଥିଲେ। କ୍ଷୁଦ୍ର ସଂସ୍ଥାଗୁଡ଼ିକୁ ଉତ୍ସାହିତ କରିବା ଲାଗି ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ତ୍ୱରିତ ଋଣ ପ୍ରଦାନ ବ୍ୟବସ୍ଥା ଏଥିରେ ରହିଥିଲା। ଋଣ ପ୍ରଦାନ ଦ୍ୱାରା ଅନେକ ଲୋକଙ୍କୁ ଗରିବୀରୁ ବାହାରକୁ ଆଣିବା ଦିଗରେ କାର୍ଯ୍ୟ କରୁଛି। ହେଲେ ଏକ୍ଷେତ୍ରରେ ବଢୁଥିବା ଅନାଦାୟ ଋଣକୁ ମଧ୍ୟ ନଜର ରଖିବାକୁ ହେବ ବୋଲି ସିଡବୀର ଏକ କାର୍ଯ୍ୟକ୍ରମରେ ଜୈନ ମତ ରଖିଛନ୍ତି।

ସେ କହିଛନ୍ତି ଯେ, ପ୍ରଦାନ କରାଯାଉଥିବା ଋଣର ପୁନଃପଇଠ କ୍ଷମତାକୁ ବ୍ୟାଙ୍କର ଦେଖିବା ଉଚିତ। ମୁଦ୍ରାରେ ଦିଆଯାଇଥିବା ମୋଟ ଋଣ ମଧ୍ୟରୁ ଏନ୍‌ପିଏ ପରିମାଣ ୨୦୧୮–୧୯ରେ ୨.୬୮% ବଢ଼ିଛି। ଏହା ୨୦୧୭–୧୮ରେ ଏଥିରେ ୨.୨୫% ବୃଦ୍ଧି ଘଟିଥିଲା ବୋଲି ସରକାର ଜୁଲାଇରେ ସଂସଦରେ ସୂଚନା ଦେଇଥିଲେ। ଉକ୍ତ ଯୋଜନା ଆରମ୍ଭ ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଚଳିତ ବର୍ଷ ଜୁନ ପର୍ଯ୍ୟନ୍ତ ୧୯୦ ନିୟୁତ ଋଣ ମଞ୍ଜୁର କରାଯାଇଛି। ଏହି ଋଣ ଆକାଉଣ୍ଟଗୁଡ଼ିକ ମଧ୍ୟରୁ ୨୦୧୯ ମାର୍ଚ୍ଚ ସୁଦ୍ଧା ୩୬.୩ ନିୟୁତ ଆକାଉଣ୍ଟରେ ଋଣ ଏନ୍‌ପିଏ ହୋଇଥିବା ସରକାରଙ୍କ ତଥ୍ୟରୁ ସାମ୍ନାକୁ ଆସିଛି। ସୂଚନା ଅଧିକାର ଆଇନ (ଆର୍‌ଟିଆଇ)ରୁ ମିଳିଥିବା ଏକ ତଥ୍ୟ ମୁତାବକ ମୁଦ୍ରା ଋଣରେ ଏନ୍‌ପିଏ ୨୦୧୮–୧୯ରେ ୧୨୬% ବୃଦ୍ଧି ଘଟିଛି। ଏହା ୯୨୦୪.୧୪ କୋଟି ଟଙ୍କା ବଢ଼ି ୧୬,୪୮୧.୪୫ କୋଟି ଟଙ୍କା ଛୁଇଁଛି। ୨୦୧୭–୧୮ରେ ଏହି ୭,୨୭୭.୩୧ କୋଟି ଟଙ୍କା ରହିଥିଲା।

# ହୋମ୍ ଟାଉନ ପକ୍ଷରୁ ଇୟର ଏଣ୍ଡ ସେଲ୍

**ଭୁବନେଶ୍ୱର,୨୬–୧୧**

ପ୍ରମୁଖ ହୋମ୍ ଷ୍ଟୋର ହୋମ୍ ଟାଉନ ପକ୍ଷରୁ ଇୟର ଏଣ୍ଡ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ସ୍ଥାନୀୟ ସତ୍ୟ ନଗର ଷ୍ଟୋରରେ ଗ୍ରାହକ ଏହାର ଲାଭ ନେଇ ପାରିବେ। ୩୫ ହଜାର ବର୍ଗଫୁଟ ପରିମିତ ସ୍ଥାନରେ ଅବସ୍ଥିତ ଏହି ଷ୍ଟୋରରେ ଗ୍ରାହକମାନେ ବିସ୍ତୃତ ରେଞ୍ଜ ଏବଂ ସଦ୍ୟତମ ଡିଜାଇନର ଫର୍ନିଚର, ହୋମ୍‌ୱେର, ଇଲେକଟ୍ରୋନିକ୍ସ, ମଡ୍ୟୁଲାର କିଚେନ, ମଡ୍ୟୁଲାର ୱାର୍ଡରୋବ, ଏଣ୍ଡ ଟୁ ଏଣ୍ଡ ଇଣ୍ଟେରିୟର ଡିଜାଇନ, ପ୍ରୋଜେକ୍ଟ ଏକଜିକ୍ୟୁଶନ ସର୍ଭିସ, ଡିଜାଇନ ଆଣ୍ଡ ବିଲ୍ଡ ଭଳି ପ୍ରଡକ୍ଟ ଏବଂ ସେବା ପାଇପାରିବେ। ଲିଭିଂ ରୁମ, ଡାଇନିଂ ରୁମ ଏବଂ ବେଡରୁମ ଫର୍ନିଚର ଗ୍ରାହକ ଆକର୍ଷଣୀୟ ମୂଲ୍ୟରେ ଲାଭ କରିପାରିବେ। କମ୍ପାନୀ ପକ୍ଷରୁ ହୋମୱେର କଲେକ୍ସନରେ 'ପେ ଲେସ ଗେଟ ମୋର' ବା କମ୍ ମୂଲ୍ୟରେ ଗ୍ରାହକ ପ୍ରଡକ୍ଟ ପାଇପାରିବେ। ସଦ୍ୟତମ ଅନ୍ତର୍ଜାତୀୟ ରେଞ୍ଜର ଡେକର, ଫର୍ନିସିଂ, ଟେବଲୱେର, ଗ୍ଲାସୱେର, କୁକୱେର, କିଚେନ ଏସେନସିଆଲ ଏଠାରେ ରହିଛି।

ଡେକର ଏବଂ ହୋମ ଫ୍ୟାଶନ ବର୍ଗରେ ମୋଟ ୫ ହଜାର ଡିଜାଇନ ଷ୍ଟୋରରେ ଉପଲବ୍ଧ ରହିଛି।




**ମିଳୁଛି ଆକର୍ଷଣୀୟ ରିହାତି**

୧୦୦୦ ଷ୍ଟାଇଲରେ କଷ୍ଟମାଇଜ ମଡ୍ୟୁଲାର ସଲ୍ୟୁଶନ ଗ୍ରାହକଙ୍କୁ ପ୍ରଦାନ କରାଯାଉଥିବା ଷ୍ଟୋର ପକ୍ଷରୁ କୁହାଯାଇଛି। ହୋମଟାଉନର ନିଜସ୍ୱ ମଡ୍ୟୁଲାର କିଚେନ ବ୍ରାଣ୍ଡ ଡ୍ୟୁରାକ୍ୟୁସିନ ଉପରେ ୫ ବର୍ଷ ୱାରେଣ୍ଟି ଏବଂ ସର୍ଭିସ କ୍ଷେତ୍ରରେ ବିଭିନ୍ନ ସୁବିଧା ରହିଛି। ଗ୍ରାହକଙ୍କ ଲାଗି ପର୍ସନାଲାଇଜ ଡିଜାଇନ ସଲ୍ୟୁଶନ ରହିଛି। ଫ୍ୟୁଚର ଗ୍ରୁପର ଅଂଶ ବିଶେଷ ଏହି ଷ୍ଟୋର ଦେଶର ୨୩ ସହରରେ ୫୧ ଆଉଟଲେଟ ଦ୍ୱାରା ନିଜର ଉପସ୍ଥିତି ଜାହିର କରିଛି। ଗ୍ରାହକଙ୍କୁ ସର୍ବୋତ୍ତମ ଅଭିଜ୍ଞତା ବାଦ ବିକ୍ରି ପରବର୍ତ୍ତୀ ସେବା, ମାଗଣା ଡେଲିଭରି, ସେମ ଡେ ଇନଷ୍ଟାଲେଶନ, ଫ୍ରି ସର୍ଭିସ କ୍ୟାମ୍ପ, ଫର୍ନିଚରର ଲାଇଫ ଟାଇମ ମେଣ୍ଟେନାନ୍ସ ଭଳି ସୁବିଧା ପ୍ରଦାନ କରାଯାଉଥିବା ଷ୍ଟୋର ପକ୍ଷରୁ କୁହାଯାଇଛି।

# ଓଡ଼ିଶାରେ ଓଥୋ ଇଣ୍ଟରନ୍ୟାଶନାଲର ପ୍ରଡକ୍ଟ

**ଭୁବନେଶ୍ୱର,୨୬–୧୧**




ଓଥୋ ଇଣ୍ଟରନ୍ୟାଶନାଲ ପକ୍ଷରୁ ଏହାର ପ୍ରଡକ୍ଟ ଓଡ଼ିଶା ବଜାରରେ ପ୍ରବେଶ କରିଛି। କମ୍ପାନୀର ରାଜ୍ୟ ମୁଖ୍ୟ ଶିବ ପାତ୍ର ଏହାକୁ ନିକଟରେ ବଜାର ପ୍ରବେଶ ସମ୍ପର୍କରେ ସୂଚନା ଦେଇଛନ୍ତି। କମ୍ପାନୀ ମୋବାଇଲ, ଏଲଇଡି ଟିଭି, ହୋମ ଥିଏଟର, ଇନଭର୍ଟର, ଏଲଇଡି ବଲ୍‌ବ ଏବଂ ଆସେସୋରିଜ ଭଳି ପ୍ରଡକ୍ଟ ବଜାରକୁ ଆଣିଛି। ଗତ ୩ ବର୍ଷ ହେବ କମ୍ପାନୀ ଭାରତ ବଜାରରେ ନିଜର ଉପସ୍ଥିତି ଜାହିର କରିଛି। ଅଧିକରୁ ଅଧିକ ରାଜ୍ୟରେ ପ୍ରଡକ୍ଟ ଉପଲବ୍ଧ କରାଇବା ଲକ୍ଷ୍ୟରେ ଏବେ କମ୍ପାନୀ କାର୍ଯ୍ୟ କରୁଥିବା ସୂଚନା ରହିଛି। ସୁଲଭ ମୂଲ୍ୟରେ ଲୋକଙ୍କୁ ଗୁଣବତ୍ତା ପ୍ରଡକ୍ଟ ଯୋଗାଣ ଦିଗରେ ଏହା ଚେଷ୍ଟା ଜାରି ରଖିଥିବା କହିଛି। ମଲଟି ପ୍ରଡକ୍ଟ ବ୍ରାଣ୍ଡ କ୍ଷେତ୍ରରେ କମ୍ପାନୀ ଏବେ ଉତ୍ପାଦ ଯୋଗାଣ କରୁଥିବା ବେଳେ ଓଡ଼ିଶା ବଜାରକୁ ନେଇ ଆଶାବାଦୀ ଥିବା ରାଜ୍ୟ ମୁଖ୍ୟ ଶିବ ପାତ୍ର କହିଛନ୍ତି। ସାରା ରାଜ୍ୟରେ କମ୍ପାନୀ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ପ୍ରଡକ୍ଟ ଯୋଗାଣ ନେଇ ଯୋଜନା ପ୍ରସ୍ତୁତ କରିଥିବା ପାତ୍ର ସୂଚନା ଦେଇଛନ୍ତି।


## ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର

'ଧରିତ୍ରୀ' ଖବରକାଗଜର ୪୬ତମ ଜନ୍ମଦିନ ଅବସରରେ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସହରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ସହ ସହରକୁ ପରିଷ୍କାର ପରିଚ୍ଛନ୍ନ, ସୌନ୍ଦର୍ଯ୍ୟକରଣ ଓ ନିମ୍ନ ବିଷୟରେ ଆପଣମାନଙ୍କର ସହଯୋଗ କାମନା କରୁଅଛୁ।
୧. ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ସହଯୋଗ କରନ୍ତୁ। ୨. ଠିକ୍ ସମୟରେ ଟିକସ ପଇଠ କରନ୍ତୁ। ୩. ପରିଷଦରୁ ଆବଶ୍ୟକୀୟ ମଞ୍ଜୁରୀ ନେଇ ଘର ତିଆରି କରନ୍ତୁ। ୪. ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ଛାଡନ୍ତୁ ନାହିଁ। ୫. ପଲିଥିନ ବ୍ୟବହାର ବର୍ଜନ କରନ୍ତୁ। ୬. ଆବଶ୍ୟକୀୟ ଅନୁମତି ନେଇ ପାଣି ପାଇପ ସଂଯୋଗ କରନ୍ତୁ। ୭. ନିର୍ଦ୍ଧାରିତ ସମୟରେ ଲାଇସେନ୍ସ ନବୀକରଣ କରନ୍ତୁ। ୮. ସଠିକ ସମୟରେ ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ କରାନ୍ତୁ।

ସ୍ୱା./– ଶ୍ରୀ ଜୟନ୍ତ ସାହୁ
ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର

## ପ୍ରଗତି ପଥେ ପଞ୍ଚାୟତ ସମିତି, ତରଭା

ଜିଲ୍ଲା – ସୁବର୍ଣ୍ଣପୁର

୨୦୧୮–୧୯ ଆର୍ଥିକ ବର୍ଷର ସଫଳତାର ବିବରଣୀ

ମନରେଗାରେ ସମୁଦାୟ ପଞ୍ଜିକୃତ ପରିବାର ସଂଖ୍ୟା – ୧୯୩୪୨, ସେଥିରୁ ସକ୍ରିୟ ପରିବାର ସଂଖ୍ୟା – ୧୮୮୪୬, ଯେଉଁଥିରୁ ୫୫୬୧ ପରିବାର କୁ ୧୭୨୬୩୦ ଶ୍ରମଦିବସ ଯୋଗାଇ ଦିଆଯାଇଛି। ୬୧୮୦ ଗୋଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ୧୫୯୧ଟିକୁ ସମାପ୍ତ କରାଯାଇଛି। ଏଥିରେ ୪ କୋଟି ୬୧ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ଯେଉଁଥିରେ ମହିଳାମାନଙ୍କ ସହଭାଗିତା ୮୧.୬୦ ପ୍ରତିଶତ ରହୁଥିବା ବେଳେ ୯ ଗୋଟି ପରିବାରକୁ ୧୦୦ ଦିନର ରୋଜଗାର ପ୍ରଦାନ କରାଯାଇଛି।

ସ୍ୱା./– ଶ୍ରୀ ନିହାର ରଞ୍ଜନ କହଁର
ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତରଭା

## GOVT.COLLEGE, SUNDARGARH

**QUOTATION CALL NOTICE**

Sealed quotations are invited from the reputed firms / suppliers / manufacturers for the items (Drinking water purifier-Cum-cooler, Class room modernization (white board, Smart projector, Audio System, Desk top, UPS) Laptop, First AID box, Fire Extinguisher, Gym Equipments (non civil activity) under OHEPEE and other funds (Green board, Desk bench, Chair, Chemical and Science equipments, Cot of the college so as to reach the undersigned by 05.12. 2019 positively. The quotations will be opened on 06.12.2019 at 2PM in the principal's chamber. For details specification, kindly visit the college website www.govtcollegesundargarh.org.

Sd./- Principal
Govt. College, Sundargarh

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତୁଷୁରା

ଜିଲ୍ଲା – ବଲାଙ୍ଗୀର

ପତ୍ର ସଂଖ୍ୟା ୨୦୭୭/ ତାରିଖ : ୧୮.୧୧.୨୦୧୯

ସ୍ୱଚ୍ଛ ସର୍ବେକ୍ଷଣ – ୨୦୨୦

ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା

ଆସନ୍ତୁ, ସ୍ୱଚ୍ଛ ସର୍ବେକ୍ଷଣ ୨୦୨୦ରେ ଆମ ସହରକୁ ଆଗରେ ରଖିବା

ଏତଦ୍ୱାରା ଆପଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା. ୩୦.୧୧.୨୦୧୯ରୁ ୨୮.୦୨.୨୦୨୦ ରିଖ ମଧ୍ୟରେ କେନ୍ଦ୍ରୀୟ ସ୍ୱଚ୍ଛତା ଅନୁସନ୍ଧାନ ଟିମ୍‌ଙ୍କ ଦ୍ୱାରା ଏହି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ଅନୁଷ୍ଠାନ, ରୋଡ୍, ଡ୍ରେନ, ହୋଟେଲ କେତେ ସ୍ୱଚ୍ଛତା ରକ୍ଷା କରୁଛନ୍ତି, ତାହାର ଏକ ତଦାରଖ ଓ ସ୍ୱଚ୍ଛତା ସଂକ୍ରାନ୍ତୀୟ ର୍‍ୟାଙ୍କିଙ୍ଗ କରାଯିବାର ବ୍ୟବସ୍ଥା ହୋଇଅଛି। ଏହି ଅନୁସନ୍ଧାନ ଓ ସର୍ବେକ୍ଷଣ ସଂସ୍ଥା ଯେକୌଣସି ସମୟରେ ଆପଣଙ୍କ ଅନୁଷ୍ଠାନରେ ପହଞ୍ଚି ସ୍ୱଚ୍ଛତା ସମ୍ପର୍କିତ ର୍‍ୟାଙ୍କିଙ୍ଗ୍ କରିବେ। ଏଣୁ ଅନୁରୋଧ, ଆପଣଙ୍କ ଅନୁଷ୍ଠାନର ପରିମଳ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ସଂପର୍କରେ ସଚେତନ ରହିବା ସହିତ କେନ୍ଦ୍ରୀୟ ସର୍ବେକ୍ଷଣ ସଂସ୍ଥାର ପ୍ରତିନିଧିମାନଙ୍କୁ ସହଯୋଗ କରିବେ। ନିଜ ନିଜ ମୋବାଇଲରେ 'ସ୍ୱଚ୍ଛତା ଆପ୍' ଡାଉନଲୋଡ କରି ସହରର ପରିମଳ ସମ୍ପର୍କିତ ଅଭିଯୋଗ ଓ ନିଜେ ଭାଗ ନେଇଥିବା କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ଓ ଫଟୋ 'ସ୍ୱଚ୍ଛତା ଆପ୍' ଜରିଆରେ ଅପଲୋଡ କରନ୍ତୁ। ଏହା ଅତ୍ୟନ୍ତ ଜରୁରୀ ଅଟେ।

ସୌଜନ୍ୟ : ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତୁଷୁରା

## ପ୍ରଗତି ପଥେ କୋରେଇ ପଞ୍ଚାୟତ ସମିତି

୨୦୧୯–୨୦ ଆର୍ଥିକ ବର୍ଷରେ ସରକାରଙ୍କ ଜନକଲ୍ୟାଣ ଯୋଜନା ଅନ୍ତର୍ଭୁକ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ନିର୍ମାଣର ଅଗ୍ରଗତି ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା। ଆବାସ ଯୋଜନା ମଞ୍ଜୁର ଗୃହ ସଂଖ୍ୟା.୧୬୩୩, ପଞ୍ଜୀକରଣ–୧୫୯୬, ପ୍ରଥମ କିସ୍ତି ପ୍ରଦାନ–୧୩୨୫। ସେହିପରି ଉକ୍ତ ଗୃହ ନିର୍ମାଣ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ୧୩୨୪ ଜଣ ହିତାଧିକାରୀଙ୍କର ନାମ ପଞ୍ଜୀକରଣ କରାଯାଇ ୧୨୩୨୨ ଶ୍ରମଦିବସର ମଜୁରି ପ୍ରଦାନ କରାଯାଇ ଅଛି। ଏବଂ ଆସନ୍ତା ୩୦।୧୧।୨୦୧୯ ମଧ୍ୟରେ ସମସ୍ତ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ ସହ ପର୍ଯ୍ୟାୟ କ୍ରମେ ଅନ୍ୟ କିସ୍ତି ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରଦାନ କରାଯିବା ପାଇଁ ପଦକ୍ଷେପ ନିଆଯାଉଅଛି। ଯେଉଁ ହିତାଧିକାରୀ ମାନେ ୪ ଓ ୬ ମାସ ମଧ୍ୟରେ ଘର ସମ୍ପୂର୍ଣ୍ଣ କରିବେ ସେମାନଙ୍କୁ ଟ.୨୦୦୦୦/୧୦୦୦୦ ଯଥାକ୍ରମେ ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯିବ। ଇତିମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ–୨୩୯୩୩ ମଧ୍ୟରୁ ୧୭୬୭୬ ପାଇଖାନା ନିର୍ମାଣ ସରିଅଛି। ଅବଶିଷ୍ଟ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପନ ପାଇଁ ସମସ୍ତ ହିତାଧିକାରୀ, ଜନପ୍ରତିନିଧି ଓ ସମ୍ପୃକ୍ତ ଅଧିକାରୀ/କର୍ମଚାରୀଙ୍କ ପୂର୍ଣ୍ଣ ସହଯୋଗ କାମନା କରୁଅଛୁ।

ସ୍ୱା./-
ମଣ୍ଡଳ ଉନ୍ନୟନ ଅଧିକାରୀ, କୋରେଇ

## ପୌର ପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ

**ନିବେଦନ**

୧. ପରିଷଦ ଅଞ୍ଚଳର ଜନସାଧାରଣ ନିଜ ନିଜର ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
୨. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍‌ସା ପୌର ସଂସ୍ଥାରୁ ମଞ୍ଜୁର କରାଇ ନିଅନ୍ତୁ।
୩. ପରିଷଦ ଅଞ୍ଚଳରେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରେ ଲାଇସେନ୍ସ କରାଇ ନିଅନ୍ତୁ।
୪. ନୂତନ ଗୃହ ନିର୍ମାଣ ପରେ ପରିଷଦରେ ତାହାକୁ ପଞ୍ଜୀକରଣ କରାଇ ନିଅନ୍ତୁ।
୫. ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଠିକ୍ ସମୟରେ କରାନ୍ତୁ।
୬. ସହର ଓ ଆଭ୍ୟନ୍ତରୀଣ ରାସ୍ତାଗୁଡିକ ଉପରେ ଗୃହପାଳିତ ପଶୁମାନଙ୍କୁ ଅନଧିକାର ଭାବେ ଛାଡନ୍ତୁ ନାହିଁ।
୭. ସର୍ବସାଧାରଣ ରାସ୍ତା ଉପରେ ମଇଳା ଆବର୍ଜନା ଜମା ରଖନ୍ତୁ ନାହିଁ କିମ୍ବା ରାସ୍ତା ଅବରୋଧ କରି ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି କରନ୍ତୁ ନାହିଁ।
୮. ପତିତ ଜମି ଓ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ କରି ପରିବେଶ ନିର୍ମଳ କରନ୍ତୁ।

ଶ୍ରୀଯୁକ୍ତ ସମ୍ପଦ କୁମାର ସ୍ୱାଇଁ
(ଓଡ଼ିଶା ରାଜସ୍ୱ ସେବା)
ନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ବସନ୍ତ କୁମାର ରାଉତ
ଓ.ପ୍ର.ସେ (ବରିଷ୍ଠ)
ଅତିରିକ୍ତ ଜିଲ୍ଲାପାଳ, କେନ୍ଦ୍ରାପଡା ତଥା ପ୍ରଶାସକ ପୌର ପରିଷଦ, ପଟ୍ଟାମୁଣ୍ଡାଇ

## ପ୍ରଗତି ପଥେ...
## ପୌରପାଳିକା, ରାଇରଙ୍ଗପୁର

ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଉତ୍ସବ–୨୦୧୯ ଅବସରରେ ପୌର ପରିଷଦ, ରାଇରଙ୍ଗପୁର ତରଫରୁ ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ଉତ୍ତରୋତ୍ତର ଉନ୍ନତି ଏବଂ ପ୍ରଚାର ପ୍ରସାର ନିମନ୍ତେ କାମନା କରିବା ସହିତ ସହରର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ରାଇରଙ୍ଗପୁର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସହରବାସୀଙ୍କ ସହଯୋଗ କାମନା କରୁଅଛି।

ନିବେଦନ:
୧. ରାଇରଙ୍ଗପୁର ସହରକୁ ସରସ, ସୁନ୍ଦର ଓ ସବୁଜିମା ଭରା ଏକ ଉନ୍ନତ ସହର ରୂପେ ଗଢ଼ି ତୋଳିବାରେ ସହାୟକ ହୁଅନ୍ତୁ।
୨. ରାସ୍ତାକଡ଼ରେ ଥିବା ଡ୍ରେନରେ ପାଇଖାନାର ଦୂଷିତ ପାଣି ଛାଡ଼ନ୍ତୁ ନାହିଁ।
୩. ରାସ୍ତା ଏବଂ ଡ୍ରେନ୍ ଉପରେ ବାଲି, ଇଟା ଓ ଅନ୍ୟାନ୍ୟ ଗୃହ ନିର୍ମାଣ ସାମଗ୍ରୀ ଜମା ରଖି ଅବରୋଧ କରନ୍ତୁ ନାହିଁ।
୪. ନିଜ ଗୃହର ଅଳିଆ ଆବର୍ଜନା, ପ୍ଲାଷ୍ଟିକ୍ ତଥା ଜରି ଆଦି ନାଳନର୍ଦ୍ଦମାରେ ନ ପକାଇ Dustbinରେ ପକାନ୍ତୁ।
୫. ରାସ୍ତାକଡ଼ ଜମି ଜବରଦଖଲ କରି ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟରେ ବାଧାପ୍ରାପ୍ତ କରାନ୍ତୁ ନାହିଁ।
୬. ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ନ ଛାଡ଼ି ନିଜ ଆୟତ୍ତରେ ରଖନ୍ତୁ।
୭. ପରିଷଦର ଦେୟ ଠିକ୍ ସମୟରେ ପୈଠ କରନ୍ତୁ।
୮. ପ୍ଲାଷ୍ଟିକ ବ୍ୟବହାର ବର୍ଜନ କରି ରାଇରଙ୍ଗପୁର ସହରକୁ ପ୍ରଦୂଷଣ ମୁକ୍ତ କରନ୍ତୁ।
୯. ବାହାରେ ମଳତ୍ୟାଗ ନକରି ସରକାରଙ୍କ ସହାୟତା ରାଶିରେ ଘରେ ଘରେ ପାଇଖାନା ନିର୍ମାଣ କରି ବ୍ୟବହାର କରନ୍ତୁ।
୧୦. ଘରୁ ପ୍ରତିଦିନ ବାହାରୁଥିବା ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁକୁ ଅଲଗା ଅଲଗା ଜମା କରି ରଖନ୍ତୁ ଏବଂ ପୌରପାଳିକା ତରଫରୁ ନିୟୋଜିତ କରାଯାଇଥିବା ସଫେଇ କର୍ମଚାରୀଙ୍କୁ ଦିଅନ୍ତୁ।

ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ର
ଓ.ରା.ସେ., ନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ଧର୍ମାନନ୍ଦ ବେହେରା
ଓ.ପ୍ର.ସେ. (ବରିଷ୍ଠ ବର୍ଗ)
ଉପଜିଲ୍ଲାପାଳ, ବାମନଘାଟୀ–ତଥା–ପୌର ପ୍ରଶାସକ

## MCL ମହାନଦୀ କୋଲଫିଲ୍ଡସ ଲିମିଟେଡ୍

(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା–୭୬୮୦୨୦, ଜିଲ୍ଲା–ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)–୦୬୬୩–୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

### ଇ–ଟେଣ୍ଡର ନୋଟିସ୍

ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍‌ର ନିମ୍ନଲିଖିତ ଇ–ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଇ–ଟେଣ୍ଡାର୍ ପୋର୍ଟାଲ (https://coalindiatenders.nic.in) ର ପ୍ରଦର୍ଶିତ କରାଯାଇଛି ଏବଂ ଏହା ମଧ୍ୟ କେନ୍ଦ୍ରୀୟ ସାର୍ବଜନୀନ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in)ରେ ଦିଆଯାଇଛି। ଅଧିକ ବିବରଣୀ ପାଇଁ ଦୟାକରି ଏହି ୱେବ୍‌ସାଇଟ୍‌କୁ ପରିଦର୍ଶନ କରନ୍ତୁ।

| କ୍ରମ ସଂ. | ଟେଣ୍ଡାର ଆଇଡି | କାର୍ଯ୍ୟ/ସେବାର ନାମ | ଟେଣ୍ଡର ମୂଲ୍ୟ (in Rs.) |
|---|---|---|---|
| 1 | 2019_MCL_155827_1 | PROCUREMENT OF SPARES FOR EKG ROPE SHOVEL | 1160829.00 |
| 2 | 2019_MCL_155873_1 | PROCUREMENT OF WIRE ROPE FOR TIL 880 CRANE | 482473.00 |
| 3 | 2019_MCL_156102_1 | PROCUREMENT OF ANNUAL UNIFORM | 751794.00 |
| 4 | 2019_MCL_156207_1 | Extraction of coal/coal measure strata by depl SM on hir bas, mech transf of the same into tippers by PLs, transp of coal from SM fac to different destinations and transp of reject from SM fac to reject dump at Belpahar OCP, Lakhanpur Area | 2119901130.00 |
| 5 | 2019_MCL_156230_1 | Annual Day to Day maintenance against plumbing work at CWS(X) Colony CWS(X) Talcher for Period of 2(two) Years | 3365968.00 |
| 6 | 2019_MCL_156228_1 | Annual repairing and maintenance of door,window for quarters of GM Complex colony, IB Valley Area. | 1094877.00 |
| 7 | 2019_MCL_155974_1 | Procurement Of 06 Nos self propelled wheeled i.e Tyres Mounted Motor Grader of not less than 280 HP along with all filters and o Rings including engine filters required for 3000 Hours of operation. | 130163000.00 |
| 8 | 2019_MCL_156033_1 | Procurement of 02nos Hydraulic Wheel Mounted Mobile Crane of Lifting Capacity not less than 10 MT | 5000000.00 |
| 9 | 2019_MCL_156177_1 | PROCUREMENT OF OFF CIRCUIT TAP CHANGER SWITCH OF DIFFERENT RATINGS FOR TRANSFORMER SECTION AT CWS_X TALCHER. | 130804.00 |
| 10 | 2019_MCL_156191_1 | Supplying of water to the water scarcity villages Balunga Khamar, Anandapur, Soubhagya Nagar and Talaberna of Talcher Sub division for the year 2019, Lingaraj Area (Package I) for 120 days. | 1070496.00 |
| 11 | 2019_MCL_156192_1 | Supplying of water to the water scarcity villages of Kandhal, Langijoda and Jadunathpur of Talcher Sub division for the year 2019, Lingaraj Area (Package III) for 120 days. | 1167010.00 |
| 12 | 2019_MCL_156193_1 | Supplying of water to the water scarcity villages of Kandhal Hadi Sahi, Anadipur and Madanmohanpur (Khajuria Sahi and Gopal Sahi) of Talcher Sub division for the year 2019, Lingaraj Area (Package IV) for 120 days. | 1133026.00 |
| 13 | 2019_MCL_156194_1 | Supplying of water to the water scarcity villages Bidyadharpur, Dayanidhipur, New Dayanidhipur, Doblin and Pramod Prasad of Talcher Sub division for the year 2019, Lingaraj Area (Package V) for 120 days. | 1065058.00 |
| 14 | 2019_MCL_156195_1 | Manual cleaning of junctions at village road crossing coal corridor road under Lingaraj Area for a period of 730 days. | 3121610.00 |
| 15 | 2019_MCL_156220_1 | Water proofing and petty cement works in quarters at NS Nagar,Bharatpur Project,Bharatpur Area. | 893372.00 |
| 16 | 2019_MCL_156286_1 | G.I. profile sheet shed for Burnt oil storage at Regional Store, Lingaraj Area. | 4851992.00 |
| 17 | 2019_MCL_156248_1 | Transportation of salvaged girders from WP III Districts(U/G) to Surface (Workshop Yard) of Nandira Colliery, Talcher Area. | 216117.00 |
| 18 | 2019_MCL_156205_1 | Hiring of One (01) No. Diesel Mini Truck having capacity minimum 4Te, Daily 16 hours operation for a period of 02 years for GM Office Pool, Lingaraj Area, with monthly limit within 4262.5 km | 1659988.00 |
| 19 | 2019_MCL_156215_1 | Hiring of One (01) No. Diesel Covered jeep Bolero / Sumo or equivalent, minimum 7 seater with AC fitted, Daily 12 hours operation for a period of Two Years for GM Office Pool, Lingaraj Area with monthly limit within 3410 km | 1011406.00 |
| 20 | 2019_MCL_156300_1 | PROCUREMENT OF ANNUAL UNIFORM | 729567.00 |
| 21 | 2019_MCL_156277_1 | Repairing, Distempering, and Painting of JET Hostel at BIT of Lakhanpur Area. | 1279100.00 |
| 22 | 2019_MCL_156311_1 | Renovation of suit no. 2 and laying of paver blocks inside the premise of Senior Transit Camp, Dera, Talcher Area | 1161535.00 |
| 23 | 2019_MCL_156401_1 | Hiring of two nos. Mini Truck having carrying capacity 3 Ton to 6 Ton on 12 hrs duty basis with deployment of 01 no. driver (including staggered rest) max run 2500 km/month for 02 years (682 working days) for Lakhanpur OCP, Lakhanpur Area, MCL | 2321528.00 |
| 24 | 2019_MCL_156411_1 | Hiring of 03 nos. AC running covered jeep (Bolero or equivalent) seating capacity 6 plus 1 or above on 24 hrs duty basis with deployment of 02 nos. drivers(having staggered rest) max run 3500 km/month for 02 yrs (682 days) for BOCM, Lakhanpur Area. | 4278186.00 |
| 25 | 2019_MCL_156437_1 | Replacement of conventional light fittings to LED light fittings at Rabindra Bharati Club, N.S. Nagar Colony, Bharatpur OCP, Bharatpur Area. | 299544.00 |
| 26 | 2019_MCL_156468_1 | PROCUREMENT OF GYM EQUIPMENT FOR GYMNASIUM HEALTH CLUB | 504868.00 |
| 27 | 2019_MCL_156443_1 | PROCUREMENT OF 15 KVA LIGHTING TRANSFORMER | 401200.00 |
| 28 | 2019_MCL_156545_1 | PROCUREMENT OF BATTERY BANK | 789780.00 |
| 29 | 2019_MCL_156528_1 | Drilling of 03 nos. Large dia(650/600 mm) borehole(20 inch finished dia boreholes) for dewatering at L 1 area, G 1/H 1 area and Drift Bottom section of Talcher Colliery. | 7335365.00 |
| 30 | 2019_MCL_156316_1 | Supply and repairing of NGR monitoring and protection relay for 3.3 kV system with trip alert facility by SMS at sub station for LOCP, IBVA | 566400.00 |
| 31 | 2019_MCL_156552_1 | Supply, Construction, commissioning and Providing service for Automatic Truck / Wheel Wash System for different heavy duty vehicles at Mines Exit Point of Lakhanpur OCP, Lakhanpur Area,MCL. | 3037438.00 |
| 32 | 2019_MCL_156439_1 | Hiring of 01 no. Light Passenger Vehicle/Car Segment, Dezire/Etios or equivalent Car (4 plus 1 seater) with AC running, Diesel driven for 12 Hrs. duty period per day with deployment of one no. of driver (including staggered rest) (3000 KM per Month) | 720874.00 |
| 33 | 2019_MCL_156556_1 | Procurement of Multigas Detector with five sensors for mine no 3 of Orient Colliery. | 277300.00 |
| 34 | 2019_MCL_156214_1 | Internal Electrification with Light and Fan fitting for two(02) nos. of Class Rooms and two(02) nos. of Transit Rooms and Water Supply with Connection in JNV Goshala under CSR of MCL. | 356732.00 |
| 35 | 2019_MCL_156555_1 | Hiring of One (01) No. of Indigo or equivalent having minimum seating capacity of 5(4PLUS1) for engagement at 12Hrs/ day,150Km/day run for a period of Two years (i.e. 682 days) for deployment at POOL of General Manager, Talcher Area. | 863412.00 |
| 36 | 2019_MCL_156601_1 | Hiring of Pay Loader for Mechanical Transfer of coal into Departmental Hyva/Contractual Hyva or Tippers/Road Sale Trucks from Pit head coal stock yard of Orient Colliery Mine No 1 and 2, OSA, Orient Area, MCL for a quantity of 10,20,000 Te. | 6872556.00 |
| 37 | 2019_MCL_156660_1 | PROCUREMENT OF OUTDOOR CHILDREN PLAY EQUIPMENTS | 358557.00 |
| 38 | 2019_MCL_156598_1 | Providing 02 Nos Temporary Culvert on Bangaru Nallah for approach to 2nd Quarry at Ananta Open Cast Project. | 6440810.00 |
| 39 | 2019_MCL_156667_1 | PROCUREMENT OF SPARES FOR TATA 350 HYDRAULIC EXCAVATOR | 303590.00 |
| 40 | 2019_MCL_156465_1 | Renovation of Singhada Pump House of Bharatpur Project under Bharatpur Area. | 1661738.00 |
| 41 | 2019_MCL_156475_1 | Approach required for Electrical Distrtbution feeder panels inside N.S. Nagar Colony of Bharatpur OCP. | 470061.00 |
| 42 | 2019_MCL_156557_1 | Providing Potable,Cool and Purified Drinking Water Jars at GM Office,Bharatpur Area for a period of 01 year. | 309960.00 |
| 43 | 2019_MCL_156608_1 | Providing Platform near C 4 Take up and Lubricant Oil Stores Shed at RLS OF Bharatpur Project. | 508246.00 |
| 44 | 2019_MCL_156638_1 | Road Marking and Zebra Painting on Speed Breakers of the Roads at N.S. Nagar Colony of Bharatpur Project,Bharatpur Area. | 702425.00 |
| 45 | 2019_MCL_156673_1 | Interior Washing and Miscellaneous Repair Works of Some C type Garages and B type Garages of N.S. Nagar Colony at Bharatpur Project,Bharatpur Area. | 655902.00 |
| 46 | 2019_MCL_156711_1 | Supply of Upper and Lower Casing Steel body for SCT Pump. | 3700000.00 |
| 47 | 2019_MCL_156713_1 | SUPPLY OF SPARES FOR Wirtgen Surface Miner | 2371851.00 |
| 48 | 2019_MCL_156717_1 | Supply of spares of Track Tensioner for TATA ZX 450 Hyd excavator at Lingaraj OCP (Exclusively for OEM/OPM/OES) | 400839.00 |
| 49 | 2019_MCL_156399_1 | Construction of classroom, kitchen, dining shed and providing desk, benches including renovation of existing building at Mirdhapada New Primary School, Burla under CSR of MCL. | 2417989.00 |
| 50 | 2019_MCL_156655_1 | Miscellaneous balance civil works at Rehabilitated Village Chharla (Phase I) at BOCM under Lakhanpur Area | 14853688.00 |
| 51 | 2019_MCL_156691_1 | Construction of transformer foundation with fencing and portable rest shelter cabin near welcome gate of LKPOCP of Lakhanpur Area. | 505752.00 |

ଏମ୍‌ସିଏଲ୍ ଇ–ପ୍ରୋକ୍ୟୁରମେଣ୍ଟ ସହାୟତା କେନ୍ଦ୍ର (ଫୋନ୍ ୦୬୬୩–୨୫୪୨୬୯୫/୨୫୪୨୨୬୪)–ଇ–ମେଲ୍ – hlp-eproc.mcl@coalindia.in

ଆମର ଆପ୍ସ ପ୍ରାପ୍ତ କରିବା ପାଇ ଟୋଲ୍ ଫ୍ରୀ ନମ୍ବର ୧୮୦୦ ୨୦୦ ୩୦୦୪ରେ ଏକ ମିସ୍‌ଡ କଲ୍ କରନ୍ତୁ।

R-4953

“ଗୋଟିଏ ଦିନରେ ସୁପରଷ୍ଟାର ହୋଇପାରିବ ନାହିଁ। ତୁମକୁ ଉତ୍ଥାନ ଓ ପତନର ସମ୍ମୁଖୀନ ହେବାକୁ ପଡ଼ିବ। ଏହାହିଁ ଜୀବନ। ଯେତେ କଠିନ ପରିଶ୍ରମ କରିବ ସେହିଭଳି ଶ୍ରେଷ୍ଠ ହୋଇପାରିବ ।
–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ୍ କୋଚ୍



“ବିସିସିଆଇ ଅଧକ୍ଷ ଯେତେବେଳେ ଘରୋଇ କ୍ରିକେଟ୍‌କୁ ସୁଦୃଢ଼ କରିବାକୁ ଚାହୁଁଛନ୍ତି, ଆଶାକରୁଛି ଅମ୍ପାୟାରିଂ ଏହି କାର୍ଯ୍ୟକ୍ରମର ଏକ ଅଂଶବିଶେଷ ହେବ ।
–ସାଇମନ ଟଫେଲ, କିମ୍ବଦନ୍ତୀ ଅମ୍ପାୟର



## ସଂକ୍ଷେପରେ

### ଓଡ଼ିଶା-କେରଳ ମ୍ୟାଚ୍ ଡ୍ର

**କଟକ ଅଫିସ, ୨୬।୧୧:** ପଶ୍ଚିମବଙ୍ଗର କଲ୍ୟାଣୀ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ସବଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିୟନଶିପ୍(ଫାଇନାଲ ରାଉଣ୍ଡ)ର ଓଡ଼ିଶା-କେରଳ ମ୍ୟାଚ୍ ଡ୍ର ରହିଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ଉଭୟ ଦଳ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ୪୦ତମ ମିନିଟରେ ଡି. ରକ୍ଷିତଙ୍କ ଗୋଲ ବଳରେ କେରଳ ପ୍ରଥମାର୍ଦ୍ଧରେ ଅଗ୍ରଣୀ ନେଇଥିଲା। ଦ୍ୱିତୀୟାର୍ଦ୍ଧର ୫୨ତମ ଓ ୫୩ତମ ମିନିଟରେ ମାନସିଂ ହେମ୍ବ୍ରମ ଓଡ଼ିଶା ପକ୍ଷରୁ ୨ଟି ଗୋଲ ସ୍କୋର କରି ଦଳକୁ ୨-୧ରେ ଅଗ୍ରଣୀ ଦେଇଥିଲେ। କେରଳ ପକ୍ଷରୁ ଏସ. ବିବେକ ୫୫ତମ ମିନିଟରେ ଏକ ଗୋଲ ଦେବା ଫଳରେ ମ୍ୟାଚ ସମାନ ସ୍ଥିତିରେ ପହଞ୍ଚିଥିଲା। ପରେ କୌଣସି ଗୋଲ ନହେବା ଯୋଗୁ ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣୟ ହୋଇ ପାରି ନଥିଲା। ୨୮ରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ ମେଘାଳୟ ବିପକ୍ଷରେ ଖେଳିବ ।

### ଆଜିଠୁ ନାଲକୋ କପ୍ ବାସ୍କେଟବଲ୍

**କଟକ ଅଫିସ, ୨୬।୧୧:** ଓଡ଼ିଶା ବାସ୍କେଟବଲ ଆସୋସିଏଶନ(ଓବିଏ) ଓ ଟର୍ଟର୍ସ କ୍ଲବ ଆନୁକୂଲ୍ୟରେ ଗୁରୁବାରଠାରୁ ୬୧ତମ ରାଜ୍ୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପ ନାଲକୋ କପ୍-୨୦୧୯ ଆରମ୍ଭ ହେବ। ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟୁର୍ନାମେଣ୍ଟର ବିଭିନ୍ନ ମ୍ୟାଚ୍ ବାରବାଟୀ ଷ୍ଟାଡିୟମ ଓ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଖେଳାଯିବ। ଉଭୟ ପୁରୁଷ ଓ ମହିଳା ବିଭାଗରେ ପ୍ରତିଯୋଗିତା ହେବ। ୩୦ଟି ପୁରୁଷ ଓ ୧୬ଟି ମହିଳା ଦଳ ଅଂଶ ଗ୍ରହଣ କରିବେ ବୋଲି ଓବିଏ ସମ୍ପାଦକ ଜ୍ଞାନ ରଞ୍ଜନ ପରିଡ଼ା ସୂଚନା ଦେଇଛନ୍ତି ।

### ଆଫଗାନିସ୍ତାନଠାରୁ ହାରିଲା ଭାରତ

ଲକ୍ଷ୍ନୌ, ୨୬।୧୧- ସ୍ଥାନୀୟ ଏକନା କ୍ରିକେଟ ଷ୍ଟାଡିୟମରେ ଭ୍ରମଣକାରୀ ଆଫଗାନିସ୍ତାନ ବିପକ୍ଷରେ ଅନୁଷ୍ଠିତ ୩ୟ ଯୁଥ୍ (୧୯ ବର୍ଷରୁ କମ୍) ଦିନିକିଆ ମ୍ୟାଚ୍‌କୁ ଭାରତ ୩ ଉଇକେଟ୍‌ରେ ହାରିଯାଇଛି। ପରାଜୟ ସତ୍ତ୍ୱେ ପ୍ରଥମ ୨ଟି ମ୍ୟାଚ୍‌କୁ ଯଥାକ୍ରମେ ୯ ଓ ୨ ଉଇକେଟ୍‌ରେ ଜିତିଥିବା ଭାରତ ସିରିଜରେ ୨-୧ରେ ଅଗ୍ରଣୀ ରହିଛି। ମଙ୍ଗଳବାର ଖେଳାଯାଇଥିବା ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୧୯ ବର୍ଷରୁ କମ୍ ଦଳ ୪୯ ଓଭରରେ ୧୫୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଦୁଇ ଓପନର୍ ଦିବ୍ୟାଂଶ ସକ୍ସେନା (୨୪), ଅର୍ଜୁନ ଆଜାଦ (୧୨), ବିକ୍ରାନ୍ତ ଭରୋଦିଆ (୩୯) ଓ ଅଧିନାୟକ ଶୁଭଙ୍ଗ ହେଗ୍‌ଡେ (୪୬)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ପ୍ରତିପକ୍ଷ ବୋଲର ଆବିଦ ମହମ୍ମଦିଙ୍କୁ ସର୍ବାଧିକ ୪ ଉଇକେଟ୍ ମିଳିଥିଲା। ଜବାବରେ ଆଫଗାନିସ୍ତାନ ୧୯ ବର୍ଷରୁ କମ୍ ଦଳ ୪୬.୨ ଓଭରରେ ୭ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

# ଗ୍ୟାଲେରି ୭ ବାଦ୍, କମିଲା ୫୨୮୨ ଟିକେଟ

**କଟକ ଅଫିସ,୨୬।୧୧**



ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଭାରତ-ୱେଷ୍ଟଇଣ୍ଡିଜ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ କ୍ରମେ ପାଖେଇ ଆସିଛି। ସେଥିପାଇଁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ମ୍ୟାଚ୍‌କୁ ସଫଳ ଭାବେ ଆୟୋଜନ କରିବାକୁ ବିଭିନ୍ନ ସ୍ତରରୁ ଚାଲିଛି ପ୍ରଚେଷ୍ଟା। ଏ ନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଉପସ୍ଥିତ ରହି ଗ୍ୟାଲେରି ନଂ-୭ର ଟିକେଟ୍ ବିକ୍ରି କରାଯିବନି ବୋଲି ମତ ଦେଇଛନ୍ତି। ସରକାରୀ ଏଜେନ୍ସି ଏହି ଗ୍ୟାଲେରିର ଅନୁଧ୍ୟାନ ଶେଷ କରିଛି। ଏଯାଏ ରିପୋର୍ଟ ଦେଇ ନାହିଁ। ତେଣୁ ଓସିଏ କୌଣସି ପ୍ରକାର ରିସ୍କ ନେବାକୁ ଚାହେଁନି ବୋଲି ସଞ୍ଜୟ କହିଛନ୍ତି। ବାରବାଟୀ ଷ୍ଟାଡିୟମରେ ଦର୍ଶକ କ୍ଷମତା ୪୩ହଜାର ୯୨୯ ରହିଥିବା ବେଳେ ଗ୍ୟାଲେରି ନଂ-୭ ବାଦ୍ ପଡ଼ିବ। ପରେ ୫୨୮୨ ଟିକେଟ୍ ସିଧାସଳଖ କମିଛି। ମ୍ୟାଚ୍ ଆୟୋଜନ ନେଇ ସମସ୍ତ ସରକାରୀ ଅଧିକାରୀଙ୍କ ସହ ଦୀର୍ଘ ସମୟ ଆଲୋଚନା କରାଯାଇଥିଲା। ପାର୍କିଂଠାରୁ ଆରମ୍ଭ କରି ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ପର୍ଯ୍ୟନ୍ତ ବିଭିନ୍ନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିରେ ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ସରକାରୀ ଅଧିକାରୀ ଯୋଗ ଦେଇଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନି, ସିଏମ୍‌ସି କମିଶନର ଅନନ୍ୟା ଦାସ, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ସମେତ ଓସିଏର ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

### କପିଳ ହେବେ ସ୍ୱତନ୍ତ୍ର ଅତିଥି

ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତର କିମ୍ବଦନ୍ତୀ କ୍ରିକେଟର ତଥା ଭାରତକୁ ପ୍ରଥମ ବିଶ୍ୱକପ ବିଜେତା କରାଇଥିବା ଅଧିନାୟକ କପିଳ ଦେବ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବେ। କପିଳଙ୍କ ସହ ଏ ନେଇ ଓସିଏ ପକ୍ଷରୁ ଆଲୋଚନା କରାଯାଇଥିବା ଜଣାପଡ଼ିଛି। କପିଳଙ୍କ କମ୍ପାନୀ ଦେବ ମସ୍କୋ ଏବେ ବାରବାଟୀର ଫ୍ଲଡଲାଇଟ ମରାମତି କରୁଛି। ମ୍ୟାଚ୍ ପୂର୍ବରୁ କପିଳ ବାରବାଟୀ ଆସିବାର କାର୍ଯ୍ୟକ୍ରମ ଥିଲା। ହେଲେ ମ୍ୟାଚ୍ ଦିନ ତାଙ୍କୁ ଅତିଥି ଭାବେ ଅଣାଯିବାକୁ ଓସିଏ ଚେଷ୍ଟା କରୁଥିବା କୁହାଯାଇଛି। ଏହାଛଡ଼ା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ମ୍ୟାଚ୍‌ରେ ଅତିଥି ଭାବେ ଯୋଗଦେବେ।

**ବାରବାଟୀ ଦିନିକିଆ**
**ଆଉ ୨୫ଦିନ**

### ସକାଳେ ୱେଷ୍ଟଇଣ୍ଡିଜ, ସନ୍ଧ୍ୟାରେ ଭାରତର ଅଭ୍ୟାସ

ଉଭୟ ଦଳ ୧୯ ତାରିଖ ମଧ୍ୟାହ୍ନରେ ଭୁବନେଶ୍ୱରରେ ପହଞ୍ଚିବେ। ୨୦ ଓ ୨୧ରେ ଉଭୟ ଦଳ ଅଭ୍ୟାସ ନିମନ୍ତେ ବାରବାଟୀକୁ ଆସିବେ ବୋଲି ଜଣାପଡ଼ିଛି। ଭାରତୀୟ ଦଳର ଅଭ୍ୟାସ ସମୟ ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସ୍ଥିର କରାଯାଇଥିବା ବେଳେ ୱେଷ୍ଟଇଣ୍ଡିଜ ଦଳ ସକାଳ ୯ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଅଭ୍ୟାସ କରିବ। କିଛି ନିର୍ଦ୍ଦିଷ୍ଟ ଗ୍ୟାଲେରୀରେ ଦର୍ଶକ ନେଟ୍ସ ସେସନ ଦେଖିବାର ବ୍ୟବସ୍ଥା ରହିବ।

### ଟିକେଟ ଦର ଅପରିବର୍ତ୍ତିତ

ପୂର୍ବରୁ ଯାହା ଟିକେଟ ଦର ଥିଲା, ଆସନ୍ତା ମ୍ୟାଚରେ ମଧ ସମାନ ରହିବ। ଟିକେଟ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ବେଳେ କେବଳ ଏଥିରେ ଜିଏସଟି ଟ୍ୟାକ୍ସ ଯୋଡ଼ି ହୋଇଛି। ଟିକେଟରେ ସିଟ୍ ନମ୍ବର ଉଲ୍ଲେଖ ରହିବ।

| ଗ୍ୟାଲେରି | ଟିକେଟ୍ ଦର(ଟଙ୍କାରେ) |
|---|---|
| ୧ ଓ ୩ | ୬୦୦ |
| ୨ ଓ ୪ | ୫୦୦ |
| ୬ ନମ୍ବର | ୪୦୦ |
| ସ୍ପେଶାଲ ଏନକ୍ଲୋଜର | ୩୦୦୦ |
| ନ୍ୟୁ ପ୍ୟାଭିଲିୟନ | ୫୦୦୦ |
| କର୍ପୋରେଟ ବକ୍ସ | ୮୦୦୦ |
| ଏସି ବକ୍ସ | ୫୦୦୦ |

### ସ୍ୱତନ୍ତ୍ର ନିୟମ

- ୩ବର୍ଷରୁ ଅଧିକ ବୟସ ପିଲାଙ୍କ ପାଇଁ ଲାଗିବ ଟିକେଟ
- ପଲିଥିନ ବ୍ୟବହାର ମନା
- ଷ୍ଟାଡିୟମ ପରିସର ବାହାରକୁ ଗଲେ, ପୁନଃପ୍ରବେଶ ମନା
- ଦର୍ଶକ ପାଣି ପାଉଚ, ପାଣି ବୋତଲ, ଫଳ ସାମଗ୍ରୀ ନେଇ ପାରିବେନି
- ହେଲମେଟ୍, କାଚ, ବାଣ, ଦିଆସିଲ ନିଷେଦ୍ଧ

### ସଜେଇ ହେବ ରିଂ ରୋଡ୍

ଖେଳାଳିମାନେ ରିଂ ରୋଡ୍ ଦେଇ ଷ୍ଟାଡିୟମ ଭିତରକୁ ପ୍ରବେଶ କରିବେ। ସେମାନଙ୍କ ଯାତାୟାତ ପଥକୁ ସୁସଜ୍ଜିତ କରିବାର ଦାୟିତ୍ୱ ନେଇଛି କଟକ ମହାନଗର ନିଗମ(ସିଏମ୍‌ସି)। ସିଏମ୍‌ସି କମିଶନର ଅନନ୍ୟା ଦାସ ଉପସ୍ଥିତ ରହି ରିଂରୋଡ୍‌ର ବିଭିନ୍ନ ସ୍ଥାନ ମରାମତି କରାଯିବା ସହ ଏହାକୁ ସୁସଜ୍ଜିତ କରାଯିବ ବୋଲି କହିଛନ୍ତି।

### ୨୧.୭୧ କୋଟିର ଇନସ୍ୟୁରାନ୍ସ

ମ୍ୟାଚ୍ ପାଇଁ ମୋଟ ୨୧ କୋଟି ୭୧ ଲକ୍ଷ ୭୦ହଜାର ଟଙ୍କାର ଇନସ୍ୟୁରାନ୍ସ କରାଯାଇଥିବା ଜଣାପଡ଼ିଛି। ଏଥିରେ ଦର୍ଶକଙ୍କ ନିମନ୍ତେ ୭କୋଟି ଟଙ୍କାର ଇନସ୍ୟୁରାନ୍ସ ରହିଥିବା ବେଳେ ଅଗ୍ନିକାଣ୍ଡ କିମ୍ବା ଅନ୍ୟ ବିପଦ ନିମନ୍ତେ ରହିଛି ୮କୋଟି ଟଙ୍କାର ଇନସ୍ୟୁରାନ୍ସ। ୬କୋଟି ୭୧ଲକ୍ଷ ୭୦ହଜାର ଟଙ୍କା ଅପ୍ରତ୍ୟାଶିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଇନସ୍ୟୁରାନ୍ସ କରାଯାଇଛି।

### ଖାଦ୍ୟ ଦର ଉପରେ ଲାଗିବ କଟକଣା

ଗ୍ୟାଲେରୀ ଗୁଡ଼ିକରେ ବିକ୍ରି ହେବାକୁ ଥିବା ଶୁଖିଲା, ରନ୍ଧା ଖାଦ୍ୟ ଦର ଉପରେ କଟକଣା ଲଗାଯିବ। ଭେଣ୍ଡରମାନେ ମନମୁଖୀ ଚଢ଼ା ଦରରେ ଏହାକୁ ବିକ୍ରି କରୁଥିବାର ଅଭିଯୋଗ ହୋଇଥିଲା। ଏ ନେଇ ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ଖାଦ୍ୟ ଦର ନିର୍ଦ୍ଧାରଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## ଫିଫାର ପଡ଼ିଆ ନିରୀକ୍ଷଣ ଆରମ୍ଭ



**କୋଲକାତା, ୨୬।୧୧ (ପି.ଟି.):** ଆସନ୍ତାବର୍ଷ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପାଇଁ ପଡ଼ିଆ ମଙ୍ଗଳବାର ନିରୀକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି। ଅଲିଭର ଭୋଗତଙ୍କ ନେତୃତ୍ୱରେ ଏକ ୮ ଜଣିଆ ଫିଫା ପ୍ରତିନିଧି ଦଳ ଏହି ନିରୀକ୍ଷଣ କାର୍ଯ୍ୟ ଆରମ୍ଭ କରିଛି। ଡିସେମ୍ବର ୧ ପର୍ଯ୍ୟନ୍ତ ଏହା ଚାଲିବ। ଆଗାମୀ ମେଗା ପ୍ରତିଯୋଗିତା ପାଇଁ ପଡ଼ିଆ ପ୍ରସ୍ତୁତି କାର୍ଯ୍ୟ କେତେ ଅଗ୍ରଗତି ଘଟିଛି ତାହା ଏହି ପ୍ରତିନିଧି ମଣ୍ଡଳୀ ଅନୁଧ୍ୟାନ କରି ରିପୋର୍ଟ ଦେବ। କୋଲକାତାରୁ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ‘‘୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ଯେପରି ସଫଳତାର ସହ ସମ୍ପନ୍ନ ହେବ ସେଥିପାଇଁ ସମସ୍ତେ ପରିଶ୍ରମ କରୁଥିବେ ବୋଲି ମୋର ବିଶ୍ୱାସ। ଆମେ ଏହି ପରିଭ୍ରମଣ ସମୟରେ ଷ୍ଟାଡିୟମ ଭିତ୍ତିଭୂମି ବ୍ୟତୀତ ପଡ଼ିଆକୁ ନିରୀକ୍ଷଣ କରିବୁ। ୨୦୧୭ରେ ୧୭ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପ ସଫଳତାର ସହ ଆୟୋଜିତ ହୋଇଥିଲା। ଏଥର ମଧ ତାହାର ପୁନରାବୃତ୍ତି ହେବା ଆଶା’’ ବୋଲି ଭୋଗତ କହିଛନ୍ତି। ବୁଧବାର କୋଲକାତାରେ ପଡ଼ିଆ ନିରୀକ୍ଷଣ ଶେଷ ହେବାପରେ ପ୍ରତିନିଧି ଦଳ ଗୁରୁବାର ଗୁଆହାଟୀ ଯିବ। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ୨୦୨୦ ନଭେମ୍ବର ୨ରୁ ଅନୁଷ୍ଠିତ ହେବ।

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ**

## ମୃତ୍ୟୁର ୫ ବର୍ଷପରେ ହ୍ୟୁଗ୍ସଙ୍କୁ ପ୍ରଶଂସା

**ମେଲବୋର୍ନ,୨୬।୧୧(ପି.ଟି.):** ମୃତ୍ୟୁର ୫ ବର୍ଷ ପରେ ଫିଲିପ୍ ହ୍ୟୁଗ୍ସଙ୍କୁ ପୁଣି ମନେ ପକାଇଛି କ୍ରିକେଟ ଅଷ୍ଟ୍ରେଲିଆ। ଏକ ପ୍ରଥମଶ୍ରେଣୀ ଘରୋଇ କ୍ରିକେଟ ମ୍ୟାଚ୍ ଖେଳିବା ଅବସରରେ ଶର୍ଟ ପିଚ୍ ବଲ୍ ଦ୍ୱାର ଆହତ ହୋଇ ଅଷ୍ଟ୍ରେଲୀୟ କ୍ରିକେଟର ହ୍ୟୁଗ୍ସ ପ୍ରାଣତ୍ୟାଗ କରିଥିଲେ। ଏବେ ଶ୍ରାଦ୍ଧ ବାର୍ଷିକୀ ପୂର୍ବରୁ କ୍ରିକେଟ ଅଷ୍ଟ୍ରେଲିଆ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛି। ୨୦୧୪ ନଭେମ୍ବର ୨୫ ତାରିଖରେ ଦକ୍ଷିଣ ଅଷ୍ଟ୍ରେଲିଆ ତରଫରୁ ନ୍ୟୁ ସାଉଥ୍ ୱେଲ୍ସ ବିପକ୍ଷରେ ଶେଫିଲ୍ଡ ଶିଲ୍ଡ ମ୍ୟାଚ୍ ଖେଳିବା ଅବସରରେ ମାତ୍ର ୨୫ ବର୍ଷ ବୟସରେ ସେ ମୃତ୍ୟୁବରଣ କରିଥିଲେ। ସେ ହେଲ୍‌ମେଟ ପିନ୍ଧିଥିଲେ। ତେବେ ହେଲମେଟ୍ ତଳକୁ ବାମ କାନର ଠିକ୍ ତଳେ ବଲ୍ ବାଜିବା କାରଣରୁ ସେ ଅଚେତ୍ ହୋଇଯାଇଥିଲେ ଓ ଏହାର ୨ ଦିନ ପରେ ଏକ ସ୍ଥାନୀୟ ହସ୍ପିଟାଲରେ ମୃତ୍ୟୁ ବରଣ କରିଥିଲେ। ପ୍ରତିଦିନ ଆମେ ହ୍ୟୁଗ୍ସଙ୍କୁ ମନେ ପକାଉଛୁ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ମୁଖ୍ୟ କାର୍ଯ୍ୟନିର୍ବାହୀ କେଭିନ୍ ରବର୍ଟ କହିଛନ୍ତି। ହ୍ୟୁଗ୍ସ ଅଷ୍ଟ୍ରେଲିଆ ପାଇଁ ୨୫ଟି ଟେଷ୍ଟ ଓ ୨୪ଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ।

## ଭାରତୀୟ ଦଳରେ କାଳିଆ, ଲିଙ୍ଗରାଜ

**ଭୁବନେଶ୍ୱର, ୨୬।୧୧(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳ ନେପାଳ ବିପକ୍ଷରେ ଏକଦିବସୀୟ ଓ ଟି୨୦ କ୍ରିକେଟ ସିରିଜ ଖେଳିବ। ଡିସେମ୍ବର ୨ରୁ ୪ ପର୍ଯ୍ୟନ୍ତ ୩ ମ୍ୟାଚ ବିଶିଷ୍ଟ ଏକଦିବସୀୟ କାନପୁରରେ ଏବଂ ୬ରୁ ୮ ପର୍ଯ୍ୟନ୍ତ ୩ଟି ଟି୨୦ ଡେରାଡୁନ୍‌ରେ ଖେଳିବ। ଏହି ଦୁଇ ସିରିଜ ପାଇଁ ମଙ୍ଗଳବାର ୧୪ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ୧୦ ରାଜ୍ୟରୁ ବଛାବଛା ଖେଳାଳିଙ୍କୁ ଚୟନ କରାଯାଇଛି। ଏଥିରେ ୮ ନୂଆ ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରେ ୫ ଜଣ ବି-୧, ଜଣେ ବି-୨ ଓ ୨ ଜଣ ବି-୩ କାଟେଗୋରି ଖେଳାଳି ସାମିଲ। ଭାରତୀୟ ଦଳରେ ୨ ଜଣ ଓଡ଼ିଶା ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ କାଳିଆ ପ୍ରଧାନ ଓ ଲିଙ୍ଗରାଜ ରାଉତରା। ଜନ ଡେଭିଡଙ୍କ ନେତୃତ୍ୱାଧୀନ ଚୟନ କମିଟି ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଆସୋସିଏଶନ ସଭାପତି ଜି.କେ. ମହନ୍ତେଶଙ୍କ ସହ ଆଲୋଚନା କରି ୨ ଜଣ ନୂଆ ଅଧିନାୟକ ନିଯୁକ୍ତ ଦେଇଛନ୍ତି। ଏକଦିବସୀୟ ପାଇଁ ସୁନୀଲ ରମେଶ ଓ ଟି୨୦ ସିରିଜ ପାଇଁ ଦୀପକ ମଲିକଙ୍କୁ ଅଧିନାୟକ କରାଯାଇଛି।

### ଭାରତୀୟ ଦଳ

- ବି-୧ କାଟେଗୋରି: ବିଷ୍ଣୁ ବି., ମାଧବାଲୁ, ନିଲେଶ, ସୋଭେନ୍ଦ୍ର ଭଣ୍ଡାରୀ, କାଳିଆ ପ୍ରଧାନ। ବି-୨ କାଟେଗୋରି: ଅଜୟ କୁମାର ରେଡ୍ଡୀ, ଲୋକେଶ, ମହମ୍ମଦ ଇରଫାନ, ମହମ୍ମଦ ଫୈଜଲ(କେବଳ କାନପୁର ଦିନିକିଆ ପାଇଁ), ଭିନିତ କୁମାର(କେବଳ ଲୁଧିଆନା ଟି୨୦ ପାଇଁ)। ବି-୩ କାଟେଗୋରି: ସୁନୀଲ ରମେଶ, ଏ. ରବି, ଦୀପକ ମଲିକ, ରାହୁଲ ମହାଲେ, ଲିଙ୍ଗରାଜ ରାଉତରା।



କାଳିଆ ପ୍ରଧାନ



ଲିଙ୍ଗରାଜ ରାଉତରା

**ଦୃଷ୍ଟିହୀନ କ୍ରିକେଟ ସିରିଜ**

## ପ୍ରିମିୟର ବ୍ୟାଡମିଣ୍ଟନ ଲିଗ୍ ଖେଳାଳି ନିଲାମ

# ସିନ୍ଧୁ, ତାଇ ସବୁଠାରୁ ଦାମୀ

**ନୂଆଦିଲ୍ଲୀ,୨୬।୧୧(ପି.ଟି.)**

ପ୍ରିମିୟମ ବ୍ୟାଡମିଣ୍ଟନ ଲିଗ୍ (ପିବିଏଲ) ପଞ୍ଚମ ସଂସ୍କରଣ ପାଇଁ ଏଠାରେ ଖେଳାଳି ନିଲାମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁଙ୍କୁ ସର୍ବାଧିକ ୭୭ ଲକ୍ଷ ଟଙ୍କା ବିନିମୟରେ ହାଇଦ୍ରାବାଦ ହଣ୍ଟର୍ସ କ୍ରୟ କରିଛି। ସେହିପରି ବିଶ୍ୱର ୧ ନମ୍ବର ମହିଳା ଖେଳାଳି ଚାଇନିଜ୍ ତାଇପେଇର ତାଇ ଜୁ ୟିଙ୍ଗ୍ ମଧ ୭୭ ଲକ୍ଷ ଟଙ୍କାରେ ବିକ୍ରି ହୋଇଛନ୍ତି। ତାଙ୍କୁ ଗତ ସଂସ୍କରଣର ଚାମ୍ପିୟନ ବେଙ୍ଗାଲୁରୁ ରାପ୍ଟର୍ସ କ୍ରୟ କରିଛି। ତାଇଙ୍କୁ କ୍ରୟ କରିବା ପାଇଁ ବେଙ୍ଗାଲୁରୁକୁ ପୁଣେ ୭ ଆସେସ୍ ସହ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡିଥିଲା।

ସେହିପରି ଅନ୍ୟତମ ଭାରତୀୟ ତାରକା ବି. ସାଇ ପ୍ରଣୀତଙ୍କୁ ୩୨ ଲକ୍ଷ ଟଙ୍କା ବିନିମୟରେ ବେଙ୍ଗାଲୁରୁ ବଜାୟ ରଖିଛି। ସେହିପରି ବି. ସୁମୀତ ରେଡ୍ଡୀ ୧୧ ଲକ୍ଷ ଟଙ୍କା ବିନିମୟରେ ଚେନ୍ନାଇ ସୁପରଷ୍ଟାର୍ସ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ସେହିପରି ଚିରାଗ ଶେଟ୍ଟୀ ୧୫.୫୦ ଲକ୍ଷ ଟଙ୍କା ବିନିମୟରେ ପୁଣେ ୭ ଆସେସ୍ ଦଳରେ ପୂର୍ବପରି ରହିଛନ୍ତି। ବିଶ୍ୱର ୯ ନମ୍ବର ମହିଳା ସିଙ୍ଗିଲ୍ସ ଖେଳାଳି ବେଇୱାନ ଝାଙ୍ଗ ୩୯ ଲକ୍ଷ ଟଙ୍କା ବିନିମୟରେ ଅବଧ ୱାରିୟର୍ସ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଜାତୀୟ ବ୍ୟାଡମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦଙ୍କ ଝିଅ ଗାୟତ୍ରୀ ଗୋପିଚାନ୍ଦଙ୍କୁ ଚେନ୍ନାଇ ସୁପରଷ୍ଟାର୍ସ କ୍ରୟ କରିଛି। ସେହିପରି ଆସାମର ଯୁବ ବ୍ୟାଡମିଣ୍ଟନ ଖେଳାଳି ଅସ୍ମିତା ଚଲିଆଙ୍କୁ ତାଙ୍କ ଘରୋଇ ଦଳ ନର୍ଥ ଇଷ୍ଟର୍ନ ୱାରିୟର୍ସ ୩ ଲକ୍ଷ ଟଙ୍କାରେ କ୍ରୟ କରିଛି।

ଏଥର ପିବିଏଲ୍ ପଞ୍ଚମ ସଂସ୍କରଣରେ ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟିନୀ ସାଇନା ନେହ୍ୱାଲ ଓ କିଡାମ୍ବୀ ଶ୍ରୀକାନ୍ତଙ୍କୁ ଖେଳୁଥିବାର ଦେଖିବାକୁ ମିଳିବ ନାହିଁ। ଅନ୍ତର୍ଜାତୀୟ କ୍ୟାରିୟରକୁ ଆଗକୁ ବଢ଼ାଇବା ପାଇଁ ଏହି ଦୁଇ ତାରକା ଏଥର ପିବିଏଲ୍‌ରୁ ଓହରିଯାଇଛନ୍ତି। ସାଇ ପ୍ରଣୀତ, ଲକ୍ଷ୍ୟ ସେନ ଓ ପୁରୁଷ ଡବଲ୍ସ ଯୋଡି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟୀ ଏହି ନିଲାମରେ ସମିଲ ହୋଇଥିଲେ। ଜାନୁୟାରୀ ୨୦ରୁ ଫେବୃୟାରୀ ୯ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ଏହି ଲିଗ୍‌ରେ ମୋଟ ୭୪ ଜଣ ଭାରତୀୟ ଖେଳାଳି ସାମିଲ ରହିଛନ୍ତି। ୨୧ ଦିନଧରି ଚାଲିବାକୁ ଥିବା ଏହି ଲିଗ୍‌ର ମ୍ୟାଚ୍‌ଗୁଡିକ ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ ଓ ଲକ୍ଷ୍ନୌରେ ଖେଳାଯିବ।

ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ୨ କୋଟି ଟଙ୍କା ଖର୍ଚ୍ଚ କରିପାରିବେ। ତେବେ ଜଣେ ଖେଳାଳିଙ୍କ ପାଇଁ ଦଳଗୁଡିକ ୭୭ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିପାରିବେ ନାହିଁ। ପ୍ରତ୍ୟେକ ଦଳରେ ସର୍ବାଧିକ ୬ଜଣ ବିଦେଶୀ ଓ ଅତିକମ୍‌ରେ ୩ଜଣ ମହିଳା ଖେଳାଳି ସାମିଲ ରହିପାରିବେ। ପ୍ରତ୍ୟେକ ଦଳରେ ୧୧ରୁ ଅଧିକ ଖେଳାଳି ସାମିଲ ହୋଇପାରିବେ ନାହିଁ। ଲିଗ୍‌ର ଫର୍ମାଟରେ କୌଣସି ପରିବର୍ତ୍ତନ ହେବ ନାହିଁ। ପ୍ରତ୍ୟେକ ଟାଇ ୫ଟି ମ୍ୟାଚ୍ ସାମିଲ ହେବ। ଦୁଇଟି ପୁରୁଷ ସିଙ୍ଗଲ୍ସ, ଗୋଟିଏ ମହିଳା ସିଙ୍ଗଲ୍ସ, ଗୋଟିଏ ପୁରୁଷ ଡବଲ୍ସ ଓ ଗୋଟିଏ ମିକ୍ସଡ୍ ଡବଲ୍ସ ମ୍ୟାଚ୍ ଖେଳାଯିବ।



ପି.ଭି. ସିନ୍ଧୁ ଓ ତାଇ ଜୁ ୟିଙ୍ଗ୍।

**ଫ୍ରାଞ୍ଚାଇଜ୍ ତାଲିକା:**
ଅବୋଧ ୱାରିୟର୍ସ (ଲକ୍ଷ୍ନୌ), ବେଙ୍ଗାଲୁରୁ ରାପ୍ଟର୍ସ (ବେଙ୍ଗାଲୁରୁ), ମୁମ୍ବାଇ ରକେଟ୍ସ (ମୁମ୍ବାଇ), ହାଇଦ୍ରାବାଦ ହଣ୍ଟର୍ସ (ହାଇଦ୍ରାବାଦ), ଚେନ୍ନାଇ ସୁପରଷ୍ଟାର୍ସ (ଚେନ୍ନାଇ), ନର୍ଥ ଇଷ୍ଟର୍ନ ୱାରିୟର୍ସ (ନର୍ଥ ଇଷ୍ଟ) ଓ ପୁଣେ ୭ ଏସେସ୍ (ପୁଣେ)।

## ଆର୍ଚରଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ

# ସୁରକ୍ଷା ବ୍ୟବସ୍ଥା କଡ଼ା କଲା ନ୍ୟୁଜିଲାଣ୍ଡ

**ୱେଲିଂଟନ,୨୬।୧୧(ଏଏଫ୍‌ପି)**

ହାମିଲଟନରେ ଆଗକୁ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ନ୍ୟୁଜିଲାଣ୍ଡ କ୍ରିକେଟ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିଛି। ମାଉଣ୍ଟ ମାନୁଗାନୁଇରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଖେଳିବା ଅବସରରେ ଇଂଲଣ୍ଡ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ଗ୍ୟାଲେରୀରେ ଉପସ୍ଥିତ କେତେକ ଦର୍ଶକ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିଲେ। ଏଭଳି ଆକ୍ଷେପ ଗ୍ରହଣୀୟ ନୁହେଁ ଓ ଏହା ନିହାତି ଅଶୋଭନୀୟ ବୋଲି ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ କହିଛନ୍ତି। ସିସିଟିଭି ଫୁଟେଜରେ ଏମାନଙ୍କୁ ଚିହ୍ନଟ କରାଯିବା ପାଇଁ ପୋଲିସ ଚେଷ୍ଟା ଜାରି ରଖିଛି। ଚିହ୍ନଟ ହେଲେ ଏମାନଙ୍କୁ କ୍ରିକେଟ ଗ୍ରାଉଣ୍ଡରୁ ବାରଣ କରାଯିବ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ତରଫରୁ କୁହାଯାଇଛି।

ଏଭଳି ଘଟଣା ଦୁର୍ଭାଗ୍ୟଜନକ ଓ ଏହା ଆଦୌ ଗ୍ରହଣୀୟ ନୁହେଁ। ଏହାକୁ ଆମେ ବରଦାସ୍ତ କରିବୁ ନାହିଁ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଡେଭିଡ୍ ହ୍ୱାଇଟ୍ କହିଛନ୍ତି। ପୂର୍ବରୁ ଆର୍ଚର ଟୁଇଟ କରି ଏ ନେଇ ଜଣାଇଥିଲେ। ବ୍ୟାଟିଂ କରୁଥିବା ବେଳେ କେତେକ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିଲେ ବୋଲି ସେ ଉଲ୍ଲେଖ କରିଥିଲେ। ଆଉଟ ହୋଇ ପ୍ୟାଭିଲିୟନ ଯାଉଥିବା ବେଳେ ଜଣେ ନ୍ୟୁଜିଲାଣ୍ଡ ପ୍ରଶଂସକ ମୋ ଦେହର ରଙ୍ଗ ନେଇ ଟିପ୍ପଣୀ ଦେଇଥିଲେ। ଏହି ଟେଷ୍ଟରେ ନ୍ୟୁଜିଲାଣ୍ଡ ଏକ ଇନିଂସ ଓ ୬୫ ରନରେ ବିଜୟୀ ହୋଇଥିଲା। ତେବେ ଏହି ଘଟଣା ବିଜୟକୁ ଫିକା କରିଦେଇଥିଲା। ତେବେ ଏଭଳି ଘଟଣାକୁ ରୋକିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ ବୋଲି ହ୍ୱାଇଟ୍ ଜଣାଇଛନ୍ତି। ଆବଶ୍ୟକ ପଡିଲେ ଆର୍ଚରଙ୍କୁ ଆମେ କ୍ଷମା ମାଗିବାକୁ ପଛାଇବୁ ନାହିଁ ବୋଲି ସେ କହିଛନ୍ତି।



"ପ୍ରଥମ ଟେଷ୍ଟରେ ୪ ରନରେ ଆଉଟ୍ ହେବାପରେ ନିଜକୁ ଦଣ୍ଡସ୍ୱରୂପ ଟିମ୍ ବସରେ ନ ଯାଇ ୩ କିମି ଚାଲିକି ହୋଟେଲକୁ ଆସିଥିଲି ।

–ଷ୍ଟିଭ ସ୍ମିଥ୍, ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ



"ଯଶପ୍ରୀତ୍ ବୁମ୍ରାଙ୍କ ବିନା ବର୍ତ୍ତମାନ ଭାରତୀୟ ଦଳର ଦ୍ରୁତ ବୋଲିଂ ବାହିନୀ ବିଶ୍ୱ କ୍ରିକେଟ୍‌କୁ ରୋମାଞ୍ଚିତ କରୁଛନ୍ତି ।

–ଫିଲ୍ ସିମନ୍ସ, ପୂର୍ବତନ ୱେଷ୍ଟଇଣ୍ଡିଜ କ୍ରିକେଟର୍

## ସଂକ୍ଷେପରେ

### ମୁଖ୍ୟ ପର୍ଯ୍ୟାୟରେ ତନଭୀ, ଋତୁପର୍ଣ୍ଣା

ଲକ୍ଷ୍ନୌ, ୨୬।୧୧ (ପି.ଟି.): ଭାରତୀୟ ମହିଳା ଶଟ୍‌ଲର ତନଭୀ ଲାଡ୍ ଓ ଋତୁପର୍ଣ୍ଣା ଦାସ ଏଠାରେ ଅନୁଷ୍ଠିତ ସୟଦ ମୋଦି ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟର ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ତନଭୀ ୧୯-୨୧, ୨୧-୧୮, ୨୧-୮ ଗେମ୍‌ରେ ସାଥୀ ଖେଳାଳି ପ୍ରଶି ଜୋଶୀଙ୍କୁ ପରାସ୍ତ କରିଥିଲେ। ସେହିଭଳି ଋତୁପର୍ଣ୍ଣା ୨୧-୧୦, ୨୧-୧୨ ସିଧାସଳଖ ଗେମ୍‌ରେ ଶିଖା ଗୌତମଙ୍କୁ ହରାଇଛନ୍ତି। ମୁଖ୍ୟ ପର୍ଯ୍ୟାୟର ପ୍ରଥମ ରାଉଣ୍ଡରେ ତନଭୀ ରୁଷିଆର ନାଟାଲିଆ ପେର୍ମିନୋଭାଙ୍କୁ ଭେଟିବେ। ସେହିଭଳି ଋତୁପର୍ଣ୍ଣା ହଂକଂର ୟିପ୍ ପୁଇ ୟିନଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ।

### ଶବର କପ : ମା' ଭୁଆସୁଣୀ କ୍ଲବ ବିଜୟୀ

ଯାଁଳା,୨୬।୧୧(ଡି.ଏନ.ଏ.) : ଯାଁଳା ରାଧାଚରଣପୁର ଖେଳପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଶବରକପ କ୍ରିକେଟ୍ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚ୍‌ରେ ଭୁବନେଶ୍ୱର ଏଜି ଓଡ଼ିଶା ଦଳକୁ ୧-୦ ଗୋଲ୍‌ରେ ପରାସ୍ତ କରି କଟକ ବିଡାନାସୀର ମା' ଭୁଆସୁଣୀ କ୍ଲବ ବିଜୟୀ ହୋଇଛି। ପ୍ରଥମାର୍ଦ୍ଧ ଖେଳର ୨୬ ମିନିଟ୍‌ରେ ମା' ଭୁଆସୁଣୀ ଦଳର ରାଜେଶ ନାୟକ ଦଳ ପକ୍ଷରୁ ଗୋଲ୍ ଦେଇଥିଲେ। ଦିଗ୍‌ବିଜୟ ଦାସ ରେଫ୍‌ରୀ ରହିଥିବା ବେଳେ ପ୍ରିୟବ୍ରତ ବାହିନୀପତି ଓ ଲକ୍ଷ୍ମୀପ୍ରସାଦ ଦାସ ଲାଇନ୍‌ରେ ସହାୟତା କରିଥିଲେ। ବୁଧବାର କଟକର ଦୁଇଦଳ ମା' ଭୁଆସୁଣି କ୍ଲବ ଓ ମଙ୍ଗଳା କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ।

### ସିଜନର ପ୍ରଥମ ବିଜୟ ହାସଲ କଲା ଚେନ୍ନାଇନ

ଚେନ୍ନାଇ, ୨୬।୧୧ (ପି.ଟି.):ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ସୋମବାର ଖେଳାଯାଇଥିବା ଏକ ରୋମାଞ୍ଚକ ମ୍ୟାଚ୍‌ରେ ଚେନ୍ନାଇନ ଏଫ୍‌ସି ୨-୧ ଗୋଲରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରିଛି। ଏଥିସହ ଚେନ୍ନାଇନ ସିଜନର ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଏକଦା ମ୍ୟାଚ୍ ଗୋଲଶୂନ୍ୟ ଭାବରେ ଡ୍ର ହେବା ସ୍ଥିତିରେ ରହିଥିଲା। କିନ୍ତୁ ମ୍ୟାଚ୍‌ର ଅତିରିକ୍ତ ସମୟ ହିଁ ରୋମାଞ୍ଚ ଭରିଦେଇଥିଲା। ଏହି ଅତିରିକ୍ତ ସମୟରେ ୩ଟି ଯାକ ଗୋଲସ୍କୋର ଦେଖିବାକୁ ମିଳିଥିଲା। ୯୦+୨ ମିନିଟ୍‌ରେ ଆନ୍ଦ୍ରେ ଶ୍ରେମ୍ବ୍ରିଙ୍କ ଗୋଲ ବଳରେ ଚେନ୍ନାଇନ ୧-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ଏହାର ୩ ମିନିଟ୍ ପରେ ହାଇଦ୍ରାବାଦର ଇଂଲିଶ ମଧଭାଗ ଖେଳାଳି ମାଥ୍ୟୁ କିଲଗାଲୋନ (୯୦+୫) ଏକ ଶକ୍ତିଶାଳୀ ହେଡ୍ କରି ହାଇଦ୍ରାବାଦ ଶିବିରର ଖୁସିର ଲହରି ଖେଳାଇ ଦେଇଥିଲେ। ମ୍ୟାଚ୍ ୧-୧ର ବରାବର୍‌ସ୍ଥିତିକୁ ଚାଲି ଆସିଥିଲା। ଅତିରିକ୍ତ ସମୟର ଅନ୍ତିମ କ୍ଷଣରେ ହାଇଦ୍ରାବାଦ ଗୋଲକିପରଙ୍କୁ ଚକ୍‌ମା ଦେଖାଇ ନେରିଜୁସ ଭଲସ୍କି ଚେନ୍ନାଇନ ପାଇଁ ୨ୟ ଗୋଲଟି ଦେଇଥିଲେ।

## ନେହେରୁ କପ୍ ହକି ଫାଇନାଲରେ ହାତାହାତି ଘଟଣା

# ଓଡ଼ିଶାର ସୁମିତ ଗୁରୁତର ଆହତ

ଭୁବନେଶ୍ୱର, ୨୬।୧୧ (କ୍ରୀଡ଼ା ପ୍ରତିନିଧି)

ନୂଆଦିଲ୍ଲୀର ନ୍ୟାଶନାଲ ଷ୍ଟାଡିୟମରେ ସୋମବାର ଜାତୀୟ ସ୍ତରୀୟ ହକି ଟୁର୍ନାମେଣ୍ଟ ନେହେରୁ କପ୍‌ର ଫାଇନାଲ ଅବସରରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ପଞ୍ଜାବ ପୋଲିସ ଓ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ମଧ୍ୟରେ ଅନୁଷ୍ଠିତ ଫାଇନାଲ ଅବସରରେ ଆରମ୍ଭ ହୋଇଥିଲା ଗଣ୍ଡଗୋଳ। ପଞ୍ଜାବ ପୋଲିସ ଖେଳାଳିଙ୍କ ପକ୍ଷରୁ ଏହା ଆରମ୍ଭ ହୋଇଥିଲା ଏବଂ କିଛି ସମୟ ପାଇଁ ଖେଳ ପଡ଼ିଆ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଏଥିରେ ଶିକାର ହୋଇଥିଲେ ପିଏନ୍‌ବି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ସୁମିତ୍ ଟପ୍ପୋ। ପଞ୍ଜାବ ପୋଲିସ ଖେଳାଳିଙ୍କ ଆକ୍ରମଣରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ମୁଣ୍ଡର ଏକାଧିକ ସ୍ଥାନରେ କ୍ଷତ ହୋଇଥିବାରୁ ସେ ବର୍ତ୍ତମାନ ଚିକିତ୍ସିତଥିବା ଜଣାଯାଇଛି। ଓଡ଼ିଶା ସରକାର ହକିକୁ ପ୍ରୋତ୍ସାହନ ଯୋଗାଇ ଦେଇ ଆସୁଥିବାବେଳେ ରାଜ୍ୟ ବାହାରେ ଓଡ଼ିଶା ଖେଳାଳିଙ୍କୁ ଆକ୍ରମଣକୁ ନେଇ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଖେଳାଳିଙ୍କ ଅଣଖେଳୁଆଡ଼ ମନୋଭାବ ଯୋଗୁ ରେଫରି ଉଭୟ ଦଳର ୩ ଲେଖାଏ ଖେଳାଳି ଓ ପଞ୍ଜାବ ପୋଲିସ ମ୍ୟାନେଜରଙ୍କୁ ରେଡ କାର୍ଡ ଦେଇଥିଲେ। ଫଳରେ ଅବଶିଷ୍ଟ ସମୟରେ ଦୁଇ ଦଳକୁ ୮ ଜଣ ଖେଳାଳିରେ ଖେଳିବାକୁ ପଡ଼ିଥିଲା। ଏଥିରେ ପିଏନ୍‌ବି ୬-୩ ବ୍ୟବଧାନରେ ମ୍ୟାଚ ଜିତି ଟାଇଟଲ ହାସଲ କରିଥିଲା। ହକି ଇଣ୍ଡିଆ ଘଟଣାକୁ ଗୁରୁତ୍ୱର ସହ ନେଇଛି। ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଟୁର୍ନାମେଣ୍ଟ ଆୟୋଜକଙ୍କୁ କୁହାଯାଇଛି। ରିପୋର୍ଟ ଆସିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନ କହିଛନ୍ତି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ମୁଖ୍ୟ ନରିନ୍ଦର ବାତ୍ରା ସମ୍ପୃକ୍ତ ଖେଳାଳି ଓ ଅଫିସିଆଲଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଘଟଣା ଘଟିଥିଲା ମ୍ୟାଚର ୪୩ତମ ମିନିଟରେ। ଉଭୟ ଦଳ ୩ଟି ଲେଖାଏ ଗୋଲ ଦେଇଥିବାରୁ ମ୍ୟାଚ ସଂଘର୍ଷପୂର୍ଣ୍ଣ ସ୍ଥିତିରେ ଥିଲା। ଏହି ସମୟରେ ପିଏନ୍‌ବି ଖେଳାଳିମାନେ ବଲ୍ ନେଇ ପଞ୍ଜାବ ପୋଲିସ ସର୍କଲରେ ପ୍ରବେଶ କରିଥିଲେ। ବଲ୍ ପାଇଁ ସଂଘର୍ଷ ଅବସରରେ ପଞ୍ଜାବ ପୋଲିସର ହରଦୀପ ସିଂ ଓ ପିଏନବିର ଓଡ଼ିଆ ଖେଳାଳି ସୁମିତଙ୍କ ମଧ୍ୟରେ ସାମାନ୍ୟ ଠେଲାପେଲା ହୋଇଥିଲା। ଏଥିରେ ହରଦୀପ ହଠାତ ରାଗିଯାଇ ସୁମିତଙ୍କ ଗୋଡ଼କୁ ହକି ଷ୍ଟିକ୍‌ରେ ପିଟିବାରେ ଲାଗିଥିଲେ। ସୁମିତ ପ୍ରତିରୋଧ କରିବାରୁ ପଞ୍ଜାବ ପୋଲିସ ପକ୍ଷରୁ ଅନ୍ୟ ଖେଳାଳିମାନେ ସୁମିତଙ୍କୁ ମିଳିତ ଆକ୍ରମଣ କରିଥିଲେ। ଫଳରେ ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ ମାରପିଟ ଆରମ୍ଭ ହୋଇ ଯାଇଥିଲା। ହକି ଷ୍ଟିକ୍‌ରେ ଆଘାତ ପାଇଥିବା ସୁମିତଙ୍କ ମୁଣ୍ଡର କ୍ଷତସ୍ଥାନରେ ପାଖାପାଖି ୧୦ଟି ଷ୍ଟିଚ୍ ପଡ଼ିଥିବା ଜଣାଯାଇଛି। ସୁନ୍ଦରଗଡ଼ ଜିଲା ରାଇରଙ୍ଗପୁରର ସୁମିତ ଓଡ଼ିଶା ପକ୍ଷରୁ ଜୁନିୟର ସ୍ତରରେ ଅନେକ ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରିଛନ୍ତି।





ମୁଣ୍ଡରେ ଆଘାତ ପାଇଥିବା ଓଡ଼ିଆ ଖେଳାଳି ସୁମିତ ଟପ୍ପୋ।

### ସମ୍ପୃକ୍ତ ଖେଳାଳି ଓ ଦଳକୁ ବାସନ୍ଦ କରାଯାଉ

ଖେଳ ମଝିରେ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ଭାରତୀୟ ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ହଁ ଉତ୍ତେଜନା ସମୟରେ କଥା କଟାକଟି ହୋଇପାରେ, ମାତ୍ର ହକି ଷ୍ଟିକ୍‌ରେ ଆକ୍ରମଣ ଆଦୌ ଗ୍ରହଣୀୟ ନୁହେଁ। ଏଭଳି କାମ କରିଥିବା ଖେଳାଳିଙ୍କୁ ଏବଂ ପଞ୍ଜାବ ପୋଲିସକୁ ୧୦ ବର୍ଷ ପାଇଁ ବାସନ୍ଦ କରାଯିବା ଆବଶ୍ୟକ ବୋଲି ପ୍ରବୋଧ ମତ ଦେଇଛନ୍ତି।

### ମୋ ଜୀବନ ପ୍ରତି ବିପଦ ଅଛି: ସୁମିତ

ପଞ୍ଜାବ ପୋଲିସ ଖେଳାଳିଙ୍କ ଆକ୍ରମଣରେ ଭୟଭୀତ ହୋଇ ପଡ଼ିଛନ୍ତି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ୍‌ର ଓଡ଼ିଆ ଖେଳାଳି ସୁମିତ ଟପ୍ପୋ। ଏବେ ତାଙ୍କ ଜୀବନ ଉପରେ ବିପଦଥିବା ସେ ଅନୁଭବ କରୁଛନ୍ତି ବୋଲି ଫୋନ୍ ଯୋଗେ ଜଣାଇଛନ୍ତି। କାଲି ରାତିସାରା ମେଡିକାଲରେ ଥିଲି। ଆଜି ଆସିଛି। ମୋ ମୁଣ୍ଡର ୨ଟି ସ୍ଥାନ ଫାଟିଛି ଏବଂ ହାଡ଼ ଭାଙ୍ଗିଛି। ମୋର କିଛି ଦୋଷ ଅଛି କି ନାହିଁ ତାହା ଭିଡିଓ ଭିଜୁଆଲରୁ ଦେଖିଲେ ସ୍ପଷ୍ଟ ହେଉଛି। ପଞ୍ଜାବ ପୋଲିସର ହରଦୀପ ସିଂ ହିଁ ପ୍ରଥମେ ଆକ୍ରମଣ କଲେ। ପଞ୍ଜାବ ପୋଲିସ ପାଇଁ ଏପରି କାରନାମା ଏହା ପ୍ରଥମ ନୁହେଁ। ସେମାନେ ପୂର୍ବରୁ ଏପରି କାର୍ଯ୍ୟ ଅନେକଥର କରି ସାରିଛନ୍ତି। ଆଗରୁ ପଞ୍ଜାବ ପୋଲିସ ବିପକ୍ଷ ମ୍ୟାଚ ମାନେ ଭୟ ଆସୁଥିଲା। ହକି ଇଣ୍ଡିଆ ଦାୟିତ୍ୱ ନେବାପରେ ଏଥିରେ ପରିବର୍ତ୍ତନ ଆସିଥିଲା। ମାତ୍ର ଏବେ ପୁଣି ସେମାନେ ତାହାର ପୁନରାବୃତ୍ତି କଲେ। ମୁଁ ନ୍ୟାୟ ଚାହେଁ। ହକି ଇଣ୍ଡିଆ ଉଚିତ ନିଷ୍ପତ୍ତି ନେବ ବୋଲି ଆଶା ରହିଛି। ପୂର୍ବରୁ ପଞ୍ଜାବ ପୋଲିସ ଦଳ ଅନେକ ଥର ବାସନ୍ଦ ହୋଇଛି। ଏବେ ଘଟଣାର ମୋଡ଼ ବଦଳାଇବାକୁ ଚେଷ୍ଟା କରି ମୁଁ ପ୍ରଥମେ ଆକ୍ରମଣ କରିଥିଲି ବୋଲି ସେମାନେ ଅଭିଯୋଗ କରୁଛନ୍ତି, ମାତ୍ର କିଏ ଆଗେ ଆକ୍ରମଣ କରିଥିଲା ତାହା ଭିଜୁଆଲରୁ ସ୍ପଷ୍ଟ ଜଣାପଡୁଛି। ବାଡ଼େଇବା ପୂର୍ବରୁ ପଞ୍ଜାବ ପୋଲିସ ଡିଫେଣ୍ଡର ମୋତେ ଠେଲାପେଲା କରୁଥିଲେ। ଷ୍ଟିକ୍‌ରେ ଠେଲୁଥିବାରୁ ଶରୀରକୁ ବଞ୍ଚାଇବାକୁ ମୁଁ ପ୍ରାଣପଣେ ଉଦ୍ୟମ କରୁଥିଲି। ହାତରେ ସେଭ୍ କରୁଥିଲି। ସେଥିରେ ଉତ୍କ୍ଷିପ୍ତ ହୋଇ ଷ୍ଟିକ୍‌ରେ ବାଡ଼େଇବାରେ ଲାଗିଲେ। ଏଠାରେ ଅମ୍ପାୟରଙ୍କ ଭୂମିକା ମଧ୍ୟ ସନ୍ଦେହରେ ରହିଛି। କାରଣ ଗୋଟେ ଅମ୍ପାୟରଙ୍କୁ ଯଦି ଦେଖା ନ ଗଲା ତେବେ ଅନ୍ୟ ଅମ୍ପାୟର କ'ଣ କରୁଥିଲେ। ଅଲିମ୍ପିଆନ ରଘୁନାଥ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଘଟଣାକୁ ଆରମ୍ଭରୁ ଚାପି ଦେବାପାଇଁ କେହି ଉଦ୍ୟମ କରି ନ ଥିଲେ। ମୋତେ ହରଦୀପ ବାଡ଼େଇବାରୁ ମୁଁ ତାହାର ପ୍ରତିବାଦ କରିଥିଲି। ଏହାପରେ ପଞ୍ଜାବ ପୋଲିସର ଡିଏସପି ର୍‍ୟାଙ୍କ୍‌ରେ ଥିବା ଜଣେ ଖେଳାଳି ମୋତେ ପଛପଟରୁ ଆକ୍ରମଣ କରିଥିଲେ। ସେ ମଧ୍ୟ ମୋ ଶରୀରକୁ ଆକ୍ରମଣ କରିଥିଲେ। ମୋ ଦଳର ଖେଳାଳିମାନେ ଘଟଣାକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଥିବାବେଳେ ପଞ୍ଜାବ ପୋଲିସ ଖେଳାଳି ଓ ମ୍ୟାନେଜର ଗୋଡ଼େଇ ଗୋଡେଇ ପିଟିବାକୁ ଉଦ୍ୟମ କରିଥିଲେ। ନେହେରୁ କପ୍‌ର ଆୟୋଜକମାନେ ପଞ୍ଜାବ ପୋଲିସ ଖେଳାଳିଙ୍କୁ ଆଟକ କରିଥିଲେ ହେଁ ତାହା ସେମାନେ ମାନି ନ ଥିଲେ। ମୋ ଉପରେ ପୋଲିସ କେସ୍ ହୋଇଛି। ତେଣୁ ମୁଁ ଓଡ଼ିଶା ସରକାରଙ୍କ ସହଯୋଗ ଆଶା କରୁଛି। କାରଣ ସେମାନେ ମୋ ଉପରେ ଆକ୍ରମଣ କରିବା ପରେ ଯାଇ ମୁଁ ପ୍ରତିଆକ୍ରମଣ କରିଥିଲି। ମୁଁ ୨୧ ବର୍ଷରୁ କମ୍ ଭାରତୀୟ ହକି ଦଳ ପକ୍ଷରୁ ଖେଳି ସାରିଛି। ଜୁନିୟରରେ ଭଲ କଲେ ସିନିୟରରେ ସୁଯୋଗ ମିଳିବ ବୋଲି ମୁଁ ଆଶା ରଖିଥିଲି। ମାତ୍ର ଏବେ ମୋ ଜୀବନ ଉପରେ ବିପଦ ଅଛି ବୋଲି ଅନୁଭବ କରୁଛି। କାରଣ ଯଦି ଦିଲ୍ଲୀରେ ଏପରି ଘଟଣା ଘଟିଲା ତେବେ ପଞ୍ଜାବରେ କୌଣସି ମ୍ୟାଚ ଖେଳିବାବେଳେ କ'ଣ ହେବ। ଏ ଦିଗପ୍ରତି ହକି ଇଣ୍ଡିଆ ଧ୍ୟାନ ଦେବା ଆଶା ରଖିଛି ବୋଲି ସୁମିତ ପ୍ରକାଶ କରିଛନ୍ତି।

## ମ୍ୟାଚ୍ ମଝିରେ ପ୍ରାଣ ହରାଇଲେ ଭାରତୀୟ ବଂଶୋଦ୍ଭବ କ୍ରିକେଟର୍

ନୂଆଦିଲ୍ଲୀ, ୨୬।୧୧

ଅଷ୍ଟ୍ରେଲିଆ କୁଇନ୍ସ କ୍ରିକେଟ୍ କ୍ଲବର ଜଣାଶୁଣା କ୍ରିକେଟର୍ ତଥା ଭାରତୀୟ ବଂଶୋଦ୍ଭବ ବିକାଶ ମାଲହୋତ୍ରାଙ୍କ ମ୍ୟାଚ୍ ମଝିରେ ଦୁଃଖଦ ବିୟୋଗ ଘଟିଛି। ସାଉଥପୋର୍ଟରେ ଏକ ମ୍ୟାଚ୍ ଖେଳୁଥିବାବେଳେ ଏହି ଅଘଟଣ ଘଟିଥିଲା। ବିକାଶଙ୍କୁ ୪୩ ବର୍ଷ ବୟସ ହୋଇଥିଲା। ମ୍ୟାଚ୍‌ରେ ପ୍ରଥମେ କୁଇନ୍ସ କ୍ରିକେଟ୍ କ୍ଲବ ବ୍ୟାଟିଂ କରିଥିଲା। ଏହି ମ୍ୟାଚ୍‌ରେ ବିକାଶ ୭୧ ରନର ଇନିଂସ ଖେଳିଥିଲେ। ଏହାପରେ ଫିଲ୍ଡିଂ କରୁଥିବା ସମୟରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଏବଂ କିଛି ସମୟ ପରେ ତଳେ ଚେତା ହରାଇ ପଡ଼ିଯାଇଥିଲେ। ମେଡିକାଲରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ବିକାଶ ଦୀର୍ଘ ୨୦ ବର୍ଷ ହେଲା କୁଇନ୍ସ କ୍ରିକେଟ୍ କ୍ଲବ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବାବେଳେ ଗୋଲ୍ଡକୋଷ୍ଟରେ ଜଣେ ଜଣାଶୁଣା ଖେଳାଳି ଥିଲେ। ତାଙ୍କର ୨ଟି ପୁଅ ରହିଛନ୍ତି। କୁଇନ୍ସ କ୍ରିକେଟ୍ କ୍ଲବର ସଭାପତି ଜର୍ଜ ଚାପଲିନ୍ ଏକ ଖବରଦାତା ସମ୍ମିଳନୀରେ ଶୋକବ୍ୟକ୍ତ କରିବା ସହିତ ବିକାଶ ସର୍ବଦା ଭାରତୀୟ ପରମ୍ପରାକୁ ଅନୁକରଣ କରନ୍ତି ବୋଲି କହିଥିଲେ।



## ସ୍ମିଥ୍‌ଙ୍କ ନିକଟତର ହେଲେ କୋହଲି

ଦୁବାଇ, ୨୬।୧୧ (ପି.ଟି.)

ଭାରତର ସର୍ବପ୍ରଥମ ଦିବାରାତ୍ର ପିଙ୍କ୍ ବଲ ଟେଷ୍ଟ ମ୍ୟାଚ୍‌ରେ ଚମତ୍କାର ଶତକ ହାସଲ କରି ବାଂଲାଦେଶ ବିପକ୍ଷରେ ଦଳକୁ ଇନିଂସ କରାଇଥିବା ଅଧିନାୟକ ବିରାଟ କୋହଲିଙ୍କ ଟେଷ୍ଟ ମାନ୍ୟତାରେ ଉନ୍ନତି ଘଟିଛି। ଆଇସିସି ପକ୍ଷରୁ ପ୍ରକାଶିତ ଟେଷ୍ଟ ର୍‍ୟାଙ୍କିଙ୍ଗ୍ ବ୍ୟାଟିଂ ତାଲିକାରେ କୋହଲି ଅଷ୍ଟ୍ରେଲିଆର ଷ୍ଟିଭେନ ସ୍ମିଥ୍‌ଙ୍କ ଖୁବ୍ ନିକଟତର ହୋଇଛନ୍ତି। ର୍‍ୟାଙ୍କିଙ୍ଗ୍‌ରେ କୋହଲି ୯୨୮ ରେଟିଂ ପଏଣ୍ଟ ପାଇ ସ୍ମିଥ୍‌ଙ୍କ ପଛକୁ ୨ୟ ସ୍ଥାନରେ ରହିଛନ୍ତି। ୯୩୧ ରେଟିଂ ପଏଣ୍ଟ ସହ ସ୍ମିଥ ତାଲିକାର ଶୀର୍ଷ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ବାଂଲାଦେଶ ବିପକ୍ଷ ଦିବାରାତ୍ର ମ୍ୟାଚ୍‌ରେ ୧୩୬ ରନର ଶତକୀୟ ଇନିଂସ ଖେଳି କୋହଲି ୨୫ ରେଟିଂ ପଏଣ୍ଟ ଲାଭ କରିଥିଲେ। ଅପରପକ୍ଷରେ ଓପନର ମୟଙ୍କ ଅଗ୍ରୱାଲ ପ୍ରଥମଥର ଲାଗି ଟପ୍-୧୦ରେ ପ୍ରବେଶ କରିଛନ୍ତି। ଇନ୍ଦୋରରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଦ୍ୱିଶତକ ହାସଲ କରିଥିବା ଅଗ୍ରୱାଲ ୭୦୦ ରେଟିଂ ପଏଣ୍ଟ ପାଇ ୧୦ମ ସ୍ଥାନକୁ ଉଠିଛନ୍ତି। ଫଳରେ ଆଇସିସି ଟେଷ୍ଟ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ର ଟପ୍-୧୦ରେ ୪ଜଣ ଭାରତୀୟ ଖେଳାଳି ରହିଛନ୍ତି। କୋହଲି ଓ ଅଗ୍ରୱାଲଙ୍କ ବ୍ୟତୀତ ଚେତେଶ୍ୱର ପୂଜାରା (୭୯୧) ଓ ଅଜିଙ୍କ୍ୟ ରାହାନେ (୭୫୯) ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ଲାଭ କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଯଥାକ୍ରମେ ୯୧ ଓ ୨୮ ରନ କରିଥିବା ଇଂଲଣ୍ଡ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ମଧ୍ୟ ଟପ୍-୧୦ରେ ପ୍ରଥମଥର ପାଇଁ ପହଞ୍ଚିଛନ୍ତି। ଷ୍ଟୋକ୍ସ ୩ଟି ପାହାଚ ଲମ୍ଫ ପ୍ରଦାନ କରି ୯ମ ସ୍ଥାନକୁ ଉଠିଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା



ମୁଣ୍ଡରେ ଆଘାତ ପାଇଥିବା ଓଡ଼ିଆ ଖେଳାଳି ସୁମିତ ଟପ୍ପୋ।

ମୁନିଗୁଡା,୨୬।୧୧(ଡ଼ି.ଏନ.ଏ)

ରାୟଗଡା ଜିଲା ମୁନିଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ମୁନିଖୋଲ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ବେରଦଲେଇ ଓ ବରିଷ୍ଠ ଗୁରୁଜୀ ଗିରିଜା ପ୍ରସାଦ ମିଶ୍ରଙ୍କ ମିଳିତ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ମା ଅଗ୍ନିଗଙ୍ଗା ମନ୍ଦିରରେ ମଶାଲ ପୂଜାର୍ଚ୍ଚନା କରି ମନ୍ଦିରରୁ ଖେଳ ପଡିଆକୁ ଆଣିଥିଲେ। ଏଥିରେ ଅନୁଷ୍ଠାନ ସଭାପତି ବି.ଉମାଶଙ୍କର ପାତ୍ର, ସହ ସମ୍ପାଦକ ରଜତ କୁମାର ମହାରଣା, ରାମକୃଷ୍ଣ ପାଣିଗ୍ରାହୀ, ଆନନ୍ଦ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ଗୁରୁମା ସୁଜାତା ନାୟକ, ରଶ୍ମିତା ନାୟକ, ଗୀତାଞ୍ଜଳି ବେହେରା, ପ୍ରିୟଙ୍କା ପାତ୍ର, ବାଣିଶ୍ରୀ ପଣ୍ଡା, କୁସୁମାଞ୍ଜଳି ରଥ, କୁମୁଦିନୀ ପଣ୍ଡା, କଳ୍ପନା ଦାସ ଓ ସୁନିତା ପ୍ରଧାନୀ, ଗୁରୁଜୀ କିଶୋର ବାଗ, ସୁବ୍ରତ ପାତ୍ର, ଅନିରୁଦ୍ଧ ବେହେରା, ଅନିଲ କରକରିଆ ପରିଚାଳନା କରିଥିଲେ। ବିଭିନ୍ନ ଖେଳର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଏସିଆନ ଆର୍ଚେରି: ଭାରତକୁ ୩ ବ୍ରୋଞ୍ଜ

ବ୍ୟାଙ୍କକ୍, ୨୬।୧୧ (ପି.ଟି.): ଏଠାରେ ଚାଲିଥିବା ଏସିଆନ ଆର୍ଚେରି ଚାମ୍ପିୟନଶିପ୍‌ରେ ମଙ୍ଗଳବାର ଭାରତ ପାଇଁ ସଫଳତାର ଦିବସ ରହିଥିଲା। ଭାରତୀୟ ତୀରନ୍ଦାଜ ୩ଟି ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇଛନ୍ତି। ତୀରନ୍ଦାଜ ଅତନୁ ଦାସଙ୍କୁ ଦିବସର ପ୍ରଥମ ବ୍ରୋଞ୍ଜ ପଦକ ମିଳିଥିଲା। ପୁରୁଷ ରିକର୍ଭ ବ୍ୟକ୍ତିଗତ ଇଭେଣ୍ଟରେ ଅତନୁ ଏହି ସଫଳତା ପାଇଛନ୍ତି। ଭାରତୀୟ ତୀରନ୍ଦାଜୀ ମହାସଂଘକୁ ବାସନ୍ଦ କରାଯାଇଥିବାରୁ ଅତନୁ ବିଶ୍ୱ ତୀରନ୍ଦାଜୀ ମହାସଂଘର ନିରପେକ୍ଷ ପତାକା ତଳେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଅତନୁ ୬-୫ରେ କୋରିଆର ଜିନ୍ ହେୟକଙ୍କୁ ପରାସ୍ତ କରିଥିଲେ। ଏଥିପୂର୍ବରୁ ଦୀପିକା କୁମାରୀଙ୍କୁ ସାଥୀ କରି ଅତନୁ ରିକର୍ଭ ମିକ୍ସଡ ଟିମ୍ ଇଭେଣ୍ଟରେ ମଧ୍ୟ ବ୍ରେଞ୍ଜ ପଦକ ଜିତିଥିଲେ। ଏହାପରେ ମଙ୍ଗଳବାର ପୁରୁଷ ରିକର୍ଭ ଟିମ୍ ଇଭେଣ୍ଟରେ ମଧ୍ୟ ବ୍ରୋଞ୍ଜ ପଦକ ଜିତି ଅତନୁ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଏଥିରେ ସେ ସିନିୟର ତୀରନ୍ଦାଜ ତରୁଣଦୀପ ରାଇ ଓ ଜୟନ୍ତ ତାଲୁକଦାରଙ୍କୁ ସାଥୀ କରି ବ୍ରୋଞ୍ଜ ପଦକ ଲଢ଼େଇରେ ୬-୨ରେ ବିଜୟୀ ହୋଇଥିଲେ। ସେହିଭଳି ଦୀପିକା, ଲାଇଶରାମ ବୋମ୍ବଲ୍ୟା ଦେବୀ ଓ ଅଙ୍କିତା ଭକତଙ୍କୁ ନେଇ ଗଠିତ ଭାରତୀୟ ମହିଳା ରିକର୍ଭ ଟିମ୍ ୫-୧ରେ ଜାପାନକୁ ପରାସ୍ତ କରି ୩ୟ ସ୍ଥାନରେ ରହିଥିଲା। ଏହି ୩ଜଣ ପୂର୍ବରୁ ସେମିଫାଇନାଲରେ କୋରିଆ ନିକଟରୁ ୬-୨ରେ ହାରିଯାଇଥିଲେ। ସେହିଭଳି ୩ଟି କମ୍ପାଉଣ୍ଡ ଇଭେଣ୍ଟରେ ଭାରତୀୟ ତୀରନ୍ଦାଜମାନେ ଫାଇନାଲର ପ୍ରବେଶ କରିଛନ୍ତି। କମ୍ପାଉଣ୍ଡ ପୁରୁଷ ଟିମ୍ ଇଭେଣ୍ଟରେ ଅଭିଷେକ ବର୍ମା, ରଜତ ଚୌହାନ ଓ ମୋହନ ଭରଦ୍ୱାଜ ୨୨୯-୨୨୧ ସ୍କୋରରେ ଇରାନକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଛନ୍ତି। ମହିଳା କମ୍ପାଉଣ୍ଡ ଟିମ୍ ଇଭେଣ୍ଟରେ ମଧ୍ୟ ଭାରତର ଜ୍ୟୋତି ସୁରେଖା ବର୍ମନ, ମୁସ୍କାନ କିରାର ଓ ପ୍ରିୟା ଗୁରଜାର ୨୨୭-୨୨୧ରେ ଇରାନକୁ ମାତ୍ ଦେଇଛନ୍ତି।

# ଆଇପିଏଲ୍ ପରେ ନିଷ୍ପତ୍ତି ନେବେ ଧୋନୀ

ନୂଆଦିଲ୍ଲୀ, ୨୬।୧୧(ପି.ଟି.)

ଆସନ୍ତାବର୍ଷ ଖେଳାଯିବାକୁ ଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପରେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ କ୍ୟାରିୟରର ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବେ। ଧୋନୀଙ୍କ ନିକଟତମ ସୂତ୍ରରୁ ଏହା ଜାଣିବାକୁ ମିଳିଛି। ଧୋନୀଙ୍କ କ୍ୟାରିୟର ଓ ଅବସର ସମ୍ପର୍କରେ ଚର୍ଚ୍ଚା ଚାଲୁରହିଥିବା ବେଳେ ଏ ଭଳି ଖବର ମିଳିଛି। ଇଂଲଣ୍ଡରେ ଖେଳାଯାଇଥିବା ଗତ ବିଶ୍ୱକପ୍ ସେମିଫାଇନାଲରେ ଭାରତ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବା ପରେ ଧୋନୀ ବିଶ୍ରାମ ନେଇଛନ୍ତି। ସେ ୱେଷ୍ଟଇଣ୍ଡିଜ ଗସ୍ତ ଏବଂ ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷ ଘରୋଇ ସିରିଜରେ ସାମିଲ ହୋଇ ନ ଥିଲେ। ଆଇପିଏଲ୍ ପରେ ସେ କ୍ୟାରିୟରର ଭବିଷ୍ୟତ ସମ୍ପର୍କରେ ଯାହା କିଛି ନିଷ୍ପତ୍ତି ନେବେ। ତେବେ ଏ ନେଇ ହେଉଥିବା ଚର୍ଚ୍ଚାକୁ ରୋକି ହେବ ନାହିଁ ବୋଲି କୁହାଯାଇଛି। ତେବେ ସେ ଆଇପିଏଲ୍ ପୂର୍ବରୁ କେତୋଟି ମ୍ୟାଚ୍ ଖେଳୁଛନ୍ତି ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ଚେନ୍ନାଇ ସୁପର କିଙ୍ଗ୍ସର ନେତୃତ୍ୱ ନେଇ ଆସୁଥିବା ୩୮ ବର୍ଷୀୟ ଧୋନୀ ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ସୀମିତ ଓଭର ସିରିଜରେ ମଧ୍ୟ ସାମିଲ ହେବେ ନାହିଁ। ଆସନ୍ତା ୬ ତାରିଖରୁ ୩ଟି ଟି୨୦ ଓ ୩ଟି ଦିନିକିଆ ମ୍ୟାଚ୍ ବିଶିଷ୍ଟ ସିରିଜ ଖେଳାଯିବ।

ଉଲ୍ଲେଖଥାଉ କି, ଧୋନୀଙ୍କ ନେତୃତ୍ୱରେ ଭାରତ ଦିନିକିଆ ବିଶ୍ୱକପ୍, ଟି୨୦ ବିଶ୍ୱକପ୍ ଟାଇଟଲ ହାସଲ କରିଛି। ସେ ଏପର୍ଯ୍ୟନ୍ତ ୯୦ଟି ଟେଷ୍ଟ, ୩୫୦ଟି ଦିନିକିଆ ଓ ୯୮ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳି ମୋଟ ଉପରେ ୧୭,୦୦୦ ରନ ସଂଗ୍ରହ କରିଛନ୍ତି।




### 'ବାହାଘର ପର୍ଯ୍ୟନ୍ତ ପୁରୁଷମାନେ ସିଂହ'

ଇଂଲଣ୍ଡରେ ଅନୁଷ୍ଠିତ ଗତ ଆଇସିସି ବିଶ୍ୱକପ୍ ପରେ ଭାରତୀୟ କ୍ରିକେଟ୍ ଦଳର ଅଭିଜ୍ଞ ଖେଳାଳି ମହେନ୍ଦ୍ର ସିଂ ଧୋନୀଙ୍କୁ ଆଉ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଦେଖିବାକୁ ମିଳୁନାହିଁ। କ୍ରିକେଟରୁ ସାମୟିକ ଭାବେ ଦୂରେଇ ଯାଇଥିଲେ ମଧ୍ୟ ଧୋନୀ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ନିଜକୁ ବ୍ୟସ୍ତ ରଖୁଛନ୍ତି। ତେବେ ନିକଟରେ ବିବାହ ପୂର୍ବ ଜୀବନକୁ ନେଇ ଧୋନୀ ଦେଇଥିବା ଏକ ମଜାଦାର ମନ୍ତବ୍ୟ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଚେନ୍ନାଇରେ ଏକ ଅନ୍‌ଲାଇନ ମ୍ୟାଟ୍ରିମୋନିଆଲ ସଂସ୍ଥା ପକ୍ଷରୁ ଆୟୋଜିତ ଇଭେଣ୍ଟ ଅବସରରେ ଧୋନୀ କହିଥିଲେ ଯେ, ପୁରୁଷମାନେ ଯେ ପର୍ଯ୍ୟନ୍ତ ବିବାହ କରିନାହାନ୍ତି ସେ ପର୍ଯ୍ୟନ୍ତ ସିଂହ ହୋଇ ରହିଥାନ୍ତି। ସେହିଭଳି ୨୦୧୦ରେ ସାକ୍ଷୀଙ୍କୁ ବିବାହ କରିଥିବା ଧୋନୀ 'ସେ କାହିଁକି ଆଦର୍ଶ ସ୍ୱାମୀ' ତାହାକୁ ନେଇ ଏକ ମଜାଳିଆ ବ୍ୟାଖ୍ୟା କରିଥିଲେ। 'ଖୁସି ରହିବା ପାଇଁ ତାଙ୍କ ସ୍ତ୍ରୀ ଯାହା କିଛି କରିବାକୁ ଚାହୁଁଛନ୍ତି ସେ ତାହା କରିବାକୁ ଦେଉଛନ୍ତି' ବୋଲି କହିଛନ୍ତି। ଧୋନୀଙ୍କ ଏହି ଭିଡିଓକୁ ତାଙ୍କର କିଛି ପ୍ରଶଂସକ ସୋସିଆଲ ମିଡିଆରେ ଶେୟାର କରିବାପରେ ଏହା ଏବେ ଭାଇରାଲ ହୋଇଯାଇଛି।

ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବିଜୟ ଗୋପାଳ ନନ୍ଦ
(ପୂର୍ବତନ ଓଡ଼ିଶା ପ୍ରଶାସନିକ ଅଫିସର)
ଗୋଇଲୁଣ୍ଡି, ମେନ୍ ରୋଡ୍, ବ୍ରହ୍ମପୁର
ଆବିର୍ଭାବ: ୨୫।୧୨।୧୯୪୯
ତିରୋଧାନ: ୧୭।୧୧।୨୦୧୯

ତୁମର ଅନୁପସ୍ଥିତି ଆମ ଜୀବନରେ ଅପୂରଣୀୟ କ୍ଷତି ଘଟାଇବା ସହ ଶୂନ୍ୟତା ଭରି ଦେଇଛି। ତୁମର ସ୍ମୃତି ଆମ ହୃଦୟରେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ବିଦ୍ୟମାନ ହେବ। ପବିତ୍ର ଦ୍ୱାଦଶାହରେ ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ:
ପୁଅ: ଚନ୍ଦନ (ଜିତୁ), ଝିଅ: ଶୁଭଶ୍ରୀ (ଜଲି), ଭାଇ: ଅଶୋକ ଓ ଗଙ୍ଗାଧର, ନାତିନାତୁଣୀ, ଝିଆରୀ, ପୁତୁରା ଓ ବନ୍ଧୁବର୍ଗ ।

ଧ-୬୬୬୨୫

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ନଭେମ୍ବର ୨୭/୨୦୧୯ Rayagada, Wednesday, November. 27 / 2019

## ସଂକ୍ଷେପରେ

### ସମ୍ବିଧାନ ଦିବସ ପାଳିତ

ରାୟଗଡ଼ା ଅଫିସ/ମୁନିଗୁଡ଼ା ,୨୬।୧୧: ରାୟଗଡ଼ା କୋର୍ଟ ପରିସରରେ ଥିବା ଭିଡ଼ିଓ କନଫରେନସିଂ ହଲରେ ୭୧ତମ ସମ୍ବିଧାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଏଥିରେ ଜିଲା ଦୌରା ଜଜ୍ ସୋମ ଶେଖର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ପରିବାର ଅଦାଲତ ଜଜ୍ ସୌଭାଗିନୀ ମଲ୍ଲିକ, ଅତିରିକ୍ତ ଜିଲା ଦୌରା ଜଜ୍ ଆଶିଶ କୁମାର ତ୍ରିପାଠୀ, ମୁଖ୍ୟ ଦଣ୍ଡାଧିକାରୀ ଜ୍ଞାନେନ୍ଦ୍ର କୁମାର ବାରିକ , ରେଜିଷ୍ଟ୍ରାର ତଥା ଅଧ୍ୟକ୍ଷ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ ସୁନନ୍ଦା ପାଢ଼ୀ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ମନୋରଞ୍ଜନ ମିଶ୍ର , ବରିଷ୍ଠ ଦେୱାନୀ ବିଚାରପତି ସୁଚରିତା ମହାନ୍ତି , ଉପଖଣ୍ଡସ୍ତରୀୟ ଦଣ୍ଡାଧିକାରୀ ଶତରୂପା ଶତପଥୀ , ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ବୈଶାଳୀ ନାୟକ , ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ , ଡ଼େପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ ପୋଲିସ ବଟକୃଷ୍ଣ ମିଶ୍ର , ଦ୍ୱିତୀୟ ଶ୍ରେଣୀ ଦଣ୍ଡାଧିକାରୀ ସୋଭନ କୁମାର ପଣ୍ଡା, ଦ୍ୱିତୀୟ ଶ୍ରେଣୀ ଦଣ୍ଡାଧିକାରୀ ସୂର୍ଯ୍ୟନାରାୟଣ ମହାନ୍ତି , ବାର ଆସୋସିଏଶନ ସଭାପତି ବ୍ରଜସୁନ୍ଦର ନାୟକ, ସମ୍ପାଦକ ପଦ୍ମନାଭ ଦାସ , ସରକାରୀ ଓକିଲ ଏସ . ମହେଶ୍ୱର ରାଓ ଉପସ୍ଥିତ ଥିଲେ । ସମାଜରେ ଯେ କୌଣସି ମନୁଷ୍ୟର ଅଧିକାର କ୍ଷୁର୍ଣ୍ଣ ହେଲେ ନ୍ୟାୟାଳୟର ଦ୍ୱାରସ୍ଥ ହୁଏ, ସମ୍ବିଧାନରେ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ସମାନ । ସାମାଜିକ ସମସ୍ୟାର ସମାଧାନ ଏହି ସମ୍ବିଧାନର ନିୟମ ଯୋଗୁ ସମ୍ଭବ ହୋଇପାରିଛି । ସମ୍ବିଧାନ ବ୍ୟବସ୍ଥା ଯୋଗୁ ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼ ହୋଇପାରିଛି ବୋଲି ଅତିଥିମାନେ କହିଥିଲେ । ସେହିପରି ମୁନିଗୁଡା ସ୍ନାତକ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ତରଫରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ଅଧାପକ ଡା. ରାମନାଥ ମହାପାତ୍ର ଓ ବିରାଟ କିଶୋର ପଣ୍ଡାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡା.ହୃଷିକେଶ ଜାଲି, +୨ର ଅଧ୍ୟକ୍ଷ ଡା.ଦେବନାଦ ମିଶ୍ର, ଅଧାପକ ରଜନୀକାନ୍ତ ମିଶ୍ର, ରମାକାନ୍ତ ଛିଞ୍ଚୁଆଣି, ଅସିତ ପଟ୍ଟନାୟକ ଯୋଗଦେଇ ଏହି କାର୍ଯ୍ୟକ୍ରମର ପାଳନର ମୁଖ୍ୟ ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପରେ ସମସ୍ତ ଛାତ୍ରୀଛାତ୍ର,ଅଧାପିକା ଅଧାପକ ଓ କର୍ମଚାରୀ ମାନଙ୍କୁ ସମ୍ବିଧାନ ନିୟମକୁ ମାନିବାକୁ ନେଇ ଅଧାପକ ମନୋଜ କୁମାର ବେହେରା ଓ କ୍ରୀଡା ଅଧାପକ ଚତୁର୍ଭୁଜ ବନଛୋର ଶପଥ ପାଠ କରାଇଥିଲେ।

# ଚଇତି ପ୍ରସାର ନେଇ ଆଲୋଚନା

- ଡିସେମ୍ବର ୨୬ରେ ଚଇତି
- ଆୟୋଜିତ ହେବ ପଲ୍ଲିଶ୍ରୀ ମେଳା
- ବସ,ଅଟୋରେ ଲାଗିବ ପୋଷ୍ଟର
- ବିଭିନ୍ନ ଅଞ୍ଚଳ ବୁଲିବ ଭ୍ରାମ୍ୟମାଣ ରଥ

ରାୟଗଡ଼ା ଅଫିସ ,୨୬।୧୧

ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଚଇତି ୨୦୧୯ର ପ୍ରସାର ପ୍ରଚାର ନେଇ ଏକ ବୈଠକ ମଙ୍ଗଳବାର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପଜିଲାପାଳ ପ୍ରତାପଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଜିଲାସ୍ତରୀୟ ମହୋତ୍ସବ ଚଇତି ଡିସେମ୍ବର ୨୬ ରୁ ୩୦ ପର୍ଯ୍ୟନ୍ତ ୫ ଦିନ ଧରି ଆୟୋଜିତ ହେବ । ଏହାର ପ୍ରଚାର ପ୍ରସାର କିପରି କରାଯିବ ସେ ନେଇ ଆଲୋଚନା କରାଯାଇଥିଲା । ଏହି ମହୋତ୍ସବରେ ବିଭିନ୍ନ ଅଞ୍ଚଳରେ ଥିବା ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସି ନିଜ ପ୍ରତିଭା ଦେଖାଇପାରିବେ । ସେମାନଙ୍କ ପାଇଁ ଏହା ଏକ ବହୁତ ବଡ଼ ସୁଯୋଗ ବୋଲି ଆଲୋଚନା ହୋଇଥିଲା । ଏହି ଅବସରରେ ପଲିଶ୍ରୀ ମେଳା ଅନୁଷ୍ଠିତ ହେବ । ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ସାମଗ୍ରୀ ଏବଂ ଲଘୁ ବନଜାତ ଦ୍ରବ୍ୟଠାରୁ ଆରମ୍ଭ କରି ବିଭିନ୍ନ ଏସଏଚଜି ଗ୍ରୁପର ବିଭିନ୍ନ ସାମଗ୍ରୀ ବିକ୍ରିବଟା ହେବ । ଚଇତି ସମ୍ପର୍କରେ ଗାଁ ଠାରୁ ଆରମ୍ଭ କରି ଜିଲା, ଜାତୀୟ ଏବଂ ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ଏହି ଉତ୍ସବ ବିଷୟରେ ଲୋକ କିପରି ଅବଗତ ହେବେ, ସେ ନେଇ କିଛି ପଦକ୍ଷେପ ନିଆଯାଇଥିଲା । ଡ଼ିସେମ୍ବର ୧୦ରୁ ରାୟଗଡ଼ା ଜିଲାର ପ୍ରତ୍ୟେକ ବସ, ଓଟୋରେ ଚଇତିର ଖବର ଏବଂ ଷ୍ଟିକର ଲଗାଯିବା ସହ ଏକ ଭ୍ରାମ୍ୟମାଣ ରଥର ଉନ୍ମୋଚନ କରାଯିବ , ଯେଉଁଥିରେ ଚଇତି ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ । ୧୧ ବ୍ଲକର ୧୮୨ ପଞ୍ଚାୟତର ବିଭିନ୍ନ ଜନଗହଳି ସ୍ଥାନଗୁଡ଼ିକରେ ହୋର୍ଡିଂ ଲଗାଯିବ । ଏନେଇ ପ୍ରତ୍ୟେକ ବିଡ଼ିଓଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ଭାମ୍ୟମାଣ ଗାଡ଼ିରେ କୁଇ , ସଉରା , ଓଡ଼ିଆ ଭାଷାରେ ପ୍ରଚାର ପ୍ରସାର କରାଯିବ । ପ୍ରତି ଅଙ୍ଗନୱାଡ଼ି କେନ୍ଦ୍ରକୁ ପୋଷ୍ଟର ଦିଆଯିବ ସେମାନେ ମଧ୍ୟ ଏହାର ପ୍ରଚାର କରିବେ । ପ୍ରତ୍ୟେକ ଗ୍ରାମସଭା ଜରିଆରେ ମଧ୍ୟ ସବୁ ଆଦିବାସୀ ଲୋକଙ୍କୁ ଚଇତିରେ ଭାଗ ନେବା ଲାଗି କୁହାଯାଇଥିଲା । ଜିଲା ସୀମାନ୍ତରେ ପୋଷ୍ଟର ଲଗାଯିବ ବୋଲି ନିଷ୍ପତ୍ତି ହୋଇଛି । ଏଥିରେ ଜିଲା ସାଂସ୍କୃତିକ କମିଟି କୋଅର୍ଡ଼ିନେଟର ରମେଶ ଚନ୍ଦ୍ର ଲିମା, କମିଟି ଉପଦେଷ୍ଟା ପୃଥ୍ୱୀରାଜ ସାହୁ , ଡ଼ିସିସି କୋଅର୍ଡ଼ିନେଟର ଡ଼ିକେ ମହାନ୍ତ ଏବଂ ରୀତା ରାଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ଉପଜିଲାପାଳଙ୍କ ସହ ଅନ୍ୟମାନେ ।

### ଘନାନ୍ତ୍ରୀ ଗ୍ରାମରେ ଅଜଣା ଜ୍ୱର

# ଗାଁ ଦେବତା ନିକଟରେ ଶରଣ ପଶିଲେ ଲୋକେ



ଗାଁ ଦେବତାଙ୍କ ନିକଟରେ ପୂଜାରୀ ଏବଂ ଗାଁ ଲୋକେ ପୂଜାର୍ଚ୍ଚନା କରୁଛନ୍ତି ।

ଗୁଣପୁର,୨୬।୧୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକ ଘନାନ୍ତ୍ରୀଠାରେ ଦୁଇ ଦିନ ହେବ ଗାଁର ଶତାଧିକ ଲୋକ ଅଜଣା ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି । ଗାଁରେ ଡାକ୍ତରୀ ଦଳ ପହଞ୍ଚି ଚିକିତ୍ସା ଜାରି ରଖିଛନ୍ତି । ଆକ୍ରାନ୍ତଙ୍କ ରକ୍ତ ନମୁନା ସଂଗ୍ରହ କରି ରାୟଗଡ଼ା ପଠାଯାଇଛି । ଗାଁରେ ଏତେ ସଂଖ୍ୟାରେ ଲୋକ ଏହି ଅଜଣା ରୋଗର ଶିକାର ହୋଇଥିବାରୁ ଭୟଭୀତ ହୋଇପଡ଼ିଛନ୍ତି ଗ୍ରାମବାସୀ । ଏଥିରୁ ମୁକ୍ତି ପାଇବା ଲାଗି ଗାଁ ଦେବତାଙ୍କ ଶରଣ ପଶିଛନ୍ତି । ଦେବତାଙ୍କ ନିକଟରେ ଅଧିଆ ପଡି ଗାଁରେ ଦେଖାଦେଇଥିବା ପରିସ୍ଥିତିରୁ ଲୋକଙ୍କୁ ଉଦ୍ଧାର କରିବା ପାଇଁ କାମନା କରିଛନ୍ତି । ଅନ୍ୟପଟେ ଏହା ଗୁରୁତର ଥିବାରୁ ଗାଁରେ ସଚେତନତା ଶୋଭାଯାତ୍ରା କରାଯାଇଛି । ଏଥିସହ ପରିବେଶ ସଫା କରାଯିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି ।

# ସମ୍ବିଧାନର ସୁରକ୍ଷା ନେଇ ଶପଥ

ଗୁଣପୁର,୨୬।୧୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁରର ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଗୁଣପୁର କୋର୍ଟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଡିଜେ ଅଜୟ କୁମାର ପ୍ରଧାନ, ସବ୍‌ଜଜ୍ ସଙ୍ଗୀତା ମଲିକ, ଏସ୍‌ଡିଜେଏମ୍ ଅରୁନ୍ଧତୀ ଆଚାର୍ଯ୍ୟ, ଜେଏମ୍‌ଏଫ୍‌ସି ଦିପଙ୍କର ବଳ, ଓକିଲ ସଂଘ ସଭାପତି ଫଣୀଭୂଷଣ ପଟ୍ଟନାୟକ ଏବଂ ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ ମଞ୍ଚାସୀନ ଥିଲେ । ସେହିପରି ଗୁଣପୁର ବ୍ଲକ ଅଫିସଠାରେ ଆୟୋଜିତ ସମ୍ବିଧାନ ଦିବସରେ ବିଡିଓ ଶାନ୍ତିପ୍ରଭା ପ୍ରଧାନ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ ପ୍ରମୁଖ ଉପସ୍ଥିତ ରହି ସମ୍ବିଧାନର ସୁରକ୍ଷା ନେଇ ଶପଥ ପାଠ କରିଥିଲେ । ସେହିଭଳି ଗୁଣପୁର କଲେଜଠାରେ ଜାତୀୟ ସେବାଯୋଜନା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ.ବାମଦେବ ମିଶ୍ରଙ୍କ ସମେତ ପଦାର୍ଥ ବିଜ୍ଞାନ ମୁଖ୍ୟ ଗଣେଶ୍ୱର ଶତପଥୀ, ରାଜନୀତି ବିଜ୍ଞାନ ମୁଖ୍ୟ ଜ୍ୟୋତିରଞ୍ଜନ ପଟ୍ଟନାୟକ, ତାମିଲା ପାରାସେଟ ପ୍ରମୁଖ ଯୋଗ ଦେଇଥିଲେ ।



ବ୍ଲକ ଅଫିସଠାରେ ସମ୍ବିଧାନ ସୁରକ୍ଷା ନେଇ ଶପଥ ପାଠ କରାଯାଉଛି ।

# ଜିଲାସ୍ତରୀୟ ପ୍ରତିଯୋଗିତାରେ ଦିବ୍ୟଦୀପ୍ତି ପ୍ରଥମ

ପଦ୍ମପୁର,୨୬।୧୧ (ଡି.ଏନ୍.ଏ.)

ଜିଲାସ୍ତରୀୟ ବିଜ୍ଞାନ ମେଳାରେ ପଦ୍ମପୁର ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଦିବ୍ୟଦୀପ୍ତି ଦାଶ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହି ପ୍ରତିଯୋଗିତା ରାୟଗଡ଼ା ସରକାରୀ ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଜିଲା ଶିକ୍ଷାଧିକାରୀ ପୁର୍ଣ୍ଣଚନ୍ଦ୍ର ବରିହା, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ସିଲ୍ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ ।






# ବିର୍ସା ମୁଣ୍ଡାଙ୍କ ୧୪୪ତମ ଜୟନ୍ତୀ

ବିଷମକଟକ, ୨୬।୧୧

ରାୟଗଡା ଜିଲା ବିଷମକଟକ ସଦର ମହକୁମାରେ ବିର୍ସା ମୁଣ୍ଡାଙ୍କ ୧୪୪ତମ ଜୟନ୍ତୀ ଏବଂ ସାମ୍ବିଧାନ ଦିବସ ପାଳିତ ହୋଇଯାଇଛି । ବିର୍ସା ଆମ୍ବେଡକର ସଂଗ୍ରାମ ସମିତି ରାୟଗଡା ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ମଙ୍ଗଳବାର ସକାଳେ ମା' ମାର୍କମା ମନ୍ଦିର ପ୍ରାଙ୍ଗଣରୁ ଶତାଧିକ ପୁରୁଷ ମହିଳା ଏକ ରାଲିରେ ବାହାରି ବିର୍ସା ମୁଣ୍ଡା ଏବଂ ସମ୍ବିଧାନ ପ୍ରଣିତା ଡ.ଭିମରାଓ ଆମ୍ବେଡକରଙ୍କ ଜୀବନୀ ଉପରେ ସ୍ମୃତିଚାରଣ କରିଥିଲେ । ଏହି ଶୋଭାଯାତ୍ରା ମନ୍ଦିରଠାରୁ ବାହାରି ବ୍ୟାଙ୍କ ପଡିଆ ପର୍ଯ୍ୟନ୍ତ ଯାଇଥିଲା । ଏଠାରେ ଆୟୋଜିତ ସଭାରେ ଅଭିରାମ ମଲିକ ମୁଖ୍ୟଅତିଥି, ସତ୍ୟବାଦ ନାୟକ ମୁଖ୍ୟବକ୍ତା, କାମନା ହୁଇକା,ପାପନା ହୁଇକା, ମୋହନ ହୁଇକା, ମମତା ପୁଲେକା, ଡିଞ୍ଜି ଜାକସିକା, ବିରାଟ ମିଣିଆକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଦିବାସୀ ନେତା ଜିତୁ ଜାକସିକା କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଦିବାସୀ ନୃତ୍ୟ ପରିବେଶଷଣ କରାଯାଇଥିଲା । ଶେଷରେ ପୂର୍ଣ୍ଣଚନ୍ଦ୍ର ଟାକ୍ରି ଧନ୍ୟବାଦ ଦେଇଥିଲେ ।






### ବାଟରେ ଅଟକିଲା ଆମ୍ବୁଲାନ୍ସ

# ୩ କି.ମି ଚାଲିଲେ ଗର୍ଭବତୀ

ବିଷମକଟକ, ୨୬।୧୧:

ଆମ୍ବୁଲାନ୍ସ ଗାଁକୁ ଆସି ନ ପାରିବାରୁ ଜଣେ ଗର୍ଭବତୀ ୩ କିମି ଚାଲିଛନ୍ତି । ପରେ ରେଳ ଲାଇନ ଆରପାରିରେ ଅଟକି ରହିଥିବା ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଏପରି ଘଟଣା ଦେଖିବାକୁ ମିଳିଛି ବିଷମକଟକ ବ୍ଲକ ଚାଈଡ଼ାଗୁଡ଼ା ପଞ୍ଚାୟତ କେରାଣିଗୁଡ଼ା ଗ୍ରାମରେ । ସୁରେନ୍ଦ୍ର ପ୍ରାସ୍କାଙ୍କ ପତ୍ନୀ ମୋମି ପ୍ରାସ୍କାଙ୍କ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା । ପରିବାର ଲୋକେ ସଙ୍ଗେ ସଙ୍ଗେ ଆଶାକର୍ମୀଙ୍କୁ ଜଣାଇଥିଲେ । ଆଶାକର୍ମୀ ଘଟଣାସ୍ଥଳରେ ପହଞ୍ଚିବା ସହ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । ରେଳଲାଇନ ଆର ପାରିରେ ଏହି ଗାଁ ଥିବାରୁ କୌଣସି ଯାନବାହନ ଗାଁକୁ ଯାଇ ପାରୁନାହିଁ । ଖବରପାଇ ଆମ୍ବୁଲାନ୍ସ ଆସି ରେଳ ଲାଇନ ପାଖେ ଅଟକିଥିଲା । ପରିବାର ଲୋକେ ଆଶାକର୍ମୀଙ୍କ ସହାୟତାରେ ମୋମିଙ୍କୁ ୩ କିମି ଚଲାଇ ରେଳ ଧାରଣା ପାର କରି ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ । ପରେ ଆମ୍ବୁଲାନ୍ସ ଯୋଗେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ତାଙ୍କୁ ନିଆଯାଇଥିଲା ।

# ପର୍ଯ୍ୟଟନସ୍ଥଳୀର ବିକାଶ ନେଇ ପାର୍ଲାମେଣ୍ଟରେ ଉଠାଇଲେ କୋରାପୁଟ ଏମ୍‌ପି

ରାୟଗଡ଼ା ଅଫିସ,୨୬।୧୧

ଦକ୍ଷିଣ ଓଡ଼ିଶାର ପର୍ଯ୍ୟଟନର ବିକାଶ ନିମନ୍ତେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ମଙ୍ଗଳବାର ପାର୍ଲାମେଣ୍ଟରେ ପ୍ରସ୍ତାବ ଦେଇଛନ୍ତି । ଦକ୍ଷିଣ ଓଡ଼ିଶାର ରାୟଗଡ଼ା ଏବଂ କୋରାପୁଟ ଜିଲା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର । ଏହାର ବିକାଶ ହେଲେ ପର୍ଯ୍ୟଟନର ବିକାଶ ହେବା ସହ ରୋଜଗାରର ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି । ରେଳ ବିଭାଗ ସହ ସମନ୍ୱୟ ରକ୍ଷା କରି ଟୁରିଜିମ ଅନ ୱିଲ ପ୍ରକଳ୍ପର ଉନ୍ନତି ଓ ପ୍ରସାର ନିମନ୍ତେ ଦାବି କରିଥିଲେ । ରାୟଗଡ଼ାଠାରୁ ଜୟପୁର ଏବଂ ଜୟପୁରରୁ ଅରୁକୁ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ଏକ ଟ୍ରେନ ଚଳାଚଳର ପ୍ରସ୍ତାବ ମଧ୍ୟ ଦେଇଛନ୍ତି ।

### ଅଭିଯୁକ୍ତଙ୍କ ଠିକଣା ଭୁଲ୍ ଦର୍ଶାଇଲା ପୋଲିସ

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ରାୟଗଡ଼ା ଅଫିସ , ୨୬।୧୧

ରାୟଗଡ଼ା ଟାଉନ ଥାନା ପୋଲିସ ଏକ ଅପହରଣ ମାମଲାରେ ଗତ ୨୦ ତାରିଖରେ ୩ ଜଣଙ୍କୁ ଗିରଫ କରିଥିଲା । ଅଭିଯୁକ୍ତ ଶୁଣ୍ଠି ପ୍ରକାଶ ଓ ସୁରେନ୍ଦ୍ର ରାଜାରାଓ ଚାନ୍ଦିଲି ଥାନା ଅନ୍ତର୍ଗତ କୋତାପେଟା ରେଳିସାହିର ବୋଲି ପୋଲିସ ସୂଚନା ଦେଇଥିଲା । ପୋଲିସ ଭୁଲ ଠିକଣା ଦର୍ଶାଇ ଥିବା ପ୍ରତିବାଦରେ ଉକ୍ତ ସାହିର ୫୦ରୁ ଉର୍ଦ୍ଧ୍ୱ ଯୁବକ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏସ୍‌ପି ଅନୁପସ୍ଥିତ ଥିବାରୁ ଡ଼ିଏସପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦୁଇ ଅଭିଯୁକ୍ତ ଆମ ଗାଁର ନୁହଁନ୍ତି । ଶୁଣ୍ଠିପ୍ରକାଶଙ୍କ ଘର ଆନ୍ଧ୍ରପ୍ରଦେଶର ପାର୍ବତୀପୁରମ ଓ ଅନ୍ୟ ଜଣଙ୍କର ରାୟଗଡ଼ାରେ ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଶାସ୍ତ୍ର ମତରେ ହସ୍ତୀଠାରୁ ସହସ୍ରହାତ, ଘୋଟକଠାରୁ ଏକଶତ ଏବଂ ଶିଙ୍ଗ ଥିବା ଜନ୍ତୁମାନଙ୍କଠାରୁ ଦଶହାତ ଦୂରରେ ଅବସ୍ଥାନ କରାଯାଇପାରେ। କିନ୍ତୁ ଦୁର୍ଜନମାନେ ବାସ କରୁଥିବା ସ୍ଥାନକୁ ଅବିଳମ୍ବେ ତ୍ୟାଗ କରାଯାଇଥାଏ। -ଚାଣକ୍ୟ

## ସଂକ୍ଷେପରେ

### ସମ୍ବିଧାନ ଦିବସ ପାଳିତ




ସୁନାବେଡ଼ା,୨୬।୧୧(ଡି.ଏନ୍.ଏ.): ସୁନାବେଡ଼ା ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଛଇ। ଅଧକ୍ଷା ଉଷାରାଣୀ ଦାସ ସଭା ପରିଚାଳନା କରିବା ସହ ସମ୍ବିଧାନ ଦିବସର ମହତ୍ୱ ଓ ସମ୍ବିଧାନର ପ୍ରସ୍ତାବନା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସରିତା ପରିଡ଼ା ସ୍ୱାଗତ ଭାଷଣ ଦେବା ସହ ଭାରତୀୟ ସମ୍ବିଧାନ ଗଠନର ଇତିହାସ ଉପରେ ଆଲୋକପାତ କରିଥିଲେ । ଉକ୍ତ ସଭାରେ ଓଡ଼ିଆ ଅଧାପକ ଡକ୍ଟର ବାସୁଦେବ ସାହୁ, ଶିକ୍ଷା ବିଭାଗର ଡେମୋନ୍ଷ୍ଟ୍ରେଟର ଲକ୍ଷ୍ମୀପ୍ରିୟା ଚୌଧୁରୀ, ଲାଇବ୍ରେରିଆନ ପ୍ରହ୍ଲାଦ ପ୍ରଧାନ ଅଂଶଗ୍ରହଣ କରିଥିଲେ । ଶେଷରେ ୱାଇଆରସି କାଉନସିଲର ଶୁଭଶ୍ରୀ ପରିଡ଼ା ସମ୍ବିଧାନର ବୈଶିଷ୍ଟ୍ୟ ଉପରେ ଛାତ୍ରୀଙ୍କୁ ଜଣାଇବା ସହ ଧନ୍ୟବାଦ ଦେଇଥିଲେ ।

### ଯୁବ ସଶକ୍ତୀକରଣ କର୍ମଶାଳା

ସେମିଳିଗୁଡ଼ା,୨୬।୧୧(ସ୍ୱ.ପ୍ର.): ସୁନାବେଡ଼ାରେ ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ଗତ ୧୯ ତାରିଖରୁ ଶ୍ରୀ ଶ୍ରୀ ଧାନକେନ୍ଦ୍ର ପରିସରରେ ଚାଲିଥିବା ଯୁବ ସଶକ୍ତୀକରଣ କର୍ମଶାଳା ରବିବାର ଉଦ୍ଯାପିତ ହୋଇଛି। ଏଥିରେ ଯୁବତୀ ଯୁବକଙ୍କୁ ଯୋଗ, ଧାନ, ସୁଦର୍ଶନ କ୍ରିୟା ଓ ବିଭିନ୍ନ ମନସ୍ତାତ୍ତ୍ୱିକ ପ୍ରକ୍ରିୟା ମାଧମରେ ସଫଳ ଚାପମୁକ୍ତ ଜୀବନଯାପନର କଳା ଶିକ୍ଷା ଦିଆଯାଇଥିଲା। ଆର୍ଟ ଅଫ ଲିଭିଙ୍ଗର ପ୍ରଶିକ୍ଷିକା ଡା. ସରସ୍ୱତୀ ରାୟ କର୍ମଶାଳା ପରିଚାଳନା କରିଥିବା ବେଳେ ବର୍ଷା ରାଉତ, ଜ୍ୟୋତି ବାଘ ରାଜେଶ୍ୱରୀ ନାୟକ, ଦେବିନା ଭୋଇ, ସଂଗୀତା ଦାସ, ଅର୍ପିତା ମହାରଣା, ବିଜୁଳି ସାହୁ ଓ ପ୍ରିୟଙ୍କା ପଣ୍ଡା ସହଯୋଗ କରିଥିଲେ। ସୁଶ୍ରୀ ସ୍ମିତା ଦେଓ ଅତିଥି ଭାବେ ଯୋଗ ଦେଇଥିଲେ।

### ରାଧାକୃଷ୍ଣ କଲେଜରେ ସମ୍ବିଧାନ ଦିବସ



ଦଶମନ୍ତପୁର,୨୬।୧୧(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକସ୍ଥିତ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଛି। ଇତିହାସ ଅଧାପକ ତପୋବନ ସେନାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧକ୍ଷ ତ୍ରିନାଥ ପାତିକା ଯୋଗଦେଇ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଅର୍ଥନୀତି ଅଧାପକ ପର୍ଶୁରାମ ସାହୁ, ରାଜନୀତି ବିଜ୍ଞାନ ଅଧାପକ ଟି. ଅନିଲ ଦୋରା ଉପସ୍ଥିତ ଥିଲେ।

### ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

ସେମିଳିଗୁଡ଼ା,୨୬।୧୧(ସ୍ୱ.ପ୍ର.): ସୁନାବେଡ଼ା ମ୍ୟୁନିସିପାଲିଟି ୨୪ ନମ୍ବର ୱାର୍ଡର ମା' ସରସ୍ୱତୀ ଶିଶୁ ମନ୍ଦିରରେ ସୋମବାର ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୧୦୮ ଜଣ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପିଲାଙ୍କ ଆଖିର ମୋତିଆ ବିନ୍ଦୁ ପରୀକ୍ଷା ସହ ସେମାନଙ୍କ ଥଣ୍ଡା, କାଶ ଓ କଫ ପରୀକ୍ଷା କରିଥିଲେ ଡାକ୍ତର ସୁଶାନ୍ତ ବାରିକ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ ଡାଳିମ୍ବ ସେଠୀ ସହଯୋଗ କରିଥିଲେ। ଶିଶୁ ମନ୍ଦିରର ଅଧକ୍ଷ ରାଜେନ୍ଦ୍ର ମହାରଣା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ସତ୍ୟସାଇ ବାବାଙ୍କ ଜନ୍ମଦିବସ

ସୁନାବେଡ଼ା,୨୬।୧୧(ଡି.ଏନ୍.ଏ.): ସତ୍ୟସାଇ ବାବାଙ୍କ ଜନ୍ମଦିବସ ପାଳିତ ହୋଇଛି। ଅଗଷ୍ଟରୁ ନଭେମ୍ବର ପର୍ଯ୍ୟନ୍ତ ଦୈନିକ ଦୀପ ପ୍ରଜ୍ୱଳନ, ନଗର ସଂକୀର୍ତ୍ତନ, ଦାନ, ଶ୍ରଦ୍ଧାଳୁଙ୍କୁ ପ୍ରସାଦ ଦିଆଯାଇଥିଲା। ଜିଲା ସଭାପତି ନାଗ ଭୂଷଣ ରାଓ, ସୁନାବେଡ଼ା ସମିତିର ଆବାହକ ବାବାଜୀଚରଣ ଦଳାଇ, ଜିଲା ଉପଦେଷ୍ଟା ଗୋପୀନାଥ ନାୟକ ଉପସ୍ଥିତ ଥିଲେ । ସେହିପରି ସେମିଳିଗୁଡ଼ା ସତ୍ୟସାଇ ସେବା ସମିତି ପକ୍ଷରୁ ସତ୍ୟସାଇ ବାବାଙ୍କ ଜୟନ୍ତୀରେ ୧୨୦୦ ଭକ୍ତ ଯୋଗ ଦେଇଥିଲେ। ସମିତିର ଆବାହକ ଟିପିଆର ପଟ୍ଟନାୟକ, ଜିଲା ଆଧାତ୍ମିକ ସଂଯୋଜକ ଏମ୍. ମହାଦେବ କୁମାର ସହଯୋଗ କରିଥିଲେ।

# ସିଏସ୍ଓ ଅଫିସ୍ ଘେରିଲେ ଚାଷୀ

## କେନ୍ଦ୍ରୀୟ ଟୋକନ ବ୍ୟବସ୍ଥା ବିରୋଧରେ ରଣହୁଙ୍କାର, ୧୨ ଦିନ ହେଲା ମଣ୍ଡି ଅଚଳ

ଜୟପୁର,୨୬।୧୧(ନି.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁରଠାରେ ମଙ୍ଗଳବାର ଉପଖଣ୍ଡ ଅଧୀନ ୫ଟି ବ୍ଲକର ଶତାଧିକ ଚାଷୀ ଏକାଠି ହୋଇ ରଣହୁଙ୍କାର ଦେଇଛନ୍ତି। ଧାନ ବିକ୍ରି ପାଇଁ ଟୋକନ ବ୍ୟବସ୍ଥା, ଜଳସେଚିତ ଓ ଅଣ ଜଳସେଚିତ ତାରତମ୍ୟ ଉଚ୍ଛେଦ ପାଇଁ ସେମାନେ ଦାବି ଜଣାଇ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଛନ୍ତି। ଏହାସହ କୋରାପୁଟରେ ଜିଲାପାଳଙ୍କୁ ୫ ଦଫା ଦାବିପତ୍ର ମଧ ଦେଇଛନ୍ତି। ମଧାହ୍ନରେ ସ୍ଥାନୀୟ ରଜାନଅରରେ ଜୟପୁର, ବୈପାରୀଗୁଡ଼ା, କୁନ୍ଦୁରା, ବୋରିଗୁମ୍ମା ଓ କୋଟପାଡ଼ର ୨ ଶହରୁ ଉର୍ଦ୍ଧ୍ୱ ଚାଷୀ ମନୋଜ ପାତ୍ରଙ୍କ ନେତୃତ୍ୱରେ ଏକାଠି ହୋଇଥିଲେ। ସେଠାରୁ ବାଇକ ଶୋଭାଯାତ୍ରାରେ ବାହାରି ସେମାନେ ଜୟପୁରସ୍ଥିତ ସିଏସ୍ଓ ଅଫିସ୍‌ରେ ପହଞ୍ଚିଥିଲେ। ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ ବାହାରକୁ ଆସି ଆଲୋଚନା କରିବା ସହ ଚାଷୀଙ୍କ ଦାବି ସରକାରଙ୍କୁ ଜଣାଇ ଦିଆଯିବ ବୋଲି କହିଥିଲେ। ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦେଇଥିଲା କୃଷକ କଲ୍ୟାଣ ମଞ୍ଚ। ସେଠାରୁ ଚାଷୀମାନେ ବାଇକ ଶୋଭାଯାତ୍ରାରେ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ଯାଇ ସ୍ମାରକପତ୍ର ଦେଇଥିଲେ। କେନ୍ଦ୍ରୀୟ ଟୋକନ ବିଦଳରେ ଜିଲା କିମ୍ବା ବ୍ଲକସ୍ତରରେ ଟୋକନ ବ୍ୟବସ୍ଥା କରାଯାଉ। ଜଳସେଚିତ ଜମିରୁ ଏକର ପିଛା ୧୯ କୁଇଣ୍ଟାଲ, ଅଣ ଜଳସେଚିତ ଜମିରୁ ଏକର ପିଛା ୧୩ କୁଇଣ୍ଟାଲ ଧାନକିଣା ତାରତମ୍ୟ ଉଚ୍ଛେଦ ହେଉ। ଆଞ୍ଚଳିକ ନିୟନ୍ତ୍ରିତ ବଜାର କମିଟି ଚାଷୀଙ୍କ ଧାନ ବିକ୍ରି ଦ୍ୱାରା ବିପୁଳ ରାଜସ୍ୱ ପାଉଥିବା ବେଳେ ମଣ୍ଡିର ଭିତ୍ତିଭୂମି ବିକାଶ କରିବାକୁ ଦାବି ହୋଇଛି। ଏଫଏକ୍ୟୁ ଯାଞ୍ଚ ଆଳରେ ଚାଷୀଙ୍କୁ ଠକେଇ ବନ୍ଦ ହେଉ। ଗତ ୧୫ ତାରିଖରୁ ଖରିଫ ମଣ୍ଡି ଆରମ୍ଭ ହୋଇଥିଲେ ମଧ ୧୨ ଦିନ ହେଲା ଅଚଳ ହୋଇ ରହିଛି। ବର୍ତ୍ତମାନ ଚାଷୀ ଧାନ କୁଇଣ୍ଟାଲ ପିଛା ୧୨ରୁ ୧୩ ଶହ ଟଙ୍କା ଭିତରେ ବିକ୍ରି କରିବାକୁ ବାଧ ହେଉଥିବାରୁ ତୁରନ୍ତ ମଣ୍ଡି ଆରମ୍ଭ କରାଯିବା ପାଇଁ ଦାବି ହୋଇଥିଲା।




ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ।

## ଜିଲା ପରିଷଦ ଉପନିର୍ବାଚନ ପାଇଁ ଭୋଟି ଆଜି

ପଟ୍ଟାଙ୍ଗି,୨୬।୧୧(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ ୧ନଂ ଜୋନ ଜିଲା ପରିଷଦ ସଭ୍ୟ ପଦବୀରେ ଉପନିର୍ବାଚନ ପାଇଁ ବୁଧବାର ମତଦାନ ହେବ। ଏହି ଜୋନ୍ ଅଧୀନସ୍ଥ କୋଟିଆ ପଞ୍ଚାୟତର ୧୩ଟି ବୁଥକୁ ପୋଲିଂ ଅଧିକାରୀ ବୁଧବାର ସକାଳେ ପହଞ୍ଚିବେ। ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ସହ ଆର୍‌ଟିଓ କାର୍ଯ୍ୟାଳୟ ପକ୍ଷରୁ ୫୩ଟି ଗାଡ଼ି ଯୋଗାଇ ଦିଆଯାଇଥିବା ବିଡିଓ କରୁଣାକର ପ୍ରଧାନ କହିଛନ୍ତି। ମତଦାନ ପରିଚାଳନା ପାଇଁ କୋରାପୁଟ, ଲକ୍ଷ୍ମୀପୁର ଓ ନନ୍ଦପୁର ବ୍ଲକରୁ ୨୪୯ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ୮୩ଟି ଗ୍ରୁପ କରାଯାଇ ପ୍ରତି ଗ୍ରୁପ୍‌ରେ ୩ ଜଣ ଲେଖାଏଁ କର୍ମଚାରୀଙ୍କୁ ନିର୍ବାଚନ ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ୯ ସେକ୍ଟର ଅଧିକାରୀଙ୍କୁ ନିଯୁକ୍ତ କରାଯିବା ସହ ୭୯ ବୁଥ୍ ପାଇଁ ଜଣେ ଲେଖାଏଁ ପୋଲିସ କର୍ମଚାରୀ ମୁତୟନ ହେବେ। ପୋଲିସର ୯ଟି ପାଟ୍ରୋଲିଂ ଗାଡ଼ି ଭୋଟ ଗ୍ରହଣ ବେଳେ ବୁଥ୍ ତଦାରଖ କରିବେ। ଏହା ସହ ଜଣେ ଲେଖାଏଁ ଏଏସ୍ଆଇଙ୍କ ସମେତ ୩ ଜଣ ପୋଲିସ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ଥାନା ଅଧିକାରୀ ବିଜୟ ରାଜ ମାଝି କହିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ଖୋଲାଯାଇଥିବା କାଉଣ୍ଟର ସୁପରଭାଇଜିଂ ଅଫିସର ଭାବେ ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା ଓ ସ୍ଥାନୀୟ ଥାନା ଅଧିକାରୀ ତଦାରଖ କରୁଛନ୍ତି।

## ଜେଏନ୍ୟୁ ସୁରକ୍ଷା ପାଇଁ ଗଣଧାରଣା

ଜୟପୁର,୨୬।୧୧(ନି.ପ୍ର.)

ଜେଏନ୍ୟୁ ବଞ୍ଚାଅ, ଶିକ୍ଷା ବଞ୍ଚାଅ ଅଭିଯାନ ପକ୍ଷରୁ ୧୦ ଦଫା ଦାବି ନେଇ ଜୟପୁରସ୍ଥିତ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଗଣଧାରଣା ଦିଆଯାଇଛି।। ଶିକ୍ଷା ଆମର ସାମ୍ବିଧାନିକ ମୌଳିକ ଅଧିକାର, କେଜିରୁ ପିଜି ପର୍ଯ୍ୟନ୍ତ ସମସ୍ତଙ୍କୁ ମାଗଣା ଶିକ୍ଷା, ଦେଶର ବଜେଟରୁ ୧୦ ପ୍ରତିଶତ ଶିକ୍ଷା ପାଇଁ ଖର୍ଚ୍ଚ କରିବା, ଶିକ୍ଷାର ବ୍ୟବସାୟୀକରଣ ବନ୍ଦ କରିବା, ଜେଏନ୍ୟୁର ବର୍ଦ୍ଧିତ ଫି ଫେରାଇବା, ପ୍ରତ୍ୟେକ ସ୍ତରରେ ମାଗଣା ଓ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା, ଜାତୀୟ ଶିକ୍ଷା ନୀତି ୨୦୧୯ ପ୍ରତ୍ୟାହାର ଦାବି କରାଯାଇଥିଲା। ଏହି ଗଣଧାରଣାରେ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସ, ଉତ୍ତମ ମଲ୍ଲିକ ଉପସ୍ଥିତ ଥିଲେ।

## ୨ରୁ ସଶକ୍ତ ମିଶନ ଇନ୍ଦ୍ରଧନୁଷ

କୋରାପୁଟ,୨୬।୧୧(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଡିସେମ୍ବର ୨ରୁ ଆରମ୍ଭ ହେବ ସଶକ୍ତ ମିଶନ ଇନ୍ଦ୍ରଧନୁଷ-୨.୦। ଏଥିପାଇଁ ଜିଲା ସ୍ୱାସ୍ଥ୍ୟ ସେବା ସମିତି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଡିଏମଓ ଡାକ୍ତର ଅରୁଣ ପାଢ଼ୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ ଶୁଭ୍ରକାନ୍ତ ଗନ୍ତାୟତ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଗର୍ଭବତୀ ମହିଳା ଓ ଜନ୍ମରୁ ଦୁଇବର୍ଷର ଶିଶୁଙ୍କୁ ସାମିଲ କରାଯାଇ ଡିପଥେରିଆ, ଲହରାକାଶ, ଧନୁଷ୍ଟଙ୍କାର, ମିଳିମିଳା, ବିସିଜି, ହେପାଟାଇଟ୍ସ ଭଳି ୧୧ଟି ପ୍ରାଣଘାତୀ ରୋଗରୁ ରକ୍ଷା ପାଇବା ପାଇଁ ଟିକା ଦିଆଯିବା ଲକ୍ଷ୍ୟ ରଖାଯାଇଛି। ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ଏହି ସମସ୍ତ ଟିକା ସୁରକ୍ଷିତ ଭାବେ ଦିଆଯିବ। ଏଥିରେ ଜିଲାର ପ୍ରାୟ ୧୧ ହଜାର ଜନ୍ମରୁ ଦୁଇବର୍ଷର ଶିଶୁ ଏବଂ ପ୍ରାୟ ୪ ହଜାର ଗର୍ଭବତୀଙ୍କୁ ୧୭୫୫ଟି କେନ୍ଦ୍ରରେ ଟିକାଦାନ କରାଯିବ।




ଖବରଦାତା ସମ୍ମିଳନୀରେ ସମ୍ବୋଧିତ କରୁଛନ୍ତି ଏଡିଏମ୍ଓ।

## ସମ୍ବିଧାନ ସୁରକ୍ଷା ପାଇଁ ସମୂହ ଶପଥ

କୋରାପୁଟ,୨୬।୧୧(ସ୍ୱ.ପ୍ର.)

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଛି। ଏଥିରେ ସମ୍ବିଧାନର ସୁରକ୍ଷା ସହିତ ସମ୍ବିଧାନର ଆଇନକୁ ମାନିବା ନେଇ ସମୂହ ଶପଥ କାର୍ଯ୍ୟକ୍ରମ କରାଯାଇଥିଲା। କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବିଧାନର ସୁରକ୍ଷା, ଏହାକୁ ସମ୍ମାନ ଦେବା ପାଇଁ ଶପଥପାଠ କରାଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଆଇଟିଡିଏ ପିଏ କାରୁ ସୋରେନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ହରେକୃଷ୍ଣ ବେହେରା ଉପସ୍ଥିତ ଥିଲେ ।

## ୩୪୪ କେଜି ଗଞ୍ଜେଇ ଜବତ, ୫ ଗିରଫ



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତମାନେ।

ନନ୍ଦପୁର,୨୬।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା ପାଡୁଆ ପୋଲିସ ସୋମବାର ସକାଳେ ପାଟ୍ରୋଲିଂ କରୁଥିବା ବେଳେ ପିକ୍ଅପ ଭ୍ୟାନ୍‌ରୁ ୩୪୪ କିଲୋ ୮୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ପିକ୍ଅପ୍ ଜବତ ସହ ୫ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଥାନା ଅଧିକାରୀ ଗୁରୁଦେବ କର୍ମାଙ୍କ ନିର୍ଦ୍ଦେଶ କ୍ରମେ ପାଡୁଆ କଲେଜ ଛକ ନିକଟରେ ଏକ ପିକ୍ଅପ୍ (ଏପି୩୦ ୟୁ ୪୫୫୬)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା ପୋଲିସର ପାଟ୍ରୋଲିଂ ଟିମ୍। ଗାଡ଼ିରୁ ଗଞ୍ଜେଇ ମିଳିବା ସହ ଚାଲାଣ କରୁଥିବା ହରିୟାଣାର ଦୀପକ ରାମ, ପୂଜାରୀ, ପଞ୍ଜାବର ଲକ୍ଷ୍ମଣ, ସଙ୍ଗୀ ଓ ଡ୍ରାଇଭର ନନ୍ଦପୁରର ସନ୍ତୋଷ ଚୌଧୁରୀଙ୍କୁ ଗିରଫ କରାଯାଇଥିଲା। ଏନେଇ କେସ୍ ନଂ ୮୫/୧୯ରେ ମାମଲା ରୁଜୁ କରାଯାଇଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ।

## ରାମଗିରିରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବୈପାରୀଗୁଡ଼ା,୨୬।୧୧(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକ ରାମଗିରିରେ ସୋମବାର ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଧୀନ ୭ଟି ପଞ୍ଚାୟତର ୩୦୪ ଜଣ ଭିନ୍ନକ୍ଷମ ପଞ୍ଜିକୃତ ହୋଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଇଏନ୍‌ଟି ଡାକ୍ତର ଏସ୍.ଏସ୍. ମିଶ୍ର, ଭେଷଜ ଡାକ୍ତର ସୁନିଲ ଭତ୍ରା, ଶିଶୁରୋଗ ଡାକ୍ତର ଦୁର୍ଗା ପ୍ରସାଦ ପାତ୍ର, ମାନସିକ ରୋଗ ଡାକ୍ତର ଅନନ୍ତ ଚରଣ ମେହେର, ଚକ୍ଷୁରୋଗ ଡାକ୍ତର ମୀରାବାଈ ବେହେରା, ଶଲ୍ୟ ବିଶେଷଜ୍ଞ ଏ.ଡି. ପଟ୍ଟନାୟକ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ପାଇଁ ହିତାଧିକାରୀ ଭାବେ ଚୟନ କରାଯାଇଥିଲା। ୧୫୬ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ସାଙ୍ଗକୁ ସହଯୋଗୀ ଉପକରଣ, ୧୦୮ ଜଣଙ୍କୁ ପରିଚୟପତ୍ର ଓ ପାଶ୍‌ବୁକ, ୮୯ ଜଣଙ୍କୁ ବସ୍ ପାଶ୍, ୩୧ ଜଣଙ୍କୁ ଟ୍ରେନ୍ କନେକ୍ସନ, ୫ ଜଣଙ୍କୁ ବାଣିଶ୍ରୀ ଭତ୍ତା ପାଇଁ ଚୟନ କରାଯାଇଥିଲା। ୨ ଜଣଙ୍କ ସର୍ଜରୀ ପାଇଁ ନିଷ୍ପତ୍ତି ହୋଇଥିଲା। ସେହିପରି ବୈପାରୀଗୁଡ଼ା ରାଜସ୍ୱ ବିଭାଗ ପକ୍ଷରୁ ଏକ କ୍ୟାମ୍ପ କରାଯାଇଥିଲା। ଏଥିରେ ତହସିଲଦାର ସଞ୍ଜୀବ ସାହୁ, ରାଜସ୍ୱ ନିରୀକ୍ଷକ ବୀରେନ୍ଦ୍ର ମଣ୍ଡଳ ଓ ଡିଲିଂ ଆସିଷ୍ଟାଣ୍ଟ ରେଣୁବାଳା ବାରିକ ୩୧ ଜଣଙ୍କୁ ଆୟ ପ୍ରମାଣପତ୍ର ଓ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଭାରପ୍ରାପ୍ତ ଅଧିକାରୀ ଜଗନ୍ନାଥ ମହାପାତ୍ର ଶିବିର ପରିଚାଳନା କରିଥିଲେ। ସ୍ଥାନୀୟ ଗୋପାଳ ହାଇସ୍କୁଲ ଛାତ୍ରଛାତ୍ରୀ, ସ୍ୱେଡ ଅନୁଷ୍ଠାନ କର୍ମକର୍ତ୍ତା ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ରଜନୀକାନ୍ତ ଦାସ, ସିଡିପିଓ ଆରତୀ ମହାପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର ଓ କୁନ୍ଦୁରା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁମିତ୍ରା ଖରା ଉପସ୍ଥିତ ଥିଲେ।



ଶିବିରକୁ ଜଣେ ଭିନ୍ନକ୍ଷମଙ୍କୁ ଅଣାଯାଉଛି।

## ଧାନ ଗୋଦାମ ସିଲ୍

କୁନ୍ଦୁରା,୨୬।୧୧(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତରେ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରାଙ୍କ ତତ୍ତ୍ୱାବଧାନରେ ଜଣେ ଦଲାଲ ବେଆଇନ ଭାବେ ଧାନ କିଣି ରଖିଥିବା ଗୋଦାମକୁ ସିଲ୍ କରାଯାଇଛି। ଜୟପୁରସ୍ଥିତ ଜିଲା ଯୋଗାଣ ଅଧିକାରୀଙ୍କ ଅନୁଯାୟୀ, ଦିଗାପୁରସ୍ଥିତ ବେଆଇନ ଭାବେ ଖରିଫ ଧାନ କିଣାଯାଇ ସୁବାସ ପାଢ଼ୀଙ୍କ ଘରେ ଗଚ୍ଛିତ ରଖାଯାଇଥିବା ସୂଚନା ମିଳିଥିଲା। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ଖରା, ସହକାରୀ ଜିଲା ଯୋଗାଣ ଅଧିକାରୀ ରବି ନନ୍ଦ, କୁନ୍ଦୁରା ଯୋଗାଣ ନିରୀକ୍ଷକ ନରସିଂହ ପଣ୍ଡା, ବୈପାରୀଗୁଡ଼ା ଯୋଗାଣ ନିରୀକ୍ଷକ ମମତା ବେହେରା, ବୋରିଗୁମ୍ମା ଯୋଗାଣ ନିରୀକ୍ଷକ ବିଶ୍ୱଜିତ ଦାଶଙ୍କ ଉପସ୍ଥିତିରେ ଗୋଦାମଘର ସିଲ୍ କରାଯାଇଥିଲା।

## ଏସ୍‌ଡିଜେଏମ୍‌ଙ୍କ ବାସଭବନରୁ ଚୋରି ଉଦ୍ୟମ

ଜୟପୁର,୨୬।୧୧(ଡି.ଏନ୍.ଏ.)

ଜୟପୁର ସବଡିଭିଜନ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ସରକାରୀ ବାସଭବନ ପରିସରରୁ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ରେ ୩ଟି ପ୍ଲାଷ୍ଟିକ ଚେୟାର ଚୋରି କରୁଥିବା ବେଳେ ଜଣେ ମଦ୍ୟପ ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ ଧରି ଟାଉନଥାନା ଜିମା ଦେଇଛନ୍ତି।

## ଭିଡି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

ଜୟପୁର,୨୬।୧୧(ଡି.ଏନ୍.ଏ./ନି.ପ୍ର.)

ବହୁପୁରାତନ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ତୁରନ୍ତ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଉପଜିଲାପାଳଙ୍କୁ ସ୍ମାରକପତ୍ର ଦେଇଛି ନବଗଠିତ ଯୁବ ଛାତ୍ର କ୍ରାନ୍ତି ସଂଗଠନ। ସଭାପତି ଶିଶିର ମାଦଳାଙ୍କ ନେତୃତ୍ୱରେ ସଙ୍ଗଠନ ସଦସ୍ୟ ଓ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସ୍ମାରକପତ୍ର ଦେଇଥିଲେ। ରାଜ୍ୟରେ ପ୍ରତିଷ୍ଠା ପାଇଥିବା ଅନ୍ୟ ନୂତନ ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଥିବା ବେଳେ ପ୍ରତିଷ୍ଠା ହେବାର ଦୀର୍ଘ ୭୩ ବର୍ଷ ପରେ ମଧ ଭିଡି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିନାହିଁ। କଲେଜରେ କ୍ୟାଣ୍ଟିନ ବ୍ୟବସ୍ଥା, ସ୍ୱୟଂଶାସିତ ନବୀକରଣ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି। ୧୦ ଦିନ ଭିତରେ ଏହା କାର୍ଯ୍ୟକାରୀ ନ ହେଲେ ଧାରଣା ଦିଆଯିବ ବୋଲି ସଙ୍ଗଠନ ଚେତାବନୀ ଦେଇଛି।

## ଡମ ସମାଜର ଧରମ ଦିଆଲ କାର୍ଯ୍ୟକ୍ରମ

ଜୟପୁର,୨୬।୧୧(ଡି.ଏନ୍.ଏ.)

ଜୟପୁର ନିକଟସ୍ଥ ବାରିଣିପୁଟରେ ଜିଲା ଡମ ସଂଗଠନ ପକ୍ଷରୁ ଧରମ ଦିଆଲ ଅବସରରେ ରବିବାର ସନ୍ଧ୍ୟାରେ ଭେଟଘାଟ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହସ୍ତତନ୍ତ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ଯୋଗଦେଇ ଡମ୍ ସଂଗଠନ ପକ୍ଷରୁ ଏପରି ଆୟୋଜନ ଦ୍ୱାରା ସମସ୍ତଙ୍କ ମଧ୍ୟରେ ଏକତା ଓ ଦାୟିତ୍ୱବୋଧ ବୃଦ୍ଧି ପାଇଛି ବୋଲି କହିଥିଲେ। ପୂର୍ବାହ୍ନରେ ସହରର ଘୋଡ଼ାଶାଳରୁ ବାରିଣିପୁଟ ପାୱାରହାଉସ ଛକ ଧରମ ଦିଆଲ ପଡ଼ିଆ ପର୍ଯ୍ୟନ୍ତ ଜିଲା ସଭାପତି ପବିତ୍ର ଖରାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।



ଶୋଭାଯାତ୍ରାରେ ଜିଲା ଡମ୍ ସଂଗଠନ।

## ଆଧାରକାର୍ଡ ନ ଥିବାରୁ ମିଳୁନି ଆବାସ, ଚାଉଳ, ଭତ୍ତା

# ସତୁରିରେ ହନ୍ତସନ୍ତ ହେଉଛନ୍ତି ବାନ୍ଧ

### ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରୁଛନ୍ତି ପଞ୍ଚାୟତ ଅଧିକାରୀ

କୁନ୍ଦୁରା,୨୬।୧୧(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ କେରିମିଟି ପଞ୍ଚାୟତ ତୁମ୍ପାପଦର ଗ୍ରାମର ବାନ୍ଧ ସାନ୍ତା (୭୦)ଙ୍କ ଆଧାର କାର୍ଡ ହୋଇପାରୁ ନ ଥିବା ଯୋଗୁ ଅଢ଼େଇ ବର୍ଷ ହେଲା ମାସିକ ଭତ୍ତା ଓ ଚାଉଳରୁ ବଞ୍ଚିତ ହୋଇଛନ୍ତି । ବାନ୍ଧ ଓ ତାଙ୍କ ସ୍ୱାମୀ ରୁପା କୁଲି ବୃତ୍ତି କରି ଚଳୁଥିଲା ବେଳେ ପିଡିଏସ୍ ସାମଗ୍ରୀ ଦୁହିଁଙ୍କୁ ମିଳୁ ନ ଥିଲା। ଘର ଖଣ୍ଡିଏ ନ ଥିବା ଯୋଗୁ ସେ ଗ୍ରାମର ଅନ୍ୟ ଜଣେ ବୃଦ୍ଧାଙ୍କ ଘରେ ଆଶ୍ରୟ ନେଇଥିଲେ। ସ୍ୱାମୀଙ୍କ ଦେହାନ୍ତ ପରେ ପଞ୍ଚାୟତ ଅଧିକାରୀ ଚାଉଳ ମଧ୍ୟ ବନ୍ଦ କରିଦେଇଛନ୍ତି। ୭୦ ବର୍ଷ ବୟସରେ କୁଲି କାମ ସମ୍ଭବ ହୋଇପାରୁ ନ ଥିବାରୁ ଗାଁରେ ଯିଏ ଯାହା ଦେଲେ ଖାଇ ବଞ୍ଚିଛି ବୋଲି ବାନ୍ଧ ଥରଥର ଗଳାରେ କହିଛନ୍ତି। ଭତ୍ତା ସହ ଆଧାର କାର୍ଡ ସଂଯୋଗୀକରଣ ନିୟମ କିଛି ଦିନ ହେବ ଲାଗୁ ହୋଇଥିବା ବେଳେ ୨୦୧୭ ଅକ୍ଟୋବରରୁ ବାନ୍ଧଙ୍କୁ ପେନସନରୁ ବାଦ ଦିଆଯାଇଛି। ୧୯ ନଭେମ୍ବରରେ ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା ସଚେତନତା କାର୍ଯ୍ୟକ୍ରମରେ ଉକ୍ତ ଅଞ୍ଚଳରେ ଥିବାବେଳେ ଚାହିଁ ମଧ ଅସୁସ୍ଥତା କାରଣରୁ ତାଙ୍କୁ ଗୁହାରି ଜଣାଇ ପାରି ନ ଥିଲେ ବାନ୍ଧ। ଖାଦ୍ୟ ଓ ଯୋଗାଣ ବିଭାଗ ନିୟମ ଅନୁଯାୟୀ ଭିନ୍ନକ୍ଷମଙ୍କୁ ବିନା ଆଧାରରେ ଚାଉଳ ଦେବା ପାଇଁ ନିର୍ଦ୍ଦେଶ ରହିଛି । କିନ୍ତୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ପରିଣତ ବୟସରେ ଜଣଙ୍କୁ ଭତ୍ତାରୁ ବଞ୍ଚିତ କରିବା ଘଟଣାକୁ ଗ୍ରାମବାସୀ ନିନ୍ଦା କରିଛନ୍ତି । କେରମିଟି ପିଇଓ ଅବିନାଶ ବିଡିକାଙ୍କୁ ପଚାରିବାରେ ସେ କହିଛନ୍ତି, ବାନ୍ଧଙ୍କ କାଗଜପତ୍ର ଉପଜିଲାପାଳଙ୍କ ପାଖକୁ ପଠାଯାଇଛି। ତାଙ୍କଠାରୁ ନିର୍ଦ୍ଦେଶ ଆସିଲେ ସବୁ କାମ କରାଯିବ। ଉପଜିଲାପାଳ ଲୋକନାଥ ଦଳବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଦାୟିତ୍ୱରେ ଥିବା ବିଭାଗକୁ ଜଣାଇ ଦିଆଯାଇଛି। ବାନ୍ଧ ସାନ୍ତାଙ୍କୁ ସମସ୍ତ ସୁବିଧା ଦିଆଯିବ।



# ୨୩ ପଞ୍ଚାୟତକୁ ନେଇ ଜନ ଶୁଣାଣି

**କାଲିମେଳା,୨୬।୧୧(ଡି.ଏନ.ଏ)–**

ମାଲକାନଗିରି ଜିଲା କାଲିମେଳାରେ ବ୍ଲକସ୍ତରୀୟ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମଜିଏନଆରଇଜିଏସ)ରେ ବାର୍ଷିକ ଜନଶୁଣାଣି କାର୍ଯ୍ୟକ୍ରମ ସୋମବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବ୍ଲକ ପ୍ରୋଗ୍ରାମ ଅଫିସର ସବ୍ୟସାଚି ଦାସ ଅଧ୍ୟକ୍ଷତା କରିଥିଲେ। ଏହି ଜନଶୁଣାଣିରେ ପିଡି ବୀରସେନ ପ୍ରଧାନ ଉପସ୍ଥିତ ରହି ବିଭିନ୍ନ ସାମାଜିକ କାର୍ଯ୍ୟର ସମୀକ୍ଷା କରିଥିଲେ। ବ୍ଲକ ଅଧ୍ୟକ୍ଷ ମାଲା ମାଡ଼ି, ଜିଲା ସୋସିଆଲ ଅଡିଟର ସୁବ୍ରତ ସାମଲ, ସମାଜିକ କର୍ମୀ ଜୀବନକୃଷ୍ଣ ଦାସ, ବ୍ଲକ ସୋସିଆଲ ଅଡିଟର ସୁଜାତା ବିଶ୍ୱାସ, କାଲିମେଳା ସରପଞ୍ଚ କବିତା ମାଡି, ପୁଶୁଗୁଡା ସରପଞ୍ଚ ରାମା ରାବା, ନାଲାଗୁଣ୍ଠି ସରପଞ୍ଚ ଇର୍ମା ମାଡକାମି, ଟିଗଲ ସରପଞ୍ଚ ବଜା ମାଡଲାମଙ୍କ ସହ ସମିତି ସଭ୍ୟ, ପିଇଓ, ଜିପିଟିଏ, ଜିଆରଏସମାନେ ଉପସ୍ଥିତ ଥିଲେ। ଜନଶୁଣାଣି ବେଳେ ୨୩ ପଞ୍ଚାୟତରୁ ୨୦୦ରୁ ଉର୍ଦ୍ଧ୍ୱ ଏମ୍‌ଜିଏନ୍‌ଆରଇଜିଏସ୍ ହିତାଧିକାରୀ ଉପସ୍ଥିତ ଥିଲେ। ପ୍ରତ୍ୟେକ ପଞ୍ଚାୟତରେ ଥିବା ଭିଆରପି ସଦସ୍ୟାମାନେ ସମୀକ୍ଷା କରିଥିଲେ। ବ୍ଲକର ଜଳଛାୟା ପ୍ରକଳ୍ପ ଦ୍ୱାରା ବିଭିନ୍ନ ପଞ୍ଚାୟତରେ ହୋଇଥିବା କାର୍ଯ୍ୟଗୁଡିକ ଠିକ ରୂପେ ହୋଇ ନ ଥିବା, କାଜୁ ପ୍ଲାଣ୍ଟେସନ ସ୍ଥାନରେ କାର୍ଯ୍ୟର ସୂଚନା ବୋର୍ଡ ନ ଥିବା, ଗଛ ଲଗାଯାଇଥିବା ସ୍ଥାନରେ ଗଛ ନ ଥିବା ଅଭିଯୋଗ ହୋଇଥିଲା। ସେହିପରି ଆଇଟିଡିଏ ଦ୍ୱାରା ମୋଟୁ ପଞ୍ଚାୟତର ବିନାୟକପୁର ଗ୍ରାମରେ ୩ ପର୍ଯ୍ୟାୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଛି। ୩ଟି ପର୍ଯ୍ୟାୟରେ ୩୦ ଲକ୍ଷ ୮୭ ହଜାର ୯୫୫ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ଏଠାରେ କାର୍ଯ୍ୟ ନ ହୋଇ ବିଲ୍ ହୋଇଥିବା ଜଣାପଡିଛି। ତେବେ କିଭଳି ଏତେ ଟଙ୍କାର କାର୍ଯ୍ୟ ହୋଇଥିଲେ ସୁଦ୍ଧା ତାର ମଷ୍ଟର ରୋଲ ପ୍ରସ୍ତୁତ କରା ନ ଯାଇ ଅନଲାଇନରେ ପେମେଣ୍ଟ କରାଗଲା ତାହା ତଦନ୍ତ କରାଯିବାକୁ ମତ ପ୍ରକାଶ ପାଇଥିଲା। ବିଭିନ୍ନ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହୋଇଥିବା କମ୍ୟୁନିଟି ସେଣ୍ଟର, କମ୍ୟୁନିଟି ପୋଖରୀ, ବ୍ୟକ୍ତିଗତ ପୋଖରୀ, ଗାଈ ଗୁହାଳ, ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ, ଧାନ ମଣ୍ଡି, ରାସ୍ତା, ଖେଳ ପଡିଆ ମରାମତି ଆଦି କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ସମୀକ୍ଷା ବେଳେ କେତେକ ଜିଆରଏସ ଓ ଅନ୍ୟ ଅଧିକାରୀ କାର୍ଯ୍ୟରେ ଖିଲାପ କରିଥିବା ଜଣାପଡିବାରୁ ସେମାନଙ୍କୁ ପଲ୍ଲିସଭାରେ ୨ ହଜାରରୁ ୫ ହଜାର ଟଙ୍କା ଜରିମାନା କରାଯାଇଥିଲା।

# ମାଓବାଦୀଙ୍କ ଉପରେ ଆଦିବାସୀ ବିକାଶ ସମିତିର ଅସନ୍ତୋଷ

**ମାଲକାନଗିରି,୨୬।୧୧ (ଡି.ଏନ.ଏ.)–**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକୁମା ଜିଲାରେ ମାଓବାଦୀଙ୍କ ବିରୋଧରେ ଅସନ୍ତୋଷ ପ୍ରକାଶ କରିଛି ଆଦିବାସୀ ବିକାଶ ସମିତି। ଏନେଇ ସୁକୁମା ଜିଲାର ବିଭିନ୍ନ ସ୍ଥାନରେ ଆଦିବାସୀ ବିକାଶ ସମିତି ପକ୍ଷରୁ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଛି। ଏହି ପୋଷ୍ଟରରେ ଉଲ୍ଲେଖ ଅଛି ଯେ, ବିକାଶ ରାସ୍ତାରେ ମାଓବାଦୀମାନେ ବାଧକ ସାଜୁଛନ୍ତି। ଶିକ୍ଷକମାନଙ୍କୁ ପୋଲିସ ସୂଚନାଦାତା ବୋଲି ସନ୍ଦେହରେ ହତ୍ୟା କରୁଛନ୍ତି। ସାଧାରଣ ଲୋକଙ୍କୁ ମଧ୍ୟ ସେମାନେ ସୂଚନାଦାତା ଭାବେ ହତ୍ୟା କରୁଛନ୍ତି। ଏହାକୁ ଆଦିବାସୀ ବିକାଶ ସମିତି ତୀବ୍ର ନିନ୍ଦା କରିଛି। ଆଗାମୀ ଦିନରେ ମାଓବାଦୀଙ୍କ ବିରୋଧରେ ଜୋରଦାର ଆନ୍ଦୋଳନ ହେବ। ବିକାଶର ରାସ୍ତାରେ ବାଧକ ସାଜି ଲୋକଙ୍କୁ ସେମାନଙ୍କ ମୌଳିକ ସୁବିଧାରୁ ବଞ୍ଚିତ କରୁଥିବା ମାଓବାଦୀ ସମାଜର ଶତ୍ରୁ ବୋଲି ଆଦିବାସୀ ବିକାଶ ସମିତି ପକ୍ଷରୁ କୁହାଯାଇଛି।

# ଅଧିକ ଧାନ କାଟ୍‌କୁ ଚାଷୀଙ୍କ ବିରୋଧ

**କୋରୁକୋଣ୍ଡା, ୨୬।୧୧(ଡି.ଏନ.ଏ)**

ମାଲକାନଗିରି ଜିଲା କୋରୁକୋଣ୍ଡା ସଦରରେ ହୋଇଥିବା ମଣ୍ଡିରେ ମଙ୍ଗଳବାର ଚାଷୀ ଅସନ୍ତୋଷ ଦେଖାଦେଇଛି। ମଣ୍ଡିରେ ୧୦/୧୨ କିଲୋ ଧାନ କାଟିବା ପାଇଁ ମିଲ ମାଲିକମାନେ ବାଧ୍ୟ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ଚାଷୀ ଆଣୁଥିବା ବସ୍ତାଗୁଡ଼ିକ ମିଲର ନେଇ ଯାଉଛନ୍ତି। ଗତ ଶୁକ୍ରବାରଠାରୁ ମଣ୍ଡି ଆରମ୍ଭ ହୋଇଥିଲେ ମଧ୍ୟ ଆଶାତୀତ ଭାବେ ମଣ୍ଡିରେ ଧାନ ବିକ୍ରି ହୋଇପାରିନାହିଁ। କେବଳ ଏଫଏକ୍ୟୁ କିସମ ଧାନ ନେବାକୁ ମିଲରମାନେ ଚାହୁଁଛନ୍ତି। ଫଳରେ ଏଯାଏ ୨/୩ ଜଣ ଚାଷୀଙ୍କ ଧାନ ବିକ୍ରି ହୋଇଛି। ଅନ୍ୟ କୌଣସି ଚାଷୀଙ୍କ ଧାନ ମଣ୍ଡିରୁ ଉଠୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ୫/୬ କିଲୋ ଧାନ କଟାଗଲେ ତାହାକୁ ଚାଷୀ ସହିଯିବେ। ମାତ୍ର ୧୦/୧୨ କିଲୋ ଧାନ କଟା ହେଲେ କୌଣସି ଚାଷୀଙ୍କ ଧାନ ମଣ୍ଡିରୁ ଉଠିବ ନାହିଁ ବୋଲି ଚାଷୀ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ସୋମବାର ମଣ୍ଡିରୁ ଟୋକନ ବ୍ୟବସ୍ଥା ଉଚ୍ଛେଦ ଦାବିରେ ଶତାଧିକ ଚାଷୀ ମାଲକାନଗିରି ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଥିବା ଧାନ ମଣ୍ଡିକୁ ବନ୍ଦ କରିଦେଇଥିଲେ। ଫଳରେ ମଣ୍ଡିରେ ଧାନ କ୍ରୟ ବନ୍ଦ ରହିଥିଲା। ଟୋକନ ବ୍ୟବସ୍ଥା ଉଚ୍ଛେଦ ସହ ବଳକା ଧାନ ବାହାରେ ବିକ୍ରି ପାଇଁ ସେମାନଙ୍କୁ ଅନୁମତି ଦେବାକୁ ଚାଷୀମାନେ ଦାବି କରିଥିଲେ।



ଅସନ୍ତୁଷ୍ଟ ଚାଷୀମାନେ ଧାନ କାଟ୍‌କୁ ବିରୋଧ କରୁଛନ୍ତି ।



ସପ୍ତଧାରାର ଆକର୍ଷଣୀୟ ପ୍ରାକୃତିକ ପରିବେଶ ।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ସପ୍ତଧାରା

**ଗୋବିନ୍ଦପାଲି,୨୬।୧୧(ଡି.ଏନ.ଏ.)**

ମାଲକାନଗିରି ଜିଲାର ପ୍ରବେଶ ଦ୍ୱାର ଗୋବିନ୍ଦପାଲି ନିକଟରେ ରହିଛି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ସପ୍ତଧାରା। ଏହାର ମନୋରମ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ନିକଟରେ ମୁଖ୍ୟମନ୍ତ୍ରୀ ନିଜ ଫେସବୁକ ପେଜ୍‌ରେ ଏହି ପ୍ରାକୃତିକ ପରିବେଶର ଏକ ଦୃଶ୍ୟକୁ ପୋଷ୍ଟ କରି ଫୋଟଟି କେଉଁଠିକାର ଦୃଶ୍ୟ ବୋଲି ଉଲ୍ଲେଖ କରିଥିଲେ। ଗୋବିନ୍ଦାପଲି ନିକଟରେ ଥିବା ଏହି ସ୍ଥାନକୁ ଜୟପୁରରୁ ଆସିଲେ ପଡ଼େ ୪୫କିମି। ଗୋବିନ୍ଦପାଲିରୁ ୫କିମି ଗଲେ ପର୍ଯ୍ୟଟକ ଭେଟନ୍ତି ସପ୍ତଧାରାର ଏହି ମନୋରମ ଦୃଶ୍ୟ। ମାଲକାନଗିରି ଜିଲା ଯେଉଁଠାରୁ ଆରମ୍ଭ ହେଇଛି ସେଠାରୁ ରାସ୍ତା ପାର୍ଶ୍ୱରେ ଲମ୍ବିଯାଇଛି ସପ୍ତଧରା ନଦୀ। ଅନେକ ଏଠାକୁ ପିକ୍‌ନିକ୍ କରିବାକୁ ଆସି ପ୍ରାକୃତିକ ସୌନ୍ଦର୍ଯ୍ୟର ଭରପୂର ମଜା ନେଇଥାନ୍ତି। ନଦୀର କୁଳୁକୁଳୁ ନାଦ ସହ ପକ୍ଷୀମାନଙ୍କ କିଚିମିଚିରି ଶବ୍ଦ ପର୍ଯ୍ୟଟକଙ୍କୁ ଏଠାରେ ଆନମନା କରେ। ଏଠାରେ ବନ ବିଭାଗ ଆଗାମୀ ଦିନରେ ଏକ ପାର୍କ ନିର୍ମାଣ କରିବା ଲାଗି ଯୋଜନା ରଖିଛି। ପାର୍କ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ହୋଇପାରିଲେ ଏହି ପର୍ଯ୍ୟଟନ ସ୍ଥଳୀର ଗୁରୁତ୍ୱ ଆହୁରି ବୃଦ୍ଧି ପାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ

**ଗୋବିନ୍ଦପାଲ୍ଲୀ,୨୬।୧୧(ଡି.ଏନ୍.ଏ.)–**ପୂର୍ବତନ ବୋର୍ଡ ପ୍ରାଥମିକ ବିଦ୍ୟାଳୟଠାରେ ରବିବାର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ କର୍ମକର୍ତ୍ତା ନିର୍ବାଚନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ଶିକ୍ଷକ ସଂଘ ସଭାପତି ରଞ୍ଜିତ ନାୟକ, ଜିଲା ଉପଦେଷ୍ଟା ନାରାୟଣ ଭୋଳ ଏବଂ ଜିଲା ସହ ସମ୍ପାଦକ କେଶବ ବେହେରା ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ମାଥିଲ ବ୍ଲକର ୧୫୦ରୁ ଅଧିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ସର୍ବ ସମ୍ମତିକ୍ରମେ ସଭାପତି ରୂପେ ଉମାକାନ୍ତ ଜେନା, ଉପ ସଭାପତି କୈଳାସ ଚନ୍ଦ୍ର ପଟ୍ଟନାୟକ, ପ୍ରମିଳା ମୁଦୁଲି, ସମ୍ପାଦକ ନାଗଭୂଷଣ ପଟ୍ଟନାୟକ, ସହ ସମ୍ପାଦକ ରୂପେ ଆର.ଭେଙ୍କେଟରମଣ, ଅର୍ଚ୍ଚନା ସେଠୀ, ମୁକ୍ତିକାନ୍ତ ବିଶ୍ୱାଳ, ରଘୁନାଥ ଡାକୁଆ ମନୋନୀତ ହୋଇଥିଲେ।


















# ପନିପରିବା ଚାଷରେ ସବୁଜଗୃହ



**ପ୍ରୀତିଲଗ୍ନା ଧଳ**





ବର୍ତ୍ତମାନ ଓଡ଼ିଶା ତଥା ଭାରତବର୍ଷରେ ଜନସଂଖ୍ୟା କ୍ରମାଗତ ଭାବରେ ବଢ଼ି ବଢ଼ି ଚାଲିଛି। ବାସଭୂମି ତଥା କଳକାରଖାନା ନିର୍ମାଣ ପାଇଁ ଚାଷଭୂମିଗୁଡ଼ିକ ମଧ ଧୀରେ ଧୀରେ ଲୋପ ପାଇ ବସିଲାଣି। ତେଣୁ ବହୁମାତ୍ରାରେ ଜନସଂଖ୍ୟାକୁ ଖାଦ୍ୟ ଯୋଗାଇବା ପାଇଁ ତଥା ହେକ୍ଟର ପିଛା ଫସଲର ଉତ୍ପାଦନ କ୍ଷମତା ବଢ଼ାଇବାକୁ ଆମେ ଅଦିନିଆ ପରିବା ଚାଷ, ତଥା ଆମ ନିୟନ୍ତ୍ରଣରେ ପରିବା ଚାଷ କରିବା ପାଇଁ ଆଗଭର ହୋଇପଡୁଛେ ଯେଉଁଥିପାଇଁ ସବୁଜଗୃହ ଏକମାତ୍ର ଉପାୟ।

**ଉପାଦେୟତା:**

-ସବୁଜ ଗୃହ ମଧ୍ୟରେ ତାପମାତ୍ରା, ଆଲୋକ, ଆର୍ଦ୍ରତା ତଥା ଅଙ୍ଗାରକାମ୍ଳକୁ ନିୟନ୍ତ୍ରଣ କରିହେବ।

-ଫସଲର ଗୁଣାତ୍ମକ ମାନ ବଢ଼ାଯାଇପାରିବ।

-ଫସଲରେ ରୋଗ ଓ ପୋକର ପରିମାଣ ବହୁତ ଭାବେ କମିଯିବ।

-ଉଚ୍ଚଗୁଣ ତଥା ମୂଲ୍ୟର ପରିବାଗୁଡ଼ିକ ରାଜ୍ୟ ତଥା ଦେଶ ବାହାରକୁ ରପ୍ତାନି କରିହେବ।

-ବିଭିନ୍ନପ୍ରକାର ସବୁଜଗୃହ ବିଭିନ୍ନ ପ୍ରକାର ପରିବେଶରେ ରାଜ୍ୟର ବର୍ଷାର ସ୍ଥିତି, ଭୌଗୋଳିକ ପରିସ୍ଥିତି ଏବଂ ଅଧିକ ଥଣ୍ଡା ପଡୁଥିବା ପାହାଡ଼ିଆ ଅଞ୍ଚଳରେ ମଧ ଚାଷ କରାଯାଇପାରିବ।

-ଉନ୍ନତ ମାନର ଚାରା ଗଛ ତଥା ଟିସୁକଲ୍‌ଚର୍ ଉତ୍ପାଦନ କରାଯାଇପାରିବ।

-ସବୁଜଗହୃ ମଧରେ ସୂର୍ଯ୍ୟକିରଣ ସିଧାସଳଖ ପଡୁ ନ ଥିବାରୁ ବାଷ୍ପୀକରଣ ପ୍ରକ୍ରିୟା କମିଯାଏ, ତେଣୁ ଜଳସେଚନର ଆବଶ୍ୟକତା ମଧ କମିଯାଏ।

-ସବୁଜ ଗୃହ ଷ୍ଟିଲ୍, କାଠ, ବାଉଁଶ ବା ଆଲୁମିନିୟମ୍ ଫ୍ରେମ୍ ତିଆରି ହୋଇ ପରଦାରେ ଢଙ୍କା ଯାଇଥାଏ। ତେଣୁ ୩୦-୭୫ ପ୍ରତିଶତ ତାପଶକ୍ତି ସବୁଜଗୃହ ମଧରେ ରହିଥାଏ। ତେଣୁ ସବୁଜଗୃହର ଉତ୍ତାପ, ବାହାର ଉତ୍ତାପ ଠାରୁ ବଢ଼ିଯାଏ। ୧୫-୩୦ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ଏବଂ ୬୦-୭୫% ଆପେକ୍ଷିକ ଆର୍ଦ୍ରତା ରହିଥାଏ।

**ବିଭିନ୍ନ ପ୍ରକାରର ସବୁଜ ଗୃହ:**

୧. ଅଳ୍ପ ଖର୍ଚ୍ଚ ବା ସ୍ୱଳ୍ପ ବୈଷୟିକ ପଦ୍ଧତି ସବୁଜଗୃହ:

-ଏହା କାଠ ବା ବାଉଁଶରେ ତିଆରି ହୋଇଥାଏ

-ପଲିଥିନ୍ ଘୋଡ଼ଣି ଭାବରେ ବ୍ୟବହାର କରାଯାଏ

-ଏହା ଉପରେ ପୁନଃ ବାଲିକାର ବ୍ୟବହାର କରାଯାଇ ଆଲୋକର ପରିମାଣକୁ କମ୍ କରାଯାଇପାରେ

-ବର୍ଗମିଟର ପିଛା ୭୫୦/-ରୁ ୧୦୦୦/- ଖର୍ଚ୍ଚ ହୁଏ।

-ଏହା ଫସଲକୁ ବର୍ଷା ଦାଉରୁ ରକ୍ଷା କରେ

-ଉତ୍ତାପ ମଧ୍ୟ ବଢ଼ାଇଥାଏ

-ବର୍ଗମିଟର ପିଛା ୨୫୦ରୁ ୪୫୦ ଟଙ୍କା ଖର୍ଚ୍ଚ ହୁଏ।

୨. ମଧ୍ୟମ ଖର୍ଚ୍ଚ ବା ମଧ୍ୟମ ବୈଷୟିକ ଭିତ୍ତିକ ସବୁଜ ଗୃହ:

-ଏହା ଗାଲ୍‌ଭାନାଇଜଡ୍ ଆଇରନ୍ ପାଇପ ଦ୍ୱାରା ପ୍ରସ୍ତୁତ ହୋଇଥାଏ

-ପଲିଥିନ ଘୋଡ଼ଣୀ ମଧ୍ୟ ଦିଆଯାଇଥାଏ

-ଏହା ଶୁଷ୍କ ଜଳବାୟୁ ପାଇଁ ଉପଯୁକ୍ତ

୩. ଉଚ୍ଚ ଖର୍ଚ୍ଚ ବା ବୈଷୟିକଭିତ୍ତିକ ସବୁଜ ଗୃହ

-ସ୍ୱୟଂଚାଳିତ ନିୟନ୍ତ୍ରଣ ବ୍ୟବସ୍ଥା, କମ୍ପ୍ୟୁଟର ଓ ବିଭିନ୍ନ ପ୍ରକାର ସେନ୍‌ସର ଦ୍ୱାରା ସମ୍ଭବ। ଯେକୌଣସି ଜଳବାୟୁରେ ଏହା ଉପଯୁକ୍ତ। ୧୫୦୦/-ରୁ ୨୦୦୦/- ପ୍ରତି ବର୍ଗମିଟର ପିଛା ଖର୍ଚ୍ଚ ହୋଇଥାଏ।

- ଓୟୁଏଟି, ଭୁବନେଶ୍ୱର

## ସଜନା



ଆମ ରାଜ୍ୟର ଜଳବାୟୁରେ ଡିସେମ୍ବର ମାସ ପର୍ଯ୍ୟନ୍ତ ସଜନା ଗଛ ଲଗାଯାଇପାରିବ। ପି.କେ. ଏମ୍ -୧ କିସମ ଲଗାନ୍ତୁ। ଏକରକୁ ଅଢେଇ ଶହ ଗ୍ରାମ୍ ବିହନ ଦରକାର। ମଞ୍ଜିକୁ ସିଧା ଗାତରେ ଲଗାନ୍ତୁ ବା ଜରି ମୁଣାରେ ଚାରା ତିଆରି କରନ୍ତୁ। ୨.୫ x ୨.୫ ମିଟର ଦୂରତାରେ ୦.୪୫ x ୦.୪୫ x ୦.୪୫ ମିଟର ଗାତ କରନ୍ତୁ। ଗାତ ପ୍ରତି ୧୦ କେଜି ଖତ ଓ ୧୦୦ ଗ୍ରାମ୍ ନିମ୍ବ ପିଡିଆ ଦେଇ ମଞ୍ଜି ଲଗାନ୍ତୁ କିମ୍ବା ୧୦ x ୫ ସେମି ଜରି ମୁଣାରେ ତିଆରି ୪୦ ଦିନର ତଳି ପୋତନ୍ତୁ।

## ଗେଣ୍ଡୁ ଫୁଲର ଉନ୍ନତ କିସମ



ଶୀତଦିନିଆ ଗେଣ୍ଡୁଫୁଲ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଉନ୍ନତ କିସମ ବିହନ ଯଥା ଆଫ୍ରିକାନ୍ ଜାଏଣ୍ଟ୍ ଡବଲ ୟେଲୋ, ଡବଲ ଅରେଞ୍ଜ, ଫ୍ରେଞ୍ଚ୍ କିସମ ସେରାକୋଲା, ଏନ୍‌କା ୟେଲୋ ଓ ଏନ୍‌କା ଗୋଲ୍‌ଡ ଆଦି କିସମ ବ୍ୟବହାର କରନ୍ତୁ। ଏକର ପ୍ରତି ୬୦୦ ଗ୍ରାମ୍ ବିହନ ବ୍ୟବହାର କରନ୍ତୁ କିମ୍ବା ଗଛଖଣ୍ଡରୁ ଚାରା ପ୍ରସ୍ତୁତ କରି ଧାଡିକୁ ଧାଡି ୩୦ରୁ ୪୦ ସେମି ଓ ଗଛକୁ ଗଛ ୩୦ ସେମି ବ୍ୟବଧାନରେ ରଖନ୍ତୁ। ଏକର ପ୍ରତି ଶେଷ ଓଡ ଚାଷ ସମୟରେ ଅନୁମୋଦିତ ୪୦ କେଜି ଯବକ୍ଷାରଜାନର ଅଧା, ୮୦ କେଜି ଫସ୍‌ଫରସ୍ ଓ ୮୦ କେଜି ପଟାସ୍ ସାର ବ୍ୟବହାର କରନ୍ତୁ। ଗେଣ୍ଡୁ ଗଛରେ ହେଲିଓଥିସ୍ ଏବଂ ଆମେରିକୀୟ ପତ୍ର, ସୁଡଙ୍ଗକାରୀ ପୋକ ତଥା ଅଷ୍ଟପଦୀ ଲାଗିବାର ଆଶଙ୍କା ଅଛି। ଏଥିପାଇଁ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲ୍‌ଫାନ୍ ଏବଂ ଅଷ୍ଟପଦୀ ଦମନ ପାଇଁ ଏକର ପ୍ରତି ୬୦୦ ମିଲି ଡିକୋଫଲ୍ ସ୍ପ୍ରେ କରନ୍ତୁ।




ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଏରସମାବାସୀଙ୍କୁ ମୋର ଅଭିନନ୍ଦନ। ସମସ୍ତଙ୍କ ନିରାମୟ ଜୀବନ କାମନା କରୁଛି।

**ରଙ୍ଗାଧର ରାଉତ**

ଯୁବ ନେତା



ଏହି ପବିତ୍ର ଅବସରରେ ପ୍ରଭୁ ଜଗନ୍ନାଥଙ୍କ କୃପାରୁ ବାଲିକୁଦା-ଏରସମାବାସୀ ସୁଖ ସମୃଦ୍ଧି ଲାଭ କରନ୍ତୁ, ଏତିକି କାମନା।

**ଅନୀଲ କୁମାର ରାଉତ**

ସମିତି ସଭ୍ୟ, ସୋମପୁର



ଧରିତ୍ରୀ ସ୍ୱନକ୍ଷତ୍ର ଅବସରରେ ଏରସମାବାସୀଙ୍କ ଚଳାପଥ ପ୍ରଭୁଙ୍କ ଦୟାରୁ କୁସୁମିତ ହେଉ।

**ମହେଶ୍ୱର ସ୍ୱାଇଁ**

ଚେୟାରମ୍ୟାନ୍, ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ର, ମକରଧ୍ୱଜ ପବ୍ଲିକ ସ୍କୁଲ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ଏହାର ଅଗଣିତ ପାଠିକା ପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।



**ହୋଟେଲ ଗରମା ଗରମ**

ଟ୍ରାଫିକ୍ ଛକ, ବାରିପଦା



ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ କ.ନୂଆଗାଁ ବ୍ଲକର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

**ସୁଲୋଚନା ଦଳବେହେରା**

ବ୍ଲକ ଅଧକ୍ଷା, କ.ନୂଆଗାଁ

ଓଡ଼ିଶାର ସର୍ବାଗ୍ରେ ରହିଥିବା ଦୈନିକ ଖବର କାଗଜ ଧରିତ୍ରୀର ୪୬ତମ ଜନ୍ମବାର୍ଷିକରେ

**ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ କୁନ୍ଦୁରା**

ଅଧାପକ, ଅଧାପିକା, ଅଧକ୍ଷା, ଅଧକ୍ଷ ଏବଂ ଛାତ୍ରୀଛାତ୍ରଙ୍କ ତରଫରୁ ଅଜସ୍ର ଶୁଭେଚ୍ଛା।

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ଏହାର ଅଗଣିତ ପାଠିକା ପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।



**ଇଂ କ୍ଷୀରୋଦ ବେହେରା**

ଅଧୀକ୍ଷଣ ଯନ୍ତ୍ରୀ, ନେସ୍କୋ, ମୟୂରଭଞ୍ଜ



ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ଚଳିତ ବର୍ଷ ଆମ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀମାନଙ୍କ ସଫଳତା ପାଇଁ ପ୍ରଭୁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା।

**ସୁରେଶ ଚନ୍ଦ୍ର ପାଇଟାଳ**

ପ୍ରଧାନଶିକ୍ଷକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଢୁଲି



ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ କ.ନୂଆଗାଁ ବ୍ଲକ ତଥା କନ୍ଧମାଳ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

**କୃଷ୍ଣମୋହନ ପାଣିଗ୍ରାହୀ**

ଜିଲ୍ଲା ବିଜେଡି ସମ୍ପାଦକ



ଧରିତ୍ରୀ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାର ଓ ବାଲିକୁଦା-ଏରସମାବାସୀଙ୍କୁ ମୋର ଅଭିନନ୍ଦନ।

**ତପନ ଗଛାୟତ**

ଯୁବନେତା ତଥା ସରପଞ୍ଚ, ଜପା

PINGALAKHI PUBLIC WELFARE ORGANISATION (PPWO)

Admn. Office : At/P.O. - Nimapara (Jayashree Sqr.) , Dist-Puri, Pin - 752106, Odisha, India

Ph.No. - 06758-252065, 252952, Mob : 09692421336, 09861006209

E-mail : pingalakhi@gmail.com, nppwo12345@gmail.com

Registered under the SRA, FCRA, PWD and NT ACT.

**Services Offered :-**

1. D. Ed. Spl. Ed. (HI), (VI) and (CP)
2. B. Ed. Spl. Ed. (HI) and (VI)
3. RD Higher Secondary School for the PwVD
4. School for the Deaf
5. Ekalavya Shiksha Kendra
6. Pingalakhi Seva Sadan
7. Therapeutic and Rehalitative Centre for Childrens with ID
8. A Centre for Children with Autism
9. Speech, Physiotherapy and Occupational Therapy

Sd./- President
Pingalakhi Public Welfare Organisation, Denua

**ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ରାୟଗଡ଼ା**

ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି କି ରାୟଗଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ କୌଣସି କାମ ଥିଲେ ଅନ୍‌ଲାଇନ୍ କରି କାଉଣ୍ଟରରେ ଥିବା କିରାଣିଙ୍କ ପାଖରେ କାଗଜପତ୍ର ଜମା କରନ୍ତୁ। କାମରେ କୌଣସି ଅସୁବିଧା ହେଲେ ଆର୍.ଟି.ଓ. କିମ୍ବା ଏମ୍.ଭି.ଆଇ.ଙ୍କୁ ଦେଖାକରି ସମସ୍ୟାର ସମାଧାନ କରନ୍ତୁ। କୌଣସି ଦଲାଲଙ୍କ ସହଯୋଗ ନିଅନ୍ତୁ ନାହିଁ କିମ୍ବା ରସିଦ୍‌ଠାରୁ ଅଧିକା ଟଙ୍କା କାହାକୁ ଦିଅନ୍ତୁ ନାହିଁ। ଜନସାଧାରଣ କିପରି ଶୀଘ୍ର ଓ ସୁରୁଖୁରୁରେ ଆର୍‌ଟିଓ ଅଫିସ୍‌ରେ କାର୍ଯ୍ୟ କରିପାରିବେ ସେଥିପାଇଁ ଆର୍‌ଟିଓ, ରାୟଗଡ଼ା ଓ ତାଙ୍କ ଷ୍ଟାଫ୍ ସମସ୍ତ ସହଯୋଗ କରିବା ପାଇଁ ବଦ୍ଧପରିକର ଅଛନ୍ତି।

**ଦିଲୀପ କୁମାର ଦଳେଇ**

ଆଞ୍ଚଳିକ ପରିବହନ ଅଧିକାରୀ, ରାୟଗଡ଼ା

ଶୁଭେଚ୍ଛା

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ଅନେକ ଶୁଭ କାମନା। ସତ୍ୟ ଓ ନିର୍ଭୀକ ଖବର ପରିବେଷଣ କରୁଥିବାରୁ ଧରିତ୍ରୀ ସବୁଠାରେ ଆଦୃତ ହୋଇପାରିଛି। ଏହାର ଉତ୍ତରୋତ୍ତର ଉନ୍ନତି କାମନା ପାଇଁ ମାଁ ସମଲେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା।



**ହରିଶ୍ଚନ୍ଦ୍ର ଦାସ**

(ସମ୍ପାଦକ), ଆଦର୍ଶ ଶିଶୁ ମନ୍ଦିର/ ଜାଗୃତୀ ବିଦ୍ୟାମନ୍ଦିର, ସମ୍ବଲପୁର

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।



**ଚକ୍ରମଣି କହଁର**

ବିଧାୟକ, ବାଲିଗୁଡ଼ା